R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୫୫
ତିଥି : ତ୍ରୟୋଦଶୀ
୦୫ ଅକ୍ଟୋବର ୨୦୨୫, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 355
05 October 2025, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଦୁର୍ଗା ମେଢ଼ ଭସାଣିରେ ଗୋଷ୍ଠୀ ସଂଘର୍ଷ

# ୬ ଗୁରୁତର, ସମ୍ପୃକ୍ତ ୬ ଗିରଫ



▲ ଡିସିପିଙ୍କ ସମେତ ୩ କନେଷ୍ଟବଲ ଆହତ
▲ ସୋମବାର ଭିଏଚ୍‌ପିର କଟକ ବନ୍ଦ ଡାକରା
▲ ଫ୍ଲାଗ୍ ମାର୍ଚ୍ଚ, ପରିସ୍ଥିତି ନିୟନ୍ତ୍ରଣାଧୀନ

କଟକ, ୪।୧୦ (ସବ୍ୟୁ) : ଭାଇଚାରା ସମ୍ପର୍କରେ ଆସିଛି ଫାଟ । ଦୁର୍ଗା ମେଢ ଭସାଣି ବେଳେ ରକ୍ତାକ୍ତ ଘଟିଛି ଗୋଷ୍ଠୀ ସଂଘର୍ଷ । ୨ ଗୋଷ୍ଠୀ ମଧ୍ୟରେ ରେ ଢେଲା ଓ କାଚ ବୋତଲ ମାଡ଼ କରାଯାଇଛି । ଏଥିରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ଦରଘାବଜାର ଥାନା ଅଞ୍ଚଳରେ ଗଣ୍ଡଗୋଳ ପରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହା ପରେ ଢେଲା ଓ କାଚ ବୋତଲ ମାଡ଼ କରିଥିଲେ ଉଭୟ ଗୋଷ୍ଠୀ । ଏଥିରେ ଡିସିପି ଋଷିକେଷ ଖିଲାରି ବି ଆହତ ହୋଇଥିବା ସୂଚନା ମିଳିଛି । ପଥର ମାଡରେ ତାଙ୍କ ଆଖିପତା ଫାଟି ଯାଇଛି । ସେହିପରି ୩ କନେଷ୍ଟବଲଙ୍କ ମୁଣ୍ଡ ଫାଟିଥିବା ଜଣାପଡିଛି । ଆଜି ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଚଢ଼ଉ ଜାରି ରଖିଛି । ଘଟଣାସ୍ଥଳରେ ଅତିରିକ୍ତ କମିଶନର ନରସିଂହ ଭୋଳ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଛନ୍ତି ।

ପୁଲିସ ସୂଚନା ଅନୁସାରେ, ଗତକାଲି ଗଣ୍ଡଗୋଳ ସ୍ଥଳରେ ସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଲାଠିମାଡ କରିଥିଲା । ରାତି ପ୍ରାୟ ୨ଟା ସମୟରେ ଝାଞ୍ଜିରମଙ୍ଗଳା ଭାଗବତ ପୂଜା କମିଟିର ପ୍ରତିମା ଶୋଭାଯାତ୍ରାରେ ବିସର୍ଜନ ପାଇଁ ଦେବୀଗଡା ଅଭିମୁଖେ ଯାଉଥିଲା । ଶୋଭାଯାତ୍ରାରେ ବାଜୁଥିବା ନିର୍ଦ୍ଦିଷ୍ଟ ଗୀତକୁ ବିରୋଧ କରିଥିଲେ ସ୍ଥାନୀୟ ଲୋକ । ଏହାପରେ ଦରଘାବଜାର ଜେଲ ରୋଡର ଏକ ନିର୍ଦ୍ଦିଷ୍ଟ ଦିଗରୁ ହଠାତ ଢେଲା ପଥର ମାଡ଼ ହୋଇଥିଲା । ଏହା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ହୋଇଥିଲା ଢେଲା ଓ କାଚ ବୋତଲ ମାଡ । ସେଠାରେ ଥିବା ଗାଡି ମୋଟର ବି ଭାଙ୍ଗିରୁଜି ଯାଇଛି ।

ପରିସ୍ଥିତି କିଛି ସମୟ ଶାନ୍ତ ପଡିବା ପରେ ରାଉସାପାଟଣା ମେଢ ଆସିବା ବେଳେ ପୁଣି ଢେଲା ପଥର ମାଡ ହୋଇଥିଲା । ପ୍ରତିବାଦରେ (୯ ପୃଷ୍ଠାରେ)

## ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀର ତଦନ୍ତ କରିବ କ୍ରାଇମବ୍ରାଞ୍ଚ

# ଗିରଫ ହେଲେଣି ୧୧୮

ଭୁବନେଶ୍ୱର/କଟକ, ୪।୧୦ (ସବ୍ୟୁ) : ଏସ୍‌ଆଇ ନିଯୁକ୍ତି ପରୀକ୍ଷା ମହାକେଳେଙ୍କାରୀର ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ । ୪ ଦିନ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ ନାଥ କହିଛନ୍ତି। ଆଉ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଗିରଫ ଦଲାଲ ନାଁ ବିଶ୍ୱ ରଞ୍ଜନ ବେହେରା। ବିଶ୍ୱ ରଞ୍ଜନକୁ ମିଶାଇ ସମୁଦାୟ ୧୧୮ ଜଣ ଗିରଫ ହେଲେଣି । ସେହିପରି ରାଜ୍ୟ ସରକାର ବାତିଲ ହୋଇଥିବା ପରୀକ୍ଷା ସମ୍ପର୍କରେ ରିପୋର୍ଟ ମାଗିଛନ୍ତି । ୨୦୨୪ ଜୁନ୍‌ରୁ ଆଜିଯାଏ ବାତିଲ ହୋଇଥିବା ପରୀକ୍ଷା ସମ୍ପର୍କରେ ଆଜିସୁଦ୍ଧା ରିପୋର୍ଟ ଦେବାକୁ ନିଯୁକ୍ତି ବୋର୍ଡ ଓ ଆୟୋଗଙ୍କୁ କୁହାଯାଇଛି ।

### ବାତିଲ ପରୀକ୍ଷାର ରିପୋର୍ଟ ମାଗିଲେ ସରକାର

ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ଘୋଟାଲା ପାଇଁ ସ୍ୱତନ୍ତ୍ର ସିଣ୍ଡିକେଟ୍ କାମ କରୁଥିଲା। ଚାକିରି ଆଶାୟୀଙ୍କ ଠାରୁ ୨୫ ଲକ୍ଷ ଲେଖାଏଁ ଟଙ୍କାରେ ଚେକ ସାଙ୍ଗକୁ ଓରିଜିନାଲ ସାର୍ଟିଫିକେଟ ସଂଗ୍ରହ କରୁଥିଲେ ଦଲାଲ। ବିଶ୍ୱ ରଞ୍ଜନଙ୍କୁ ବିଦ୍ୟାଧରପୁରରୁ ଗିରଫ କରାଯିବା ବେଳେ ଆଶାୟୀଙ୍କ ଓରିଜିନାଲ ସାର୍ଟିଫିକେଟ୍ ଓ ଚେକ ପ୍ରଭୃତି ଜବତ ହୋଇଛି। ବିଶ୍ୱ ରଞ୍ଜନ ପୂର୍ବରୁ ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲ ଗିରଫ ହୋଇଛନ୍ତି। ଏମାନେ ଗିରଫ ହୋଇଥିବା ବେଳେ ନିଯୁକ୍ତି ଘୋଟାଲର କାର୍ପୋରେଟ୍‌ଦାର ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କ ପତ୍ତା ପାଉନି ପୋଲିସ। ସେମାନେ କୁଆଡେ ଗଲେ ଓ (୯ ପୃଷ୍ଠାରେ)

## ଗଜପତିରେ ଭୂସ୍ଖଳନରେ ବ୍ୟାପକ କ୍ଷୟକ୍ଷତି

# ୪ ମୃତ, ବାପ-ପୁଅ ନିଖୋଜ

ପାରଳାଖେମୁଣ୍ଡି, ୪।୧୦ (ସବ୍ୟୁ): ଲଘୁଚାପ ପ୍ରଭାବରେ ଗଜପତି ଜିଲ୍ଲାରେ ପ୍ରକୃତିର କରାଳ ରୂପ ଜନିତ ପ୍ରବଳ ବର୍ଷାରେ ବଡ଼ ବିପର୍ଯ୍ୟୟ ଘଟିଯାଇଛି । ତିନିଦିନ ଧରି ଲାଗି ରହିଥିବା ମୂଷଳଧାରା ବର୍ଷା ଯୋଗୁଁ ଗଜପତି ଜିଲ୍ଲାର ଚାରିଟି ବ୍ଲକରେ ଭୂସ୍ଖଳନ ସହିତ ପାହାଡ଼ ଧସି ଏବଂ ପାହାଡ଼ରୁ ପ୍ରବଳ ପାଣି ସୁଅ ଯୋଗୁଁ ୪ ଜଣଙ୍କ ମୃତ୍ୟୁ ଘଟିଛ । ଅନେକ ଅଞ୍ଚଳରେ ଚାଷ, ବାସ, ଗୃହପାଳିତ ପଶୁ, ଘର ଦାର, ରାସ୍ତା ଘାଟ ଆଦିର ବିଶେଷ କ୍ଷତି ଘଟିଛ । ଏହି ଜିଲ୍ଲାର ପେକେଟଗାଁରେ ବାପା ପୁଅ ଦୁଇଜଣ ଚାଷ ଜମିରେ କାର୍ଯ୍ୟ କରୁଥିବାବେଳେ ପାହାଡ଼ ଧସି ନିଖୋଜ ଅଛନ୍ତ ।ଗତ ଦୁଇ ଦିନ ଧରି ଏମାନଙ୍କୁ ଉଦ୍ଧାର ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛ । ହେଲେ ଦୁଇ ଜଣଙ୍କର କୌଣସି ସନ୍ଧାନ ମିଳିପାରିନାହିଁ ।ଅଞ୍ଚଳବାସୀ ପାହାଡ଼ ଧସିବା ଯୋଗୁଁ ପ୍ରବଳ ମାଟି ଅତଡ଼ା ଖସି ଦୁଇଙ୍କ ନିଶ୍ଚିତ ମୃତ୍ୟୁ ଘଟିଛି ବୋଲି ପ୍ରକାଶ କରି ଏହି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଅତ୍ୟଧିକ ପରିମାଣରେ ପାହାଡ଼ ଧସିବା ଯୋଗୁଁ ପ୍ରବଳ ମାଟି ଅତଡ଼ା ଓ ପଥର ପ୍ରାୟ ୧୦ ଫୁଟରୁ ଉର୍ଦ୍ଧ୍ୱ ପଡିଛି । ପ୍ରଶାସନ ତରଫରୁ ଲଗାତାର ଭାବେ ବହୁ ଚେଷ୍ଟା କରାଯାଉଛ । ହେଲେ ବାପା-ପୁଅ ଦୁଇ ଜଣଙ୍କ କୌଣସି ସନ୍ଧାନ ମିଳିପାରୁନାହିଁ. ପ୍ରବଳ ମାଟି ଅତଡ଼ା ତଳେ ଦୁଇଙ୍କ ମୃତ୍ୟୁ ଘଟିଥିବା ନିଶ୍ଚିତ । ଏହି ଦୁଇ ଜଣରାୟଗଡ଼ ବ୍ଲକ ମାର୍ଲବା ପଞ୍ଚାୟତ ପେକଟଗାଁରେ ଚାଷଜମିରୁ ଫେରିବା ବେଳେ ବାପ କାର୍ତ୍ତିକ ଶବର ଓ ପୁଅ ରାଜିକ ଶବରଙ୍କୁ ପାଦତଳୁ ମାଟି ସହ ପାହାଡ଼ ଧସି ପଡିବା ଯୋଗୁଁ ଚାପି ହୋଇଯାଇଥିଲେ । ଶନି ବାର ସୁଦ୍ଧ ୩ ଦିନ ଧରି ଉଦ୍ଧାର କାର୍ଯ୍ୟ ଚାଲିରହିଛି । ବ୍ରହ୍ମପୁର ଅଗ୍ନିଶମ ବିଭାଗର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଓଡ୍ରାଫ ଓ ପୁଲିସର କର୍ମଚାରୀଙ୍କ ସହ ମିଳିତ ଭାବେ ଛଅଟି ଟିମରେ (୯ ପୃଷ୍ଠାରେ)

## ଉପରାଷ୍ଟ୍ରପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୪।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଗସ୍ତରେ ଯାଇ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ତାଙ୍କର ଏହି ଗସ୍ତ ଅବସରରେ ସେ ମଧ୍ୟ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଭେଟିଛନ୍ତି ।

ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ (୯ ପୃଷ୍ଠାରେ)

## ଦୁର୍ଗାମେଢ଼କୁ ମିଳିବ ୭ କୋଟିର ସହାୟତା

ଭୁବନେଶ୍ୱର, ୪।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ଦଶହରା ଦୁର୍ଗାମେଢ଼ଙ୍କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଦୁର୍ଗାମେଢ଼କୁ ୩ ଗୋଟି ବର୍ଗରେ ବିଭକ୍ତ କରାଯାଇ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ ।

କ ବର୍ଗରେ ଐତିହ୍ୟ ସମ୍ପନ୍ନ ଦୁର୍ଗାମେଢ଼ - ଏହି ବର୍ଗରେ ୨୧୫ଟି ମେଢ଼କୁ ୨ କୋଟି ୧୭ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ । (ପ୍ରତ୍ୟେକ ଐତିହ୍ୟ ସମ୍ପନ୍ନ ମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ଖ ବର୍ଗରେ ୭୫ ବର୍ଷ ପୁରୁଣା ଦୁର୍ଗାମେଢ଼- ଏହି ବର୍ଗରେ ୧୯୭ଟି ମେଢ଼କୁ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ । ( ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୭୫ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ଗ ବର୍ଗରେ ୫୦ ବର୍ଷ ପୁରୁଣା ଦୁର୍ଗାମେଢ଼ - ଏହି (୯ ପୃଷ୍ଠାରେ)

## ପୁଣି ୩ କୋଟିର ମାରିଜୁଆନା ଜବତ

ଭୁବନେଶ୍ୱର, ୪।୧୦ (ସବ୍ୟୁ): ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣି ୩ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି। ଏହା ପୂର୍ବରୁ ଦୁଇ ପର୍ଯ୍ୟାୟରେ ୨୪ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି।

ଶନିବାର ବ୍ୟାଙ୍କକରୁ ଭୁବନେଶ୍ୱର ଆସିଥିବା ବିମାନର ଜଣେ ଯାତ୍ରୀଙ୍କ ଠାରୁ କଷ୍ଟମ୍ସ ବିଭାଗ ୩ କେଜି ୨୦୦ ଗ୍ରାମ୍ ମାରିଜୁଆନା ତବତ କରିଛି। ଯାହାର ମୂଲ୍ୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଉଛି । ଯେଉଁ ଯାତ୍ରୀ କଷ୍ଟମ୍ସ ପାଖରେ ଅଛି ତାର ଘର କେରଳରୁ ବୋଲି ସୂଚନା ମିଳିଛି। କଷ୍ଟମ୍ସ ଗୁଇନ୍ଦା ଏସମ୍ପର୍କରେ ସୂଚନା ପାଇବା ପରେ ଅପରେସନ ହୋଇଥିଲା । ଯେଉଁ ଯାତ୍ରୀଠାରୁ ମାରିଜୁଆନା ଜବତ ହୋଇଛି ତାହା ସେ (୯ ପୃଷ୍ଠାରେ)

T-

### ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ


ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା. **06/10/2025** ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ


OIPR : 09014/11/0196/2526






# ଅନ୍ତର୍ଜାତୀୟ ଶିକ୍ଷକ ଦିବସ

ୟୁନେସ୍କୋ ଓ ଏଜୁକେସନ ଇଉନେସନାଲ ଆନୁକୂଲ୍ୟରେ ୧୯୯୪ରୁ ପ୍ରତିବର୍ଷ ଅକ୍ଟୋବର ୫ରେ ବିଶ୍ୱ ସ୍ତରରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶିକ୍ଷକ ଦିବସ । ଭବିଷ୍ୟତର ପିଢ଼ିକୁ ଗଢ଼ିବାରେ ଶିକ୍ଷକ ସମାଜର ଅବଦାନକୁ କେହି ଅସ୍ୱୀକାର କରିପାରିବେନାହିଁ । ତେଣୁ ଶିକ୍ଷକ ମାନଙ୍କ ସମ୍ମାନାର୍ଥେ ଶହେରୁ ଅଧିକ ଦେଶରେ ଏହି ଦିବସ ପାଳନ କରାଯାଉଛି । ଶିକ୍ଷା ପରମ୍ପରାରେ ଅତିବ ଗୁରୁତ୍ୱପୂର୍ଣ୍ଣ ଭାବେ ଗୁରୁ ପରମ୍ପରାର ଏକ ବିଶେଷ ନୀତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସିନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି । ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ ।



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ମୋ : ୯୪୩୭୦୫୧୯୫୭

## ଆଜି ଜନ୍ମଦିନ
# ବାଜି ରାଉତ



୧୯୨୬ ମସିହା ଅକ୍ଟୋବର ୫ ତାରିଖ ଦିନ ବାଜି ରାଉତ ଢେଙ୍କାନାଳ ଜିଲ୍ଲାର ନିଳକଣ୍ଠପୁର ଗ୍ରାମରେ ଏକ ଗରିବ ଖଣ୍ଡାୟତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ପିଲାବେଳୁ ବାପାଙ୍କୁ ହରାଇ ମା'ଙ୍କ ଦ୍ୱାରା ପ୍ରତିପାଳିତ ହୋଇଥିଲେ । ମା' ଅନ୍ୟଘରେ ପାଇଟିକରି ତାଙ୍କୁ ପାଳୁଥିଲେ । ହେତୁ ପାଇଲା ପରେ ସେତେବେଳର ଢେଙ୍କାନାଳର ରାଜା ଶଙ୍କର ପ୍ରତାପ ସିଂହଦେଓ ଗରିବମାନଙ୍କ ଉପରେ ଅତ୍ୟାଚାର କରୁଥିବାର ସେ ଅନୁଭବ କରିଥିଲେ । ପରେ ଢେଙ୍କାନାଳର ବୈଷ୍ଣବ ଚରଣ ପଟ୍ଟନାୟକ (ବୀର ବୈଷ୍ଣବ ନାମରେ ଜଣା) ଯେତେବେଳେ ରାଜାଙ୍କ ବିରୋଧରେ ପ୍ରଜାମଣ୍ଡଳ ଆରମ୍ଭ କରିଥିଲେ, ସେତେବେଳେ ବାଜି ସେହି କୋମଳ ବୟସରେ ସେଥିରେ ଯୋଗ ଦେଇଥିଲେ । ଇଂରେଜ ସରକାରଙ୍କ ରାଜତ୍ୱ କାଳରେ ଭାରତବର୍ଷରେ ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସାଧାରଣ ପ୍ରଜାମାନେ ବିଭିନ୍ନ ଭାବରେ ଶୋଷଣ ଓ ଅତ୍ୟାଚାରରେ ଜର୍ଜରିତ ହେଉଥିଲେ । ସେତେବେଳେ ଇଂରେଜ ସରକାର ତାଙ୍କର ଶାସନ ପ୍ରଣାଳୀକୁ ସରଳ କରିବା ଉଦ୍ଦେଶ୍ୟରେ ସମଗ୍ର ଓଡ଼ିଶାକୁ ଦୁଇ ଭାଗରେ ବିଭକ୍ତ କରି ମୋଗଲବନ୍ଦୀ ଏବଂ ଗଡ଼ଜାତ ଅଞ୍ଚଳ ଭାବରେ ନାମିତ କରିଥିଲେ । ଏହି ଦୁଇଭାଗ ମଧ୍ୟରୁ ଗଡଜାତ ଅଞ୍ଚଳର ପ୍ରଜାମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡୁଥିଲା । ସେହି ସମୟରେ ମୁଣ୍ଡ ଟେକିଥିଲା ଗଡଜାତ ଆନ୍ଦୋଳନ । ୧୯୩୮ ମସିହା ଅକ୍ଟୋବର ମାସ ୧୧ ତାରିଖ ଅନ୍ଧାରିଆ ରାତିରେ ପ୍ରଜାମଣ୍ଡଳର କେତେଜଣ ସ୍ୱେଚ୍ଛାସେବୀଙ୍କ ସହ ବ୍ରାହ୍ମଣୀ ନଦୀ ଘାଟରେ ଡଙ୍ଗା ଜଗି ରହିଥିଲେ ବାଳକ ବାଜି ରାଉତ, ସେ ପ୍ରଜାମଣ୍ଡଳର ସିପାହୀ ସାଜିଥିଲେ । ଘାଟ ଡଙ୍ଗା ଜଗିବା ସେଦିନ ତାଙ୍କର ପାଳିଥିଲା । କାରଣ ପ୍ରଜାମଣ୍ଡଳର ହୁକୁମ ଥିଲା, ନଦୀଘାଟରୁ ଦୂରରେ ଡଙ୍ଗା ଲୁଚେଇ ରଖିବ, ଗୋରା ଫଉଜମାନେ ଯେପରି ନଦୀ ପାର ନହୁଅନ୍ତି, ସେମାନଙ୍କ ଗତିବିଧି ଉପରେ ନଜର ରଖି କ୍ୟାମ୍ପକୁ ଖବର ଦେବ । ଏଥିସହିତ ପ୍ରଜାମଣ୍ଡଳର ସାଥୀଙ୍କୁ ନିରାପଦରେ ପାରି କରାଇବ । ଆଶଙ୍କାକୁ ସତ କରି ପୋଲିସମାନେ ପ୍ରଜାମଣ୍ଡଳ ଆନ୍ଦୋଳନ ଦମନ କରିବାକୁ ଆସିଲେ । ମାତ୍ର ସେମାନଙ୍କ ଆଦେଶ ସତ୍ତ୍ୱେ ବାଜି ରାଉତ ଘାଟରୁ ଡ଼ଙ୍ଗା ଫିଟାଇଲେ ନାହିଁ । ପୋଲିସର ଧମକ ଚମକ ସତ୍ତ୍ୱେ କିଛି ଲାଭ ନହେବାରୁ, ସେମାନେ ତାଙ୍କୁ ସେଇଠି ଗୁଳି କରି ହତ୍ୟା କରିଥିଲେ । ବାଜି ରାଉତଙ୍କ ସହିତ ଆହୁରି ଅନେକ ଲୋକ ସେଠାରେ ସହିଦ ହୋଇଥିଲେ । ତେବେ ଏତେ କମ ବୟସରେ ଦେଶପାଇଁ ଜୀବନ ବଳି ଦେଇଥିବାରୁ ସମସ୍ତେ ତାଙ୍କୁ ଆଜି ବି ମନେପକାଇ ଥାଆନ୍ତି ।

## ପାଞ୍ଜି

୧୭୯୬- ଇଂଲଣ୍ଡ ବିରୋଧରେ ସ୍ପେନ୍‌ର ଯୁଦ୍ଧ ଘୋଷଣା ।

୧୮୦୫- ଭାରତରେ ବ୍ରିଟିଶ ସାମ୍ରାଜ୍ୟର ଦ୍ୱିତୀୟ ଗଭର୍ଣ୍ଣର ଜେନେରାଲ୍ ତଥା କମାଣ୍ଡର ଇନ୍ ଚିଫ୍ ଲର୍ଡ କାର୍ଣ୍ଣବାଲିସ୍‌ଙ୍କ ଗାଜିପୁରରେ ଦେହାନ୍ତ ।

୧୮୬୪- କଲିକତା ବାତ୍ୟାରେ ପ୍ରାୟ ୫୦ ହଜାର ଲୋକଙ୍କ ମୃତ୍ୟୁ ।

୧୯୮୮- ବ୍ରାଜିଲ୍‌ର ସାମ୍ବିଧାନିକ ସଭା ପକ୍ଷରୁ ସମ୍ବିଧାନକୁ ମଞ୍ଜୁରୀ ।

୧୯୮୯- ନ୍ୟାୟାଧିଶ ମୀରା ସାହିବ ଫାତିମା ବିବି ସୁପ୍ରିମକୋର୍ଟର ପ୍ରଥମ ମହିଳା ଜଜ୍ ହେଲେ ।

୧୯୯୭- ଭାରତୀୟ ଟେନିସ ଖେଳାଳି ଲିଏଣ୍ଡର୍ ପେସ୍ ତଥା ମହେଶ ଭୂପତି ଚାଇନା ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ଟାଇଟେଲ୍ ଜିତିଲେ ।

୨୦୧୧- ଆପଲ୍‌ର ପୂର୍ବତନ ସିଇଓ ତଥା ସହସଂସ୍ଥାପକ ଷ୍ଟିଭ୍ ଜବ୍ସଙ୍କ ଦେହାନ୍ତ ।

୨୦୧୧- ଭାରତରେ ବିଶ୍ୱର ସବୁଠୁ ଶସ୍ତା ୨୨୫୦ ଟଙ୍କିଆ ଟାବଲେଟ୍ ପିସି ଆକାଶକୁ ଲଞ୍ଚ୍ କରାଗଲା ।

# ଭାରତୀୟ ଖାଉଛନ୍ତି ଅଧିକ ଲୁଣ



କିଛି ଦିନ ପୂର୍ବରୁ ଇଣ୍ଡିଆନ୍ କାଉଂସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚର ରିପୋର୍ଟ ଅନୁସାରେ ଭାରତୀୟମାନେ ସବୁଠାରୁ ଅଧିକ ଲୁଣ ଖାଉଛନ୍ତି । ଡବ୍ଲୁ ଏଚ୍ ଓ ଦ୍ୱାରା ଜାରି କରାଯାଇଥିବା ମାତ୍ରା ଠାରୁ ଢେର ଅଧିକ ଲୁଣ ଏମାନେ ଖାଉଥିବା ଏହି ରିପୋର୍ଟରେ ଦର୍ଶାଯାଇଥିଲା । ଆଇସିଏମ୍‌ଆରର ଏହି ରିପୋର୍ଟ ଏକ ମେଡିକାଲ ଜର୍ନାଲରେ ପ୍ରକାଶ କରାଯାଇଛି, ଯେଉଁଥିରେ ଲେଖାଅଛି କି ଭାରତୀୟମାନେ ପ୍ରତିଦିନ ୮ଗ୍ରାମ ଲୁଣ ଖାଉଛନ୍ତି । ହେଲେ ଡବ୍ଲୁଏଚ୍‌ଓର ନିର୍ଦ୍ଧାରିତ ମାତ୍ରା ଅନୁସାରେ ପ୍ରତିଦିନ ଆମକୁ ମାତ୍ର ୫ଗ୍ରାମ ଲୁଣ ଖାଇବାର ଅଛି । ତେବେ ଅଧିକ ଲୁଣ ଖାଇଲେ ଆମର କିଡନୀ, ହାର୍ଟ, ବ୍ଲଡପ୍ରେସର ଆଦି ଉପରେ ପ୍ରଭାବ ପଡିଥାଏ ବୋଲି ଖୁବ କମ ଲୋକ ଜାଣିଥାଆନ୍ତି । ତେଣୁ ସଚେତନତା ଅଭାବରୁ ମଧ୍ୟ ଅନେକ ଲୋକ ଅଧିକ ଲୁଣ ଖାଉଥିବା ଏହି ରିପୋର୍ଟରେ ଦର୍ଶାଯାଇଛି । କେବଳ ଭାରତୀୟ ନୁହେଁ ଅନ୍ୟ ଦେଶରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳୁଛି, ଯେଉଁଠି ଲୋକମାନେ ଅଧିକ ଲୁଣ ଖାଉଛନ୍ତି । ଡବ୍ଲୁଏଚ୍‌ଓର ରିପୋର୍ଟ ଅନୁସାରେ ଅଧିକ ଲୁଣ ବା ସୋଡିଅମ ଖାଇବା ଦ୍ୱାରା ପ୍ରତିବର୍ଷ ପାଖାପାଖି ୧୮ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ତେବେ ଲୁଣ ଆମ ଶରୀର ପାଇଁ ଯେତିକି ଜରୁରୀ ଏହାର ଅଧିକ ମାତ୍ରା ମଧ୍ୟ ଶରୀର ପାଇଁ ସେତିକି କ୍ଷତିକାରକ । ଲୁଣ ଅଧିକ ମାତ୍ରାରେ ଖାଇବା ଭଳି କମ ଖାଇଲେ ମଧ୍ୟ ହାଇପୋନେଟ୍ରୋମିଆ ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ଏହି ସମସ୍ୟା ଆମ ଶରୀରରେ ସୋଡିଅମର ମାତ୍ରା କମ ହେଲେ ହୋଇଥାଏ । ସେହିଭଳି ଆୟୋଡିନ୍ ଆମ ଶରୀର ପାଇଁ ଖୁବ ଦରକାରୀ । ହେଲେ ଏହାର ମାତ୍ରାକୁ ନିୟନ୍ତ୍ରଣ କରିବାର ଖୁବ ଆବଶ୍ୟକତା ରହିଛି । ତେଣୁ କେବଳ ରନ୍ଧା ଖାଦ୍ୟ ନୁହେଁ ଜଙ୍କଫୁଡ୍‌ରେ ମଧ୍ୟ ଲୁଣ ରହିଥାଏ । ରନ୍ଧା ଖାଦ୍ୟ ସହିତ ପ୍ୟାକେଡ୍ ଜଙ୍କ ଫୁଡ୍ ଯେପରି ଚିପ୍ସ, ମିକ୍ସଚର ଆଦି ଖାଇବା କମାନ୍ତୁ । ଘରେ ରାନ୍ଧି ଖାଉଥିବା ଖାଦ୍ୟରେ କମ ଲୁଣ ବ୍ୟବହାର କରନ୍ତୁ । ପାଣି ଅଧିକ ପିଅନ୍ତୁ, ବାହାର ଖାଦ୍ୟ ଖାଆନ୍ତୁ ନାହିଁ । ଏହିଭଳି କିଛି ଛୋଟଛୋଟ ଅଭ୍ୟାସରେ ପରିବର୍ତ୍ତନ ଆଣିଲେ ଆମେ ଅତ୍ୟଧିକ ଲୁଣ କାରଣରୁ ହେଉଥିବା ସମସ୍ୟାରୁ ମୁକ୍ତି ପାଇପାରିବା ।

## ସୋସିଆଲ କୋଟ୍ସ



"ମୋତେ ଅନେକ ୱେବ୍ ସିରିଜ୍‌ର ଅଫର ଆସିଛି । ଚାହିଁବି ଯଦି କରିପାରିବି, ହେଲେ ସେଗୁଡିକରେ ଅନେକ ଡାଇଲଗ୍‌ରେ ଗାଳି ରହୁଛି । ଯାହା ମୋର ସୀତା ଇମେଜ୍‌କୁ ଖରାପ କରିବ, ତେଣୁ ମୁଁ ଏହା କରୁ ନାହିଁ ।

ଦୀପିକା ଚିଖଲିୟା, ଅଭିନେତ୍ରୀ



"ମୋର ଓ ଗୋବିନ୍ଦାଙ୍କ ଭିତରେ ଡେଭିଡ୍ ଧୱନ ଅନେକ ଭୁଲ ବୁଝାମଣା ସୃଷ୍ଟି କରିଦେଇଥିଲେ । ଗୋବିନ୍ଦାଙ୍କୁ ଲାଗୁଥିଲା କେବଳ ତାଙ୍କ କାରଣରୁ ମୋର ଫିଲ୍ମ ହିଟ୍ ହେଉଛି । ଯାହା ସତ୍ୟ ନଥିଲା ।

ପହଲାଜ୍ ନିହଲାନି, ପ୍ରଯୋଜକ



"ମୁଁ ବହୁତ ପ୍ରାଇଭେଟ୍ ପର୍ସନ । ସବୁବେଳେ ନିଜର ବ୍ୟକ୍ତିଗତ ଜୀବନକୁ କ୍ୟାମେରା ଠାରୁ ଦୂରରେ ରଖିଥାଏ । ହେଲେ ହୃତିକଙ୍କ ରିଲେସନ୍ ପରେ ମୋତେ ଅନେକ କଷ୍ଟ ହୋଇଛି । ଅନେକ ସମୟରେ ମୋ ପର୍ସନାଲ ଲାଇଫ୍‌ର ମଜାକ୍ ବନାଯାଇଛି ।

ସବା ଆଜାଦ, ଅଭିନେତ୍ରୀ

# ସମୁଦ୍ର ତଳେ ରହୁଛନ୍ତି ଏଲିଅନ !



ଏଲିଅନଙ୍କୁ ନେଇ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଦାବି ହୋଇଥାଏ । କେଉଁଠି ସେମାନଙ୍କର କିଛି ଚିହ୍ନ ମିଳୁଥିବାର ଦାବିହେଉଥିବାବେଳେ କେଉଁଠି ଉଡନ୍ତା ଥାଳିଆ ଦେଖିବାକୁ ମିଳୁଥିବାର ଦାବି ହୋଇଥାଏ । ସେହିଭଳି ଏକ ଦାବି ନିକଟରେ ଖୁବ ଚର୍ଚ୍ଚାରେ ରହିଛି । ନିକଟରେ ଆମେରିକୀୟ କଂଗ୍ରେସମ୍ୟାନ ଟିମ୍ ବର୍ଚତ ଆମେରିକାର ସମୁଦ୍ର ତଳେ ୫ରୁ ୬ଟି ଖୁପିଆ ସ୍ଥାନରେ ଏଲିଅନ ରହୁଥିବାନେଇ ଦାବି କରିଛନ୍ତି । ସେ ନିକଟରେ ଏକ ସାକ୍ଷାତକାରରେ ଏନେଇ ସୂଚନା ଦେଇଛନ୍ତି । ଆମେରିକାର ନୌସେନା ପାଖରେ ଏଭଳି ଅନେକ ଜାହାଜ ରହିଛି ଯେଉଁଗୁଡିକ ପାଣିତଳେ ଘଣ୍ଟାପ୍ରତି ମାଇଲ ମାଇଲ ବେଗରେ ଗତି କରିଥାଏ । ଏଥିରେ ଯାତ୍ରା କରୁଥିବା ନାବିକଙ୍କ ମତରେ ସେମାନେ ସମୁଦ୍ରରେ ଗୋଲ ବଡ଼ ଆକାରର ଡିସ୍କ ଭଳି ସାମଗ୍ରୀ ଦେଖିଛନ୍ତି । ସମୁଦ୍ରତଳେ ଏହି ଠିକଣା ଦୁବାଇ ସହର ସଦୃଶ ଭଳି ଦୃଶ୍ୟମାନ ହେଉଥିବା ସେମାନେ ମତ ଦେଇଛନ୍ତି । ତେବେ ଏହାକୁନେଇ ସେଭଳି କୌଣସି ଅଫିସିଆଲି ଷ୍ଟେଟମେଣ୍ଟ ଜାରି କରାଯାଇ ନାହିଁ । ଏହାପୂର୍ବରୁ ୨୦୦୨୨ରୁ ୨୦୨୫ ଭିତରେ ଆମେରିକାର ମିଲିଟ୍ରି ବେସ ଉପରେ ୮ହଜାରରୁ ଅଧିକ ୟୁଏଫ୍‌ଓ ଉଡୁଥିବା ନେଇ ସୂଚନା ମିଳିଥିଲା । ତେବେ ଏଲିଅନଙ୍କ ଅସ୍ତିତ୍ୱ ଏବେ ମଧ୍ୟ ପ୍ରଶ୍ନ ଘେରରେ ରହିଛି ।

# ଚିକିତ୍ସା କରୁଛି କୁକୁର




ସେନାରେ କୁକୁରଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥାଏ । ଏଭଳି ଅନେକ ମିଶନ ରହିଥାଏ ଯେଉଁଥିରେ କୁକୁରଙ୍କର ବ୍ୟବହାର କରାଯାଇଥାଏ । ସେହିଭଳି ଏକ ସୂଚନା ବର୍ତ୍ତମାନ ସମସ୍ତଙ୍କର ଧ୍ୟାନ ଆକର୍ଷିତ କରିଛି । କୋଲମ୍ବିଆରେ ଆହତ ସୈନିକଙ୍କର ଚିକିତ୍ସା କୁକୁରଙ୍କ ସହାୟତାରେ କରାଯାଉଛି । ଏଥିନିମନ୍ତେ ବୋଗୋଟାର ସେଣ୍ଟ୍ରାଲ ମିଲିଟ୍ରି ହସ୍‌ପିଟାଲ କ୍ରେଟୋସ, ରାଫା ଓ ଲୁପା ନାମକ ଇମସୋନାଲ ସପୋର୍ଟ ଡଗସର ଏକ ୟୁନିଟ ପ୍ରସ୍ତୁତ କରିଛି । ଏହି ନୂଆ ୟୁନିଟର ନାଁ ରହିଛି ଫରୀ ଫୋର୍ସ, ଯାହା ଯୁଦ୍ଧରେ ଆହତ ହୋଇଥିବା ସୈନିକଙ୍କୁ ମାନସିକ ସ୍ତରରେ ସମର୍ଥନ କରୁଛନ୍ତି । ଏହି କୁକୁରମାନେ ସେମାନଙ୍କର ସାହାସ ବଢାଇବା ସହିତ ସେମାନଙ୍କୁ ମାନସିକ ସ୍ତରରେ ଶକ୍ତିଶାଳୀ କରୁଛନ୍ତି । ଯେଉଁକାରଣରୁ ଆହତ ସୈନିକ ଜଲଦି ସୁସ୍ଥ ହେଉଥିବାନେଇ ଡାକ୍ତରମାନେ ମତ ଦେଇଛନ୍ତି । ଏହି ଥେରାପି ସୈନିକଙ୍କ ପାଇଁ ଖୁବ ଉପଯୋଗୀ ସାଜିଛି ।

# ରଶ୍ମିକାଙ୍କ ମନର ମଣିଷ




ରଶ୍ମିକା ମନ୍ଦାନା ସବୁବେଳେ ନିଜ ଲଭ୍ ଲାଇଫକୁ ନେଇ ଚର୍ଚ୍ଚାରେ ରହିଥାଆନ୍ତି। ତାଙ୍କର ଏବଂ ଅଭିନେତା ବିଜୟ ଦେବରକୋଣ୍ଡାଙ୍କର ସମ୍ପର୍କକୁ ନେଇ ଫ୍ୟାନମାନେ ସବୁବେଳେ ଆଲୋଚନା କରିଥାଆନ୍ତି। ହେଲେ ଉଭୟଙ୍କ ପକ୍ଷରୁ ଏହାକୁ ସବୁବେଳେ ଖାରଜ କରାଯାଇଥାଏ । ଉଭୟ ଭଲ ସାଙ୍ଗ ବୋଲି ସବୁବେଳେ ମତ ଦେଇଥାଆନ୍ତି । ତେବେ ସବୁ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଉଭୟ । ସୂଚନା ଅନୁସାରେ ରଶ୍ମିକା ଓ ବିଜୟ ଏକ ପ୍ରାଇଭେଟ ସେରିମନିରେ ନିର୍ବନ୍ଧ କରିସାରିଛନ୍ତି । ଉଭୟଙ୍କ ବିବାହ ଖୁବଜଲଦି ଜାନୁଆରୀ ମାସରେ ହେବା ନେଇ ସୂଚନା ମିଳିଛି । ତେବେ ଏହି ନିର୍ବନ୍ଧରେ କେବଳ ସାଙ୍ଗସାଥୀଙ୍କ ସହିତ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ଉଭୟ ପିଲାଦିନରୁ ସାଙ୍ଗ ହୋଇ ବଡ ହୋଇଛନ୍ତି ଏବଂ ପରେ ଅନେକ ଫିଲ୍ମରେ ମଧ୍ୟ ଏକାଠି କାମ କରିଛନ୍ତି । ୨୦୧୬ରେ ରଶ୍ମିକା କନ୍ନଡ ଫିଲ୍ମ କିରିକ୍ ପାର୍ଟିରୁ ନିଜର ଆକ୍ଟିଂ କ୍ୟାରିୟରର ଆରମ୍ଭ କରିଥିଲେ । ସେହିଭଳି ବିଜୟ ଦେବରକୋଣ୍ଡା ନିଜ ଆକ୍ଟିଂ ଜୀବନ ୨୦୧୧ରେ ରୋମାଣ୍ଟିକ କମେଡି ନୁବିଲ୍ଲାରୁ ନିଜର ଅଭିନୟ କ୍ୟାରିୟରର ଆରମ୍ଭ କରିଥିଲେ । ଉଭୟଙ୍କ ନିର୍ବନ୍ଧ ଖବର ଫ୍ୟାନଙ୍କୁ ଖୁବ ଖୁସି ଦେଇଛି ।




ନୂଆଦିଲ୍ଲୀ ଗସ୍ତ ଅବସରରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଅବଦୁଲ ମଜିଦ ପୀରଙ୍କ ଆସ୍ଥାନାରେ ଭଙ୍ଗାରୁଜା : ୪ ଅଟକ

ବାଲେଶ୍ୱର, (ସବୁ୍ୟ) : ଶୁକ୍ରବାରଶାନ୍ତି ପୂର୍ଣ୍ଣ ଭାବେ ଦୁର୍ଗା ମା ଙ୍କ ମେଢ଼ ଭସାଣି ଚାଲିଥିବା ବେଳେ ପୁରୁଣା ବାଲେଶ୍ୱର ଆଡକୁ ଫେରୁଥିବା ୫ଜଣ ଯୁବକ ନୁରୁପୁର ରୋଡ଼ ଓ ପୁଲ ବଜାର ରାସ୍ତା ମଝିରେ ଅବସ୍ଥାପିତ ହଜରତ ଅବଦୁଲ ମଜିଦ ପୀର ବାବାଙ୍କ ଆସ୍ଥାନାର ପତାକା ଓ ଆଲୋକ ବ୍ୟବସ୍ଥାକୁ ସେମାନେ ଭଙ୍ଗା ରୁଜା କରିଥିବା ଟାଉନ ଥାନାରେ ଶନିବାର ସକାଳେ ଲିଖିତ ଅଭିଯୋଗ ହୋଇଥିଲା । ଖବର ପାଇ ତୁରନ୍ତ ପୋଲିସ ଫୋର୍ସ ପହଂଚି ଘଟଣା ଉପରେ ତଦନ୍ତ କରିଥିଲେ ।


# ଭାରତ ସରକାର
# ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ

ଡ୍ରାଇଭିଂ ଲାଇସେନଧାରୀ ଏବଂ ପଞ୍ଜୀକୃତ ଯାନବାହାନ ମାଲିକମାନଙ୍କୁ ଅନୁରୋଧ କରାଯାଉଛି ଯେ ବାହନ ଏବଂ ସାରଥି ପୋର୍ଟାଲରେ ସେମାନଙ୍କର ମୋବାଇଲ୍ ନମ୍ବର ଅପଡେଟ୍ ହୋଇଛି କି ନାହିଁ ସୁନିଶ୍ଚିତ କରନ୍ତୁ । ଏହା ସେମାନଙ୍କୁ ବିବରଣୀ ସମ୍ପୂର୍ଣ୍ଣ, ସଠିକ୍ ଏବଂ ଅପ ଟୁ ଡେଟ୍ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ । ଆରଟିଓକୁ ନ ଯାଇ ପୋର୍ଟାଲରେ ମୋବାଇଲ୍ ନମ୍ବର ଅପଡେଟ୍ କରିବା ପାଇଁ ଅନଲାଇନ୍ ସୁବିଧା ଯୋଗାଇ ଦିଆଯାଉଛି ।




ପରିବହନ ୱେବସାଇଟ୍ - https://parivahan.gov.in/ ରେ ସଂପୃକ୍ତ ବ୍ୟକ୍ତି ବିବରଣୀ ଦେଖିପାରିବେ ।

ଅଧିକ ସ୍ପଷ୍ଟୀକରଣ ପାଇଁ, ଦୟାକରି ଇମେଲ୍ କରନ୍ତୁ–ଆଇଡି ହେଲ୍ପଡେସ୍କ- -vahan[at]gov[dot]in ଏବଂ ହେଲ୍ପଡେସ୍କ – sarathi[at]gov[dot]in

CBC 37101/13/0011/2526




ଭୁବନେଶ୍ୱର ଚକେଇସିହାଣି ଦୁର୍ଗାପୂଜା ସମିତିର ରୌପ୍ୟ ଜୟନ୍ତୀ ଅବସରରେ ପ୍ରକାଶିତ ମା ଆଦ୍ୟାଶକ୍ତି ପୁସ୍ତକ ଉନ୍ମୋଚନ କରୁଛନ୍ତି ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ

### ବାଲିଯାତ୍ରା ନିମନ୍ତେ ପ୍ଲଟ ଆବଣ୍ଟନ ପଞ୍ଜୀକରଣ ଜାରି

## ୯ ତାରିଖରେ ଶେଷ ହେବ ପଞ୍ଜୀକରଣ

କଟକ, (ସବ୍ୟୁ): ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ଆଗେଇ ଚାଲିଛି। ଏହା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟି ପ୍ୟାଲେସଠାରେ ଦୈନିକ ପୂର୍ବାହ୍ନ ୧୦ଘଟିକାଠାରୁ ଅପରାହ୍ନ ୫ଘଟିକା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିଛି। ଗତ ୨୬ତାରିଖଠାରୁ ଏହି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାପରେ ଆସନ୍ତା ୧୩ ତାରିଖରୁ ନିଲାମୀ ପ୍ରକ୍ରିୟା ଆରମ୍ଭ ହେବ। ଆଜି ସୁଦ୍ଧା ୧୫୦ରୁ ଅଧିକ ପ୍ଲଟ ପାଇଁ ପଞ୍ଜୀକରଣ କରାଯାଇଛି। ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliyatra.net ୱେବ୍‌ସାଇଟରେ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ପାଇଁ ଆଉ ଅଳ୍ପ ଦିନ ବାକି ଥିବାରୁ ଶେଷ ସମୟରେ ଭିଡ଼ ଏଡାଇବା ନିମନ୍ତେ ଯଥାଶୀଘ୍ର ପଞ୍ଜୀକରଣ କରାଇନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଓଡ଼ିଶାର ଅମିତ କୁମାର ରଥ ଜାତୀୟ ସ୍ତରରେ ସମ୍ମାନିତ

ନୂଆଦିଲ୍ଲୀ (ସବ୍ୟୁ): ଓଡ଼ିଶା ପାଇଁ ଗର୍ବର ଅବସର, ଯେଉଁଠି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅସିଷ୍ଟାଣ୍ଟ ଜେନେରାଲ୍ ମ୍ୟାନେଜର୍ ଅମିତ କୁମାର ରଥ ଜଣେ ଅସାଧାରଣ ଦ୍ୱିତୀୟ ସ୍ଥାନଧାରୀ ଭାବେ ପରିଚିତ ହେବାକୁ ସକ୍ଷମ ହୋଇଛନ୍ତି। ଏହି ପ୍ରତିଷ୍ଠିତ ଷଷ୍ଠ ଜାତୀୟ ସ୍ତରର ଅନଲାଇନ୍ କୁଇଜ୍ ପ୍ରତିଯୋଗିତା, ଯାହା ଇନ୍‌ସୋଲଭେନ୍‌ସି ଆଣ୍ଡ ବ୍ୟାଙ୍କ୍ରୁପ୍‌ସି କୋର୍ଡ ୨୦୨୬ ଉପରେ ଆଧାରିତ ଥିଲା। ଏହି କୁଇଜ୍‌କୁ (ଆଇବିବିଆଇ) MyGov.in ଓ ବିଏସ୍‌ଇ ଇନ୍‌ଭେଷ୍ଟର୍ସ ପ୍ରୋଟେକ୍‌ସନ୍ ଫଣ୍ଡ ମିଳିତ ଭାବେ ଆୟୋଜନ କରିଥିଲେ। ଜାତୀୟ ସ୍ତରର ଏହି ଅନଲାଇନ୍ ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ଦେଶରୁ ଅନେକ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ, ଯାହା ମଧ୍ୟରୁ ଶ୍ରୀ ଅମିତଙ୍କ ସଫଳତା ଏକ ଗର୍ବଜନକ ଅଭିଜ୍ଞତା ଭାବେ ଦେଖାଯାଏ। ସେ ନବମ ଆଇବିବିଆଇ ବାର୍ଷିକ ଉତ୍ସବ ଅବସରରେ ନୂଆଦିଲ୍ଲୀର ପ୍ରଧାନମନ୍ତ୍ରୀ ସଂଗ୍ରାହାଳୟ ରେ ଏକ ଅଞ୍ଚରୌପ୍ୟ ପଦକ ଓ ନଗଦ




୫୦,୦୦୦ ଅର୍ଥରାଶିରେ ସମ୍ମାନିତ ହୋଇଛନ୍ତି।

ଓଡ଼ିଶାର ମୂଳ ନିବାସୀ ଥିବା ଅମିତ ବ୍ୟାଙ୍କିଂ କ୍ଷେତ୍ରରେ ଦକ୍ଷତା ସହିତ ଶିକ୍ଷା ଓ ପ୍ରତିଯୋଗିତାମ୍ଳକ କ୍ଷେତ୍ରରେ ମଧ୍ୟ ତାଙ୍କ ଦୃଢ଼ ସମର୍ପଣ ପାଇଁ ପରିଚିତ। କୁଇଜ୍ ପ୍ରତିଯୋଗିତା ପ୍ରତି ତାଙ୍କ ଆଗ୍ରହ ଓ ଲଗନି ତାଙ୍କୁ ଜାତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଏକ ସ୍ଥାନ ଦେଇଛି। ସେ ଓଡ଼ିଶା ପକ୍ଷରୁ ଏକମାତ୍ର ପ୍ରତିଯୋଗି ଯିଏ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ତାଲିକାରେ ସ୍ଥାନ ଅଧିକାର କରିଛନ୍ତି, ଯାହା ରାଜ୍ୟ ପାଇଁ ଗର୍ବର ବିଷୟ ଓ ସମସ୍ତ ପେସାଦାର ଓ ପ୍ରତିଯୋଗିତା ଆଗ୍ରହୀଙ୍କ ପାଇଁ ଏକ ପ୍ରେରଣା ଅଟୁଟ ରହିବ।

### କଟକ ବାଲିଯାତ୍ରା ଆୟୋଜନ ସଂପର୍କରେ ଉନ୍ନୟନ କମିଶନରଙ୍କ ସମୀକ୍ଷା

## ଦର୍ଶକମାନଙ୍କ ପାଇଁ ଆବଶ୍ୟକ ସୁବିଧା ଏବଂ ସୁରକ୍ଷିତ ବାଲିଯାତ୍ରାକୁ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ଐତିହାସିକ ବାଲିଯାତ୍ରା, କଟକ ୨୦୨୫ ଆଗାମୀ ନମ୍ବେମ୍ବର ୫ରୁ ନଭେମ୍ବର୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ବୃହତ୍ ବାଣିଜ୍ୟିକ ମେଳାର ଆୟୋଜନ ସଂପର୍କରେ ଲୋକସେବା ଭବନରେ ଆଜିଅନୁଷ୍ଠିତ ଏକ ବୈଠକରେ ଉନ୍ନୟନ କମିଶନରତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁଗର୍ଗ ଅଧ୍ୟକ୍ଷତା କରି ପ୍ରସ୍ତୁତି ସମୀକ୍ଷା କରିଥିଲେ। ବୈଠକରେ ଉନ୍ନୟନ କମିଶନର ବାଲିଯାତ୍ରାକୁ ଆସୁଥିବା ଦର୍ଶକମାନଙ୍କ ସୁବିଧା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ସହ ସେମାନଙ୍କର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ରାଜ୍ୟ ଓଡ଼ିଆ



ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡଃ. ବିଜୟ କେତନ ଉପାଧ୍ୟାୟ, ସିଏମ୍‌ସି କମିଶନର ତଥା ସିଡିଏଉପାଧ୍ୟକ୍ଷା କୀରନଦୀପ କୌର ସହୋଟା, ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ସମେତ କଟକ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବାଲିଯାତ୍ରାରେ ଲକ୍ଷାଧିକ ଜନ ସମାଗମ ହେବାର ଆଶା କରାଯାଇଛି ।ଏ ବର୍ଷ ପ୍ରାୟ ୭୦ ଲକ୍ଷ ଲୋକଙ୍କ ସମାଗମ ଆକଳନ କରାଯାଇଛି । ବାଲିଯାତ୍ରା ପ୍ରତି ନିଆରା ଆକର୍ଷଣ ଯୋଗୁଁ ପ୍ରତିଦିନ ସଂଧ୍ୟାରେ ପ୍ରାୟ ୭-୮ ଲକ୍ଷ ଜନସମାଗମ ହେଉଥିବା ରୁ ଦର୍ଶକମାନଙ୍କ ସୁବିଧା ପାଇଁ ଯେପରି ଆବଶ୍ୟକ ସମସ୍ତ ପ୍ରକାର ସୁବିଧା କରାଯାଇପାରିବ, ସେଥିପ୍ରତି ସମସ୍ତ ଦିଗକୁ ନଜର ରଖି ବାଲିଯାତ୍ରା ଆୟୋଜନ କରିବାକୁ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି ।

ଜରୁରୀ ପରିସ୍ଥିତିରେ ଲୋକମାନେ ଯେପରି ବାଲିଯାତ୍ରା ପଡିଆରୁ ତୁରନ୍ତ ବାହାରି ପାରୁଥିବେ, ତାହାକୁ ଦୃଷ୍ଟିରେ ରଖି ପ୍ରବେଶ ରାସ୍ତା ସହିତ ଅଧିକ ସଂଖ୍ୟକ ପ୍ରସ୍ଥାନ ବ୍ୟବସ୍ଥା ସହ ଏ ସଂପର୍କରେ ଦୃଶ୍ୟମାନ ଅଧିକ ଗ୍ଲୋ-ସାଇନବୋର୍ଡ ଲଗାଇବା, ସାଇନେଜ୍ ବ୍ୟବସ୍ଥା କରିବାକୁ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି। ବାଲିଯାତ୍ରାରେ କେଉଁ କେଉଁ ସ୍ଥାନରେ କଣ ସୁବିଧା ଉପଲବ୍ଧ ଅଛି ଏବଂ ଜରୁରୀସହାୟତା ଆବଶ୍ୟକତା ପାଇଁ ଏକ ମୋବାଇଲ ଆପ୍ ବିକଶିତ କରିବାକୁ ସେ କଟକ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି ।

## ମାଟିକାନ୍ଥ ତଳେ ଚାପିହୋଇ ମହିଳା ମୃତ

ବେତନଟୀ (ସବ୍ୟୁ): ଲଘୁଚାପଜନିତ ଲଗାଣବର୍ଷା ଯୋଗୁଁ ଶୁକ୍ରବାର ବିଳମ୍ବିତ ରାତିରେ ଘରର ମାଟିକାନ୍ଥ ଭୁଶୁଡି ଜନୈକା ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଘଟଣା ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ମୋରଡା ତହସିଲ ଅଧୀନ ସୁରେଇଡିହି ପଞ୍ଚାୟତ ଜାମଶୋଳ ଗ୍ରାମର ଗୁରୁଚରଣ ମହାନ୍ତଙ୍କ ପତ୍ନୀ ବାସନ୍ତୀ ମହାନ୍ତ (୫୪)ଶୁକ୍ରବାର ରାତିରେ ଖାଇପିଇ ଶୋଇଥିବା ବେଳେ ହଠାତ ଘରର ମାଟିକାନ୍ଥ ଭୁଶୁଡି ପଡ଼ିଥିଲା ଓ ମାଟିକାନ୍ଥ ତଳେ ବାସନ୍ତୀ ଚାପିହୋଇ ରହିଥିବା ବେଳେ ଦୀର୍ଘ ସମୟର ଉଦ୍ଧାରକାର୍ଯ୍ୟ ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ମାଟକାନ୍ଥ ତଳୁ ବାସନ୍ତୀଙ୍କୁ ଉଦ୍ଧାରକରି କୃଷ୍ଣଚନ୍ଦ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ମୃତ ଘୋଷଣା କରାଯିବା ସହିତ ଡାକ୍ତରଖାନା ପକ୍ଷରୁ ପୁଲିସକୁ ଖବର ଦିଆଯାଇଥିଲା ଓ ବେତନଟୀ ଥାନା ଅଧୀନସ୍ଥ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ସୁତାର କୁମାର ମହାନ୍ତ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ୪୭ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶନିବାର ଶବ ବ୍ୟବଚ୍ଛେଦ କରାଇଛନ୍ତି । ଲଘୁଚାପ ଜନିତ ଲଗାଣବର୍ଷା ଯୋଗୁଁ ଦୁର୍ଗାପୂଜାକୁ ନେଇ ଚାରିଆଡ଼େ ଉତ୍ସବ ମୁଖର ହୋଇଉଠିଥିବା ବେଳେ ଏଭଳି ଆକସ୍ମିକ ଦୈବ ଦୁର୍ଘଟଣା ସମଗ୍ର ମୋରଡା ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

### ଚୌଦ୍ୱାର ଜେଲରୁ ଫେରାର ଅପରାଧୀଙ୍କୁ ଧରିବା ପାଇଁ ପୁଲିସ୍‌ର ତନାଘନା

## ସିସିଟିଭି ଫୁଟେଜ୍ ଯାଞ୍ଚ ସହ ଯୋରଦାର ବ୍ଲକିଙ୍ଗ୍

ଚୌଦ୍ୱାର,(ସ.ବ୍ୟୁ.) : ଚୌଦ୍ୱାର ସ୍ଥିତ କଟକ ମଣ୍ଡଳ କାରାଗାରରୁ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ବିହାର ଅଂଚଳର ମଧୁ କୁମାର ଓ ରାଜା ସାହାଣୀ ଫେରାର ହେବାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ୍ ଏପର୍ଯ୍ୟନ୍ତ ସେମାନଙ୍କ ଟେର ପାଇପାରିନାହିଁ । ସେମାନଙ୍କୁ ଧରିବା ପାଇଁ ଗଳିକନ୍ଦିରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯିବା ସହ ଛକ ମାନଙ୍କରେ ବ୍ଲକିଙ୍ଗ ଚେକିଙ୍ଗକୁ ପୁଲିସ୍ ପକ୍ଷରୁ ଜୋରଦାର କରାଯାଇଛି । ଏଥିପାଇଁ ସାରା ରାଜ୍ୟରେ ମଧ୍ୟ ହାଇହାଲର୍ଟ ଜାରି କରାଯାଇଥିବା ବେଳେ ବିଶେଷ କରି ବସ୍‌ଷ୍ଟାଣ୍ଡ, ଷ୍ଟେସନ୍‌ରେ ଚେକିଙ୍ଗକୁ କଡ଼ାକଡ଼ି କରାଯାଇଛି । ରାତି ତମାମ୍ ପୁଲିସ୍‌ର ସର୍ଚ୍ଚ ଅପରେସନ୍ ଚାଲିଥିବା ବେଳେ ଅପରାଧୀମାନେ ଫେରାର ହୋଇଥିବା ରାସ୍ତାର ସିସିଟିଭି ଫୁଟେଜ୍‌କୁ ଯାଂଚ୍ କରାଯାଉଛି । ଏହାସହ ଏମାନଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ବଡ଼ ଅର୍ଥରାଶିର ଘୋଷଣା କରାଯାଇଥିବା ବେଳେ ସୂଚନାଦାତାଙ୍କ ନାମକୁ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ପୁଲିସ୍ ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ମଧ୍ୟ ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ଏହିଭଳି ହାର୍ଡ଼କୋର କ୍ରିମିନାଲମାନେ କିଭଳି ଅନାୟସରେ ଜେଲର ସେଲକୁ କାଟି କମ୍ବଳ, ବେଡସିଟ୍ ଓ ଜିନ୍ସ ପ୍ୟାଣ୍ଟ ଏବଂ କାଠ ଫାଳିଆ ସାହାଯ୍ୟରେ ସୁଉଚ୍ଚ ପାଚେରୀକୁ ଡେଇଁ ଫେରାର ହେଲେ ତାହା ଏବେ ପୁଲିସ୍‌ର ମୁଣ୍ଡବିନ୍ଧାର କାରଣ ପାଲଟିଛି । ଏହି ଅପରାଧୀମାନେ ବସ୍ କିମ୍ବା ଟ୍ରେନ୍ ଯୋଗେ ରାଜ୍ୟ ବାହାରକୁ ଚାଲିଯିବା ପାଇଁ ଉଦ୍ୟମ କରୁଥାଇ ପାରନ୍ତି ବୋଲି ପୁଲିସ୍ ସନ୍ଦେହ କରୁଥିବା ବେଳେ ଏସବୁ ସ୍ଥାନମାନଙ୍କରେ ପୁଲିସ୍ ପଇଁତରା ଦେଉଥିବା ନେଇ ସୂଚନା ମିଳିଛି । ଯେପରି ଏମାନେ ଅନ୍ୟ କୌଣସି ବଡ଼ଧରଣର ଅପରାଧ ନଘଟାନ୍ତି ସେଥିପାଇଁ ପ୍ରତ୍ୟେକ ଜିଲ୍ଲାର ପୁଲିସ୍ ପ୍ରଶାସନକୁ ସତର୍କ ରହିବା ପାଇଁ ସୂଚନା ପ୍ରଦାନ କରାଯାଇଛି । ପୁଲିସ୍ ଟିମ୍ ସହ ସାଇଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସେମାନଙ୍କୁ ଧରିବା ପାଇଁ ବିଭିନ୍ନପ୍ରକାର ପ୍ରୟସା ଜାରି ରଖିଥିବା ଜଣାପଡ଼ିଛି ।

## ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଶତବାର୍ଷିକ ଉଦ୍‌ଯାପନ ସମାରୋହ ୭ରେ

ଭୁବନେଶ୍ୱର,(ସ.ବ୍ୟୁ.) ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ବାଙ୍କିର ଶତବାର୍ଷିକ ସମାରୋହ ୬/୦୧/୨୦୨୧ରେ ଉଦ୍‌ଘାଟିତ ହୋଇଥିଲା । ଏହି ପୁରାତନ ବିଦ୍ୟାଳୟ ୧୯୨୧ ମସିହାରେ ପୂର୍ବତନ ଡେପୁଟି କଲେକ୍ଟର ବରେନ୍ଦ୍ରକୃଷ୍ଣ ଦାସ ଅଧିକାରୀଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା । ଏହାର ଶତବାର୍ଷିକୀ ଉତ୍ସବର ଉଦ୍‌ଯାପନ ସମାରୋହ ଆସନ୍ତା ୭ତାରିଖ ଅପରାହ୍ନ ରେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ଭର୍ତ୍ତୃହରି ମହତାବ, ସ୍ଥାନୀୟ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦାନ କରିବେ । ଏଥିରେ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରଛାତ୍ରୀ ଓ ବାଙ୍କିର ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଶତବାର୍ଷିକ କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।

### ମାଲକାନଗିରି ଜିଲ୍ଲାରେ କଂଗ୍ରେସର ଦୁଇଦିନିଆ ପଦଯାତ୍ରା

## ପିସିସି ସଭାପତିଙ୍କ ନେତୃତ୍ୱରେ ଗାନ୍ଧୀ ପଥେ ଓଡ଼ିଶା

ମାଲକାନଗିରି,(ଫ): ମାଲକାନଗିରି ଜିଲ୍ଲାର ଶେଷ ସୀମାନ୍ତ ଅଞ୍ଚଳ ମୋଟୁ ର ମୁଠି ପଏଣ୍ଟ ଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀର ଶୁଭ ମୁହୂର୍ତ୍ତରେ ଗାନ୍ଧୀ ପଥେ ଓଡ଼ିଶା ସ୍ଲୋଗାନ ଦେଇ ହଜାର ହଜାର କଂଗ୍ରେସ କର୍ମୀ ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଦୁଇ ଦିନିଆ ପଦଯାତ୍ରା ଆରମ୍ଭ ହୋଇଥିଲା । ଏହି ଯାତ୍ରା ଅକ୍ଟୋବର ୨ ତାରିଖରୁ ମୋଟୁ ଠାରୁ ଆରମ୍ଭ ହୋଇ ପଟେରୁ ଠାରେ ସମାପ୍ତ ହୋଇଥିଲା । ସେଠାରେ ପିସିସି ସଭାପତି ଶ୍ରୀ ଦାସ ଓ କଂଗ୍ରେସର ଅନ୍ୟାନ୍ୟ ନେତାମାନେ ରାତ୍ରୀ ଯାପନ କରିଥିଲେ । ସ୍ଥାନୀୟ ଲୋକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ସକାଳେ ପଟେରୁ ମାଲକାନଗିରି ସଦର ମହକୁମାରେ କଂଗ୍ରେସର ପଦଯାତ୍ରା ସମାପ୍ତ ହୋଇଥିଲା । ସନ୍ଧ୍ୟା ୬ ଘଟିକା ସମୟରେ ଜିଲ୍ଲା କଂଗ୍ରେସ ଭବନ ଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ମୁଖ୍ୟତଃ ଏହି ପଦଯାତ୍ରା ନାରୀଙ୍କୁ ନ୍ୟାୟ, ଓଡ଼ିଶାରେ ନାରୀମାନଙ୍କ ପ୍ରତି ଦୁଷ୍କର୍ମ ଓ ଗଣ ଦୁଷ୍କର୍ମ ହେଉଥିବା ବେଳେ



ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା । ଚାଷୀଙ୍କୁ ନ୍ୟାୟ ପ୍ରଦାନ କରିବା, ସେମାନଙ୍କୁ ସାର ଯୋଗାଇବା ସହିତ ଏମଏସ ପି ପ୍ରଦାନ କରିବିତ୍ୟାଦି । ନ୍ୟାୟ, ଜଳ, ଜମି, ଜଙ୍ଗଲ ସୁରକ୍ଷା କରୁଥିବା । ବେକାରୀ ଯୁବକ ଯୁବତୀଙ୍କୁ ନ୍ୟାୟ । ସେମାନଙ୍କୁ ଚାକିରି ଯୋଗାଇବା ସହିତ ଯେପରି ଦାଦନ ନ ଯାଇ କାମ ପାଇବେ । ଖଣି ଖାଦାନରୁ ବିସ୍ଥାପିତଙ୍କୁ ଥଇଥାନ ।

ସେହିଭଳି ପୋଲାଭରମ ପ୍ରକଳ୍ପ ଦ୍ୱାରା ମୋଟୁ ଓ ଅନ୍ୟାନ୍ୟ ଅଞ୍ଚଳ ଜଳ ମଗ୍ନ ହେତୁ ସେମାନଙ୍କୁ ଦୀର୍ଘ କାଳୀନ ଥଇଥାନ, ଶ୍ରମିକଙ୍କୁ ନ୍ୟାୟ , ଯେପରିକି ଶ୍ରମିକମାନେ ଉଚିତ ପାରିଶ୍ରମିକ ପାଇବେ, ଭୂମି ହୀନଙ୍କୁ ଯେପରି କି ଭୂମି ଦିଆଯିବ ସେ ସମ୍ପର୍କରେ ଦାବି କରାଯାଇଛି । ଏସବୁ ଉପରେ କଂଗ୍ରେସର ନେତାମାନେ ଆଲୋଚନା କରିଥିଲେ । ଗାଁ ଗାଁ ରେ କଂଗ୍ରେସ କର୍ମଚାରୀମାନେ ପଦଯାତ୍ରା କରି ବର୍ତ୍ତମାନର ବିଜେପି ସରକାର ଅନୁଶାସନ ବିରୁଦ୍ଧରେ ଜନମତ ସଂଗ୍ରହ କରିବା ଏବଂ କଂଗ୍ରେସକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପଦଯାତ୍ରା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଦାସ ନେତୃତ୍ୱ ନେଇଥିଲା ବେଳେ ତାଙ୍କ ସହିତ ଥିଲେ କଂଗ୍ରେସ ବିଧାୟକ ଦଳର ନେତା ବିଧାୟକ ରାମଚନ୍ଦ୍ର କାଡାମ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ନିମାଇଁ ଚନ୍ଦ୍ର ସରକାର, ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀନିବାସ ରାଓ (ଟିଟି ଭାଇ), ବିଧାୟକ ପ୍ରାର୍ଥୀ ମାଲା ମାଢି ପ୍ରମୁଖ । ଏହି ପଦଯାତ୍ରାରେ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମି ଓ କର୍ମକର୍ତ୍ତା ସାମିଲ୍ ହୋଇଥିଲେ । କିଛି ଅନ୍ୟ ତଦଳର କର୍ମି ମଧ୍ୟ କଂଗ୍ରେସରେ ଯୋଗଦାନ କରିଥିଲେ । ପିସିସି ଭକ୍ତ ଚରଣ ଦାସ ସେମାନଙ୍କୁ କଂଗ୍ରେସ ନୋଟିସ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ ।

### ୬୮ ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ

## ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବେ ବାଚସ୍ପତି

ଭୁବନେଶ୍ୱର, (ସବ୍ୟୁ): ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ଚଳିତମାସ ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଦେଶଗସ୍ତରେ ଯିବେ । ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘରେ ୫୬ଟି ଦେଶ ସଭ୍ୟ ଭାବେ ରହିଥିବାବେଳେ ଭାରତ ଏହା ମଧ୍ୟରୁ ଅନ୍ୟତମ ସର୍ବବୃହତ୍ତମ ରାଷ୍ଟ୍ର । ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲାଙ୍କ ନେତୃତ୍ୱରେ ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀ ହରିବଂଶ, ପାର୍ଲାମେଣ୍ଟ ସଦସ୍ୟ, ୨୨ଟି ରାଜ୍ୟର ବାଚସ୍ପତି, ଉପବାଚସ୍ପତି ଓ ସଚିବ ଏହି ସମ୍ମିଳନୀରେ ଯୋଗଦେଉଛନ୍ତି । ବାଚସ୍ପତିଙ୍କ ସୂଚନା ଅନୁଯାୟୀ ସେ ୫ ତାରିଖ ଦିନ ଭୁବନେଶ୍ୱରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରି ଲଣ୍ଡନ ଦେଇ ୬ ତାରିଖ ଦିନ ବାର୍ବାଡୋସ୍‌ରେ ପହଞ୍ଚିବେ ଅକ୍ଟୋବର ୬ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବାର୍ବାଡୋସ୍‌ର ରାଜଧାନୀ ବ୍ରିଜ୍‌ଟାଉନ୍‌ଠାରେ ଅବସ୍ଥାନ କରିବା ସହ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସେ ନିଜର ବକ୍ତବ୍ୟ ରଖିବେ ।

ପ୍ରଥମେ ଅକ୍ଟୋବର ୭ ତାରିଖ ଦିନ ବାଚସ୍ପତି ୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀର ପୂର୍ଣ୍ଣ ଅଧିବେଶନରେ ଯୋଗଦେଇ 'ରାଜ୍ୟଗୋଷ୍ଠୀ ମଧ୍ୟରେ ଲିଙ୍ଗଗତ ସମ୍ବେଦନଶୀଳତା ଓ ସଂସଦଗୁଡ଼ିକୁ ସାକାର କରିବା ପାଇଁ ଭଲ ଅଭ୍ୟାସ ଓ ରଣନୀତି' ଉପରେ ସେ ନିଜର ବକ୍ତବ୍ୟ ରଖିବେ । ଅକ୍ଟୋବର ୮ ତାରିଖ ଦିନ 'ରାଜ୍ୟଗୋଷ୍ଠୀ: ଏକ ବୈଶ୍ୱିକ ସହଭାଗୀ' ଓ 'ବେଜିଂ ୩୦ ପରଠାରୁ ସଂସଦ: ଲିଙ୍ଗଗତ ସମାନତା ପାଇଁ ପ୍ରଗତି, ଆହ୍ୱାନ ଓ ମାର୍ଗ' ଶୀର୍ଷକ ଆଲୋଚନାଚକ୍ରରେ



ଓ 'ଗଣତନ୍ତ୍ରର ସମର୍ଥନ ପାଇଁ ଆମ ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣ' ଉପରେ ମାନ୍ୟବର ବାଚସ୍ପତି ନିଜର ଆଭିମୁଖ୍ୟ ରଖିବେ । ଏଥି ସହିତ 'ରାଜନୀତିରେ ଭିନ୍ନକ୍ଷମ ମହିଳାଙ୍କ ଅଂଶଗ୍ରହଣ ପାଇଁ ଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା' ଆଲୋଚନାରେ ମଧ୍ୟ ବାଚସ୍ପତି ନିଜର ମତ ଉପସ୍ଥାପନ କରିବେ ।

୯ ତାରିଖ ଦିନ 'ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଓ ଏହାର ଦୀର୍ଘସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ' ଓ 'ଜାତୀୟ ସଂସଦ ବନାମ ପ୍ରାଦେଶିକ, ଆଞ୍ଚଳିକ ଓ ବିକଶିତ ବିଧାନସଭା: କ୍ଷମତା ପୃଥକୀକରଣକୁ ସୁରକ୍ଷା ଓ ସଂରକ୍ଷଣ' ଆଲୋଚନାରେ ମାନ୍ୟବର ବାଚସ୍ପତି ଅଭିଭାଷଣ ଉପସ୍ଥାପନ କରିବେ । ୧୧ ତାରିଖ ଦିନ ସମ୍ମିଳନୀ ପରବର୍ତ୍ତୀ ଗସ୍ତ କାର୍ଯ୍ୟକ୍ରମ ଅନୁସାରେ ମାନ୍ୟବର ବାଚସ୍ପତି ଅଧ୍ୟୟନ ଗସ୍ତରେ (ଷ୍ଟଡିଟୁର) ବ୍ରିଜଟାଉନ୍‌ରୁ ଲଣ୍ଡନ ଅଭିମୁଖେ ଗସ୍ତ କରି ସେଠାରେ ଅକ୍ଟୋବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ । ଏହି ଅବଧି ମଧ୍ୟରେ ସେ ଲଣ୍ଡନରେ ପ୍ରବାସୀ ଓଡ଼ିଆମାନଙ୍କ ସହିତ ସମ୍ମିଳନୀର ବାର୍ତ୍ତା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ରଣପୁର ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବାରୁ ସେ ତାଙ୍କର ଲଣ୍ଡନ ଗସ୍ତ ସମୟରେ ଶହୀଦ ରଘୁ-ଦିବାକର ବେଜେଲ୍‌ଗେଟ୍‌ଙ୍କୁ ଯେଉଁ ଠେଙ୍ଗାରେ ପ୍ରହାର କରି ମାରି ଦେଇଥିଲେ, ବ୍ରିଟିଶ ମ୍ୟୁଜିୟମ୍‌ରେ ଥିବା ସେହି ଠେଙ୍ଗାକୁ ନିଶ୍ଚୟ ଦେଖିବେ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ ।

ଅକ୍ଟୋବର ୧୪ ତାରିଖରେ ସୁଇଜରଲ୍ୟାଣ୍ଡର ଜୁରିକ୍‌ରେ ପହଞ୍ଚି ମାନ୍ୟବର ବାଚସ୍ପତି ସେଠାରେ ୧୬ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବାର କାର୍ଯ୍ୟକ୍ରମ ରହିଛି । ଏହା ଅବଧିରେ ସେ ଭାରତୀୟ ହାଇକମିଶନର ଓ ପ୍ରବାସୀ ଓଡ଼ିଆମାନଙ୍କ ସହିତ ସମ୍ମିଳନୀରେ ଆଲୋଚିତ ବିଷୟବସ୍ତୁ ଉପରେ ମତବିନିମୟ କରିବେ । ଅକ୍ଟୋବର ୧୬ରୁ ୧୮ ତାରିଖ ମଧ୍ୟରେ ପ୍ୟାରିସ୍‌ରେ ଅବସ୍ଥାପନ କରି ମାନ୍ୟବର ବାଚସ୍ପତି ପ୍ରବାସୀ ଓଡ଼ିଆମାନଙ୍କ ସହିତ ଭାବବିନିମୟ କରିବେ । ବାଚସ୍ପତି ଅକ୍ଟୋବର ୧୮ ତାରିଖ ଦିନ ପ୍ୟାରିସ୍‌ରୁ ବାହାରି ନୂଆଦିଲ୍ଲୀ ଦେଇ ଅକ୍ଟୋବର ୧୯ ତାରିଖ ଦିନ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ଉପସ୍ଥିତ ଥିଲେ ।

## ଦଶହରା ବୁଲିଲେ ବରିଷ୍ଠ ନାଗରିକ



ଭୁବନେଶ୍ୱର (ସବ୍ୟୁ): କାମାକ୍ଷାନଗର ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ ଫର ସ୍ମାଇଲ ତରଫରୁ ପବିତ୍ର ଦଶହରା ରେ ସାବିତ୍ରୀ ଦେବୀ ବରିଷ୍ଠ ନାଗରିକ ଗୃହ ଐରାର ବରିଷ୍ଠ ନାଗରିକ ମାନଙ୍କୁ କାମାକ୍ଷାନଗର ଦଶହରା ବୁଲାଇଲେ । ବେଶ୍ ଧୁମ୍ ଧାମ୍ ରେ କାମାକ୍ଷାନଗର ରେ ପାଳନ ହୋଇଛି ଦଶହରା । ମାଙ୍କ ପୂଜା ଓ ବଜାରେ ନାନା ଜିନିଷ ସହ ଭଳିକି ଭଳି ଖାଦ୍ୟ ହଜାର ହଜାର ଦର୍ଶକ ମାନଙ୍କୁ ଆକୃଷ୍ଟ କରିଛି କିନ୍ତୁ ପିପୁଲ ଫର ସ୍ମାଇଲ ସଂଗଠନ ର ସଦସ୍ୟ ମାନେ ନିଆରେ ଢଙ୍ଗରେ ବୁଲିଲେ ଦଶହରା । ସାବିତ୍ରୀ ଦେବୀ ବରିଷ୍ଠ ନାଗରିକ ଗୃହ ର ୨୦ ଜଣ ଅନ୍ତେବାସୀ ଙ୍କୁ ପିପୁଲ ଫର ସ୍ମାଇଲ ର ସଦସ୍ୟ ମାନେ ଦଶହରା ବୁଲାଇବା ସହ ସେମାନଙ୍କ ପାଇଁ ଖାଦ୍ୟ ପେୟ ର ବ୍ୟବସ୍ଥା କରିଥିଲେ । ଯାହାକୁ କାମାକ୍ଷାନଗର ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି । ପିପୁଲ ଫର ସ୍ମାଇଲ ସଂଗଠନ ତରଫରୁ କାମାଖ୍ୟା ପ୍ରିୟଦର୍ଶନ, ପ୍ରଭାତ ଦାସ, ଚନ୍ଦ୍ରକାନ୍ତ ସାମଲ ଦେବାଶିଷ ବିଶ୍ୱାଲ, ବିଷ୍ଣୁ ନାୟକ, ଶିବ ପ୍ରସାଦ ସାହୁ, ବିଷ୍ଣୁ ନାଏକ,ସାବିତ୍ରୀ ଦେବୀ ବରିଷ୍ଠ ନାଗରିକ ଗୃହ ତରଫରୁ ଜ୍ଞାନରଞ୍ଜନ ବାରିକ, ଉର୍ବଶୀ ନାୟକ, ରଞ୍ଜିତା ମହାକୁଡ୍,ଦେବସ୍ମିତା ନାଏକ, ମଳୟ କୁମାର ପରିଡ଼ା ଆଦି ସହଯୋଗ କରିଥିଲେ ।

# ଧୀର ବଶା "ଲାଇଫ ଟାଇମ ଏଚିଭମେଣ୍ଟ' ସମ୍ମାନରେ ସମ୍ମାନିତ

ବାରିପଦା, (ସବ୍ୟୁ) : ଅମ୍ବିକା ସାହି ସ୍ଥିତ ହର ପାର୍ବତୀ ପୂଜା କମିଟିର ୩୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଖ୍ୟାତ ନିର୍ଦ୍ଦେଶକ, ଅଭିନେତା ଧୀର ବଶାଙ୍କୁ କଳା କ୍ଷେତ୍ରରେ ଜୀବନ ବ୍ୟାପି ସାଧାନା ପାଇଁ "ଲାଇଫ ଟାଇମ ଏଚିଭମେଣ୍ଟ ଆଓ୍ୱାର୍ଡ' ରେ ସମ୍ମାନିତ କରାଯାଇଛି। ଶ୍ରୀ ବଶା ୨୦୧୫ ମସିହାରେ ଓଡିଶା ସଂଗୀତ ନାଟକ ଏକାଡେମୀ ଆଓ୍ୱାର୍ଡ ପାଇବା ସହ ୨୦୧୮ ରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ଭୂମିପୁତ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ଓଡିଶାର ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ବହୁବାର ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇ ସାରିଛନ୍ତି। ସେ ମୟୂରଭଞ୍ଜର ସରସକଣା ବ୍ଲକ ସ୍ଥିତ ଏକ ମଫସଲ ଗାଁ ବଡ ଛାଟରାରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ଦିନରୁ ନାଟକ ପ୍ରତି ତାଙ୍କର ନିଷ୍ଠାକୁ ଆଜି ପର୍ଯ୍ୟନ୍ତ ବଜାୟ ରଖିଛନ୍ତି। ସେ ଦୂରଦର୍ଶନ ଓ ଆକାଶବାଣୀ କଟକର ଜଣେ ସ୍ୱୀକୃତି ପ୍ରାପ୍ତ କଳାକାର ଓ ଆଜି ପଯ୍ୟନ୍ତ ସେ ୨ଶହରୁ ଉର୍ଦ୍ଧ ନାଟକରେ ଅଭିନୟ କରିବା ସହ ୧୦୦ରୁ ଉର୍ଦ୍ଧ ନାଟକରେ ନିର୍ଦ୍ଦେଶନା ଦେଇ ସାରିଛନ୍ତି। ସେ ଦିଲ୍ଲୀ ଦୂରଦର୍ଶନ ପାଇଁ ଏକ ଟେଲି ଫିଲ୍ମ "ରିସ୍ତା' ପ୍ରସ୍ତୁତ କରି ବହୁ ପ୍ରଶଂସା ସାଉଁଟିଥିଲେ। ଓଡ଼ିଆ ଚଳଚିତ୍ର ଅଭିମାନ, ଗୋପରେ ବଢୁଛି କଳା କହ୍ନେଇ, ମାଗୁଣିର ଶଗଡ଼, ହିରୋ ନମ୍ବର ଓ୍ୱାନ୍‌ରେ ଅଭିନୟ କରି ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇପାରିଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ବହୁ କଳାପ୍ରେମୀ, ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଜୁଆଆଡ୍ଡା ଉପରେ ଚଢାଉ , ୧୩ ଜୁଆଡି ଗିରଫ

ବୁଗୁଡା , (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡୁ, ଚିଲିଖମା ଓ ସଙ୍କୁରୁ ଆଦି ୩ଟି ଗ୍ରାମରେ ଚାଲିଥିବା ଜୁଆଖେଳ ଉପରେ ପୋଲିସ ଚଢାଉ କରି ମୋଟ ୧୩ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୪୧ ହଜାର ୧୮୦ ଟଙ୍କା, ଅନେକ ମୋବାଇଲ ଓ ତାସକାଟା ଜବତ କରିଥିବା ଜଣାଯାଇଛି । ଗତ ଗୁରୁବାର ରାତିରେ ନଗୁଡୁ ଗ୍ରାମ ଛକରେ ଚାଲିଥିବା ଜୁଆଖେଳ ଉପରେ ଚଢାଉ କରି ୬ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨୮,୪୮୦ ଟଙ୍କା, ୫ଟି ମୋବାଇଲ ଓ ୫ଟି ତାସକାଟା ଜବତ କରିଥିଲା ବେଳେ ଏନେଇ କେସ ନଂ ୬୨୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ସେହିପରି ଶୁକ୍ରବାର ସକାଳେ ପୁଣି ଚିଲିଖମା ଗାଁର ଆଡୁଆ ସାହିରେ ଚାଲିଥିବା ଜୁଆଡି ଉପରେ ପୋଲିସ ଚଢାଉ କରି ୩ ଜଣଙ୍କୁ ଗିରଫ ସହ ୫,୫୬୦ ଟଙ୍କା , ୨ଟି ମୋବାଇଲ ଓ ତାସକାଟା ଜବତ କରି କେସ ନଂ ୬୨୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ସଙ୍କୁରୁ ଗ୍ରାମର ରୋଡସାହିରେ ଚାଲିଥିବା ଜୁଆଖେଳ ଉପରେ ଚଢାଉ କରି ୪ ଜଣ ଜୁଆଡ଼ିଙ୍କୁ ଗିରଫ ସହ ୭,୧୪୦ ଟଙ୍କା ଓ ତାସକାଟା ଜବତ ଘଟଣାରେ କେସ ନଂ ୬୨୩/୨୫ ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଉକ୍ତ ୩ଟି ଚଢାଉ କାର୍ଯ୍ୟ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ହୋଇଥିଲା ବେଳେ ଏଥିରେ ଏସଆଇ ବିନାୟକ ବିଧାର ଓ ଜେଯାତିଶ୍ରୀ ସାହୁ , ଏଏସଆଇ ସୁମନ୍ତ କୁମାର ବେହେରା, ରାଜକୁମାର ମହାପାତ୍ର ଓ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ ।

# ଋଷିକୂଲ୍ୟରେ ଘାଇ : ୩୦ ଏକର ଜମିରେ ବାଲି ମାଡ଼ି ବ୍ୟାପକ ଫସଲ ନଷ୍ଟ

ଧରାକୋଟ ,(ସବ୍ୟ) : ଉପର ମୁଣ୍ଡରେ ପ୍ରବଳ ବର୍ଷା ଫଳରେ ଗଞ୍ଜାମ ଜୀବନ ରେଖା ଋଷିକୁଲ୍ୟା ନଦୀରେ ବହୁଛି ପ୍ରବଳ ବନ୍ୟା ଜଳ । ଶୁକ୍ରବାର ବିଳମ୍ବିତ୍ତ ରାତିରେ ହଠାତ ଜଳସ୍ତର ବଢିବା ଫଳରେ ନଦୀ କୁଳିଆ ବାସୀ ଆତଙ୍କିତ ହେବା ଶହ ଶହ ହଜାର ହଜାର ହେକଟର ଚାଷ ଜମିରେ ବାଲି ମାଡି ଯାଇ ଫସଲ ନଷ୍ଟ ହୋଇଛି ।ଚାଷୀ କ୍ଷତିପୂରଣ ଦାବି କରି ତହସିଲଦାର ଓ ଥାନା ଅଧିକାରୀଙ୍କୁ ଘେରି ପ୍ରବଳ ପାଟିତୁଣ୍ଡ କରିଥିଲେ । ଗତ ଦୁଇ ଦିନର ଲଗାଣ ବର୍ଷା ରେ ବେହାଲ ହୋଇଛି ଗଞ୍ଜାମ । ଆଉ ଏହି ବର୍ଷାର ସ୍ଥିତିକୁ ଅଧିକ ବିଗାଡି ଉପର ମୁଣ୍ଡର ଅତ୍ୟଧିକ ବର୍ଷା । ଉପର ମୁଣ୍ଡରେ ପ୍ରବଳ ବର୍ଷା ଫଳରେ ଶୁକ୍ରବାର ରାତି ପ୍ରାୟ ୧୦ ଟା ରେ ହଠାତ ଋଷିକୁଲ୍ୟା ନଦୀରେ ଜଳ ସ୍ତର ବଢିଥିଲା । ଏହାର ପ୍ରଭାବରେ ନୂଆଗଡ଼,ବ୍ରହ୍ମଣଦେଇ ଆଦି ଗ୍ରାମ ଦେଇ ଯାଇଥିବା ଜାତୀୟ ରାଜ ପଥ ୫୯ ଉପରେ ଜଳ ପ୍ରବାହିତ ହୋଇଥିଲା । ସେହି ପରି ସିଙ୍ଗିପୁର, ଧବଳେଶର ଓ କୁସପଡା ଗ୍ରାମରେ ପାଣି ପଶିଥିଲା । କୁଷପଡା ନିକଟରେ ଋଷିକୁଲ୍ୟା ନଦୀର ହୀଡ଼ ଭାଙ୍ଗି ଯିବା ଫଳରେ ବନ୍ୟା ଜଳ ପଶି ଗ୍ରାମର ଚାଷୀ ମାନଙ୍କର ପ୍ରାୟ ୩୦ ଏକର ଜମିରେ ବାଲି ମାଡ଼ିଯାଇ ଫସଲ ନଷ୍ଟ ହୋଇଛି । ଧାନ ଜମିରେ ବାଲି ମାଡି ଯାଇଛି । ଏହା ସହ ଧାନ ଓ ଅନନ୍ୟ ପରିବା ଚାଷରେ ବି ନଦୀର ଜଳ ପଶି ବ୍ୟାପକ କ୍ଷତି ହୋଇଛି । ମଧ୍ୟାର୍ଣ୍ଣ ସମୟରେ ଗଞ୍ଜାମ ଜିଲ୍ଲାପାଳ ଭି କିର୍ତିଭାସନ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜଳସେଚନ ବିଭାଗର ପଦାଧିକାରୀ ମାନେ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ବେଳେ ଗ୍ରାମବାସୀଙ୍କ ଏକା ଜିଦ ସେମାନଙ୍କ କ୍ଷୟ କ୍ଷତି ଆକଳନ କରି ତୁରନ୍ତ ସହାୟତା ପ୍ରଦାନ କରିବା ଏବଂ ଅତି ଶୀଘ୍ର ହିଡ କାମ ମରାମତି କରିବା ପାଇଁ ଦାବି ରଖିଥିଲେ ।

# ପୋଲିସ ଏସଆଇ ପରୀକ୍ଷାରେ ଜାଲିଆତି: ଜଣେ କୋର୍ଟରେ ହାଜର

ବ୍ରହ୍ମପୁର, (ସବ୍ୟୁ): ପୋଲିସ ସବ ଇନ୍ସପେକଟର (ଏସଆଇ) ନିଯୁକ୍ତି ଲିଖିତ ପରୀକ୍ଷା କେଲେଙ୍କାରୀରେ କ୍ରାଇମ୍ବ୍ରାଞ୍ଚ ଜଣେ ମଧ୍ୟସ୍ଥିଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ କଟକ ବିଦ୍ୟାଧରପୁରର ବାସିନ୍ଦା ବିଶରଞ୍ଜନ ବେହେରା (୨୯)ଙ୍କୁ ଶନିବାର ଦିନି ବ୍ରହ୍ମପୁର ଜେଏସଏଫ୍ସି (ଗ୍ରାମାଞ୍ଚଳ) କୋର୍ଟରେ ହାଜର କରିବା ପରେ ତାଙ୍କୁ ମଣ୍ଡଳକାରାଗାରକୁ ପଠାଇଦିଆଯାଇଛି ।ପୂର୍ବରୁ୧୧୭ ଜଣ ଜେଲରେ ଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୧୮ ହୋଇଛି । ବିଶ୍ୱରଞ୍ଜନଙ୍କ ନେଟୱାର୍କ କେତେଦୂର ଥିଲା ତାହା ଖୋଳତାଡ଼ କରୁଛି କ୍ରାଇମବ୍ରାଞ୍ଚ । ଆଶାୟୀ ପ୍ରାର୍ଥୀଙ୍କ ସହିତ ସେ ନିୟମିତ ଯୋଗାଯୋଗ କରିବା ସହ ପ୍ରଶ୍ନପତ୍ର ପ୍ରଦାନ କରିବା ଭଳି କାର୍ଯ୍ୟ କରୁଥିଲେ । ଏହାର ପ୍ରତି ବଦଳରେ ଆଶାୟୀପ୍ରାର୍ଥୀଙ୍କ ଠାରୁ ସେମାନଙ୍କ ଓରିଜିନାଲ ଶିକ୍ଷାଗତ ପ୍ରମାଣପତ୍ର ଏବଂ ଖାଲି ଚେକ ସଂଗ୍ରହ କରିଥିଲେ । ପରବର୍ତ୍ତୀ ସମୟରେ ଏହି କାଗଜପତ୍ର ଗୁଡିକୁ ସିଣ୍ଡିକେଟ୍ର ଅନ୍ୟ ଜଣେସଦସ୍ୟକୁ ହସ୍ତାନ୍ତର କରୁଥିଲେ ।






DSPL-292

# ଆମ ନନ୍ଦନକାନନ

NANDANKANAN
CONSERVE | EDUCATE | INSPIRE




## ଆକର୍ଷଣୀୟ ଜନ୍ତୁ ସଂଗ୍ରହ

ନନ୍ଦନକାନନରେ ୧୭୭ ପ୍ରଜାତିର ମୋଟ ୪୧୩୦ଟି ଜୀବଜନ୍ତୁ ରହିଛନ୍ତି, ଯେଉଁଥିରେ ୧୧୫ ଭାରତୀୟ ଏବଂ ୬୨ ବିଦେଶୀ ପ୍ରଜାତିର ପ୍ରାଣୀ ଅଛନ୍ତି । ଏଥିରେ ୫୭ ପ୍ରଜାତିର ସ୍ତନ୍ୟପାୟୀ, ୮୩ ପ୍ରଜାତିର ପକ୍ଷୀ, ୩୧ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି। ଭାରତୀୟ ଚିଡିଆଖାନାଙ୍କ ମଧ୍ୟରେ ନନ୍ଦନକାନନର ଜନ୍ତୁ ସଂଗ୍ରହ ସର୍ବାଧିକ।







## ମନମୁଗ୍ଧକର ପର୍ଯ୍ୟଟକ ସୁବିଧା


ପର୍ଯ୍ୟଟକଙ୍କ ସୁବିଧା ପାଇଁ ବହୁତଳ ଗାଡ଼ି ରହଣି ସ୍ଥଳ, ୪ଟି ବନ୍ୟପ୍ରାଣୀ ସଫାରି, ବ୍ୟାଟେରୀ ଚାଳିତ ଯାନ ସେବା, ଶିଶୁମାନଙ୍କ ପାଇଁ ବ୍ୟାଟେରୀ ଚାଳିତ ରେଳଗାଡ଼ି, ନୌକାବିହାର, ରଜୁପଥ ଓ ବିହଙ୍ଗ ସରଣୀ ଆଦି ରହିଛି।

## ସଂରକ୍ଷଣ ପ୍ରଜନନ କାର୍ଯ୍ୟକ୍ରମ

ନନ୍ଦନକାନନରେ ବିଶ୍ୱର ଏକମାତ୍ର ଭାରତୀୟ ବଜ୍ରକାପ୍ତା ସଂରକ୍ଷଣ ପ୍ରଜନନ କେନ୍ଦ୍ର ରହିଛି। ଏଥି ସହିତ ବାଘ, ଗୁରାଣ୍ଡି, ଲମ୍ବା ଥଣ୍ଟିଆ ଶାଗୁଣାମାନଙ୍କ ସଂରକ୍ଷଣ ପ୍ରଜନନ ମଧ୍ଯ ଜାରି ରହିଛି । ବିଲପମୁଖି ଘଡିଆଳ କୁମ୍ଭୀରର ବଂଶ ରକ୍ଷା ପାଇଁ ମହାନଦୀରେ ଘଡିଆଳ ପୁନରୁଦ୍ଧାର ପ୍ରକଳ୍ପ ଚାଲିଛି।

## ଉନ୍ନତମାନର ବନ୍ୟପ୍ରାଣୀ ରକ୍ଷଣାବେକ୍ଷଣ

ନନ୍ଦନକାନନରେ ବନ୍ୟପ୍ରାଣୀଙ୍କ ଉନ୍ନତମାନର ରକ୍ଷଣାବେକ୍ଷଣ ପାଇଁ ଅତ୍ୟାଧୁନିକ ବନ୍ୟପ୍ରାଣୀ ଚିକିତ୍ସାଳୟ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା, ବନ୍ୟପ୍ରାଣୀ ଶାବକ ପାଳନ କେନ୍ଦ୍ର ଉପଲବ୍ଧ ଅଛି। ବନ୍ୟପ୍ରାଣୀଙ୍କ ରୋଗନିରୁପଣ ଓ ଗବେଷଣା ପାଇଁ ସଂରକ୍ଷଣ, ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟ କରୁଛି।









## ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ

ନନ୍ଦନକାନନରେ ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ ଯଥା ପରିବେଶ ସମ୍ବନ୍ଧୀୟ ଦିବସ ପାଳନ, ପ୍ରାଣୀ ଉଦ୍ୟାନ ରାଷ୍ଟ୍ରଦୂତ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ପାଇଁ ନନ୍ଦନକାନନରେ ଗୋଟିଏ ଦିନ, ଗବେଷଣାତ୍ମକ ଶିକ୍ଷା କାର୍ଯ୍ୟକ୍ରମ, ବିଦ୍ୟାଳୟରେ ପ୍ରାଣୀ ଉଦ୍ୟାନ ସମ୍ବନ୍ଧୀୟ ଶିକ୍ଷା କାର୍ଯ୍ୟକ୍ରମ ଓ ବିଜ୍ଞାନରେ ନାଗରିକଙ୍କ ଯୋଗଦାନ ଆଦି କାର୍ଯ୍ୟକ୍ରମ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ପାଇଁ ଉପାଦେୟ ହେଉଅଛି।

OIPR: 08070/13/0115/2526

# ଜିଲ୍ଲାସ୍ତରୀୟ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳିତ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସାମୂହିକ ମାଲ୍ୟାର୍ପଣ, ସର୍ବଧର୍ମ ପ୍ରାର୍ଥନା ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା । ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଗାନ୍ଧୀ ବିଚାରମଞ୍ଚ ପକ୍ଷରୁ ଆୟୋଜିତ ଜୟନ୍ତୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି , ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା ଓ ଡାକ୍ତର ସୀତାରାମ ବିରିଆ ସମ୍ମାନିତ ଅତିଥି ଭାବରେ ଯୋ ଦେଇ ଗାନ୍ଧୀଙ୍କ ବିଚାରଧାରା , ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିବା ସତ୍ୟ ଅହିଂସାର ପୁଜାରୀ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୁତ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଭାରତୀୟ ସଂସ୍କୃତି, ଆଦର୍ଶ ଓ ମୂଲ୍ୟବୋଧର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି କହିଥିଲେ। ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀ ଉଭୟ ସର୍ବଦା ଅବିସ୍ମରଣୀୟ ହୋଇ ରହିବେ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ସତ୍ୟ ଓ ଅହିଂସା , କର୍ତ୍ତବ୍ୟନିଷ୍ଠ ତଥା ସଂଯମୀ ଆଚରଣ ପାଇଁ ଗାନ୍ଧିଜୀ ସମସ୍ତଙ୍କର ଆଦର୍ଶ ପାଲଟିଥିଲେ । ନୈତିକତା ତଥା ସରଳ ଜୀବନଯାପନ ଓ କର୍ତ୍ତବ୍ୟ ନିଷ୍ଠା ପାଇଁ ଶାସ୍ତ୍ରୀଜୀ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ।

# ନିଶାମୁକ୍ତ ଗାଁ ଲାଗି ଭିଡ଼ିଲେ ମହିଳା ଗୋଷ୍ଠୀ

କୋକସରା ,(ସବ୍ୟୁ): ଗାଁ ଗାଁରେ ବେଆଇନ୍ ଭାବେ ମଦ ବିକ୍ରି ହେଉଛି। ଏଥିପାଇଁ ମଦୁଆଙ୍କ ଉତ୍ପାତ ବଢ଼ିବା ସହିତ ବିଶୃଙ୍ଖଳା ଦେଖାଦେଉଛି। ଘରର ପୁରୁଷମାନେ ମଦ୍ୟପାନ କରୁଥିବାରୁ ପରିବାରରେ ମଧ୍ୟ ଅଶାନ୍ତି ଦେଖାଦେଉଛି । ତେଣୁ ଗାଁ କୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛନ୍ତି କୋକସରା ବ୍ଲକ ମହିମା ଗ୍ରାମ ପଞ୍ଚାୟତର ଡେଙ୍ଗୁଳିପଦର ମହିଳା ଗୋଷ୍ଠୀ ଓ ଜୟ ହିନ୍ଦ ଓ୍ୱିରି ଆର୍ମୀ କର୍ମକର୍ତ୍ତା। ଏନେଇ ଶନିବାର ଗ୍ରାମର ଶତାଧିକ ମହିଳା ମାନଙ୍କ ସହିତ ଉଭୟ ସଂଗଠନର ସଦସ୍ୟ ମାନେ ନିଶାମୁକ୍ତ ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲେ। ପରେ ଗାଁ ମୁଣ୍ଡରେ ମଦ ବିକ୍ରି କରୁଥିବା କୁଟିଆ ମଦ ବେପାରୀଙ୍କୁ ତାଗିଦ୍ କରିବା ସହ ଆଗକୁ ମଦ ବିକ୍ରି ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ମଦବିକ୍ରୀ କରୁଥିବା କୁଟିଆ ବେପାରି ମଧ୍ୟ ରବିବାରଠାରୁ ମଦ ବିକ୍ରୀ କରିବା ପାଇଁ କହିଥିବା ଜଣାପଡ଼ିଛି। ଏହି ସଚେତନତା ଶୋଭାଯାତ୍ରାରେ ଓ୍ୱାର୍ଡ ସଭ୍ୟା ଗୀତା ଭରତିଆ, ମହିଳା ଗୋଷ୍ଠୀର ସଦସ୍ୟା ରଞ୍ଜନା ପାଣିଗ୍ରାହୀ, କ୍ଷିତିସୁତା ମେହେର, ଲିଲା ସୁନାନୀ, ଜୟନ୍ତୀ ବାଣ୍ଡୁଆ, ତ୍ରିପୁରା ସୁନାନୀ, ସେବତୀ ନାଏକ, ଲକ୍ଷ୍ମୀ ବାଣ୍ଡୁଆ, ମିଥିଲା ବାଣ୍ଡୁଆ, ଜନନୀ ମେହେର, ମଣିରାମ ମେହେର, ରାମନାଥ ମେହେର, ସନାତନ ସୁନାନୀ, ତାରାଚନ୍ଦ ମେହେର, ରବି କିଶୋର ବାଣ୍ଡୁଆ, ଦିବାକର ସୁନାନୀ, ବଳରାମ ବାଣ୍ଡୁଆ, ପୁରୁନ ନେତ୍ର ନାଏକ, ଜଗଦୀଶ ମେହେର, ଜୟଲାଲ ସୁନାନୀ, ଲୋକନାଥ ମେହେର ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

# ଆଇଆଇଏମ୍ ସମ୍ବଲପୁରର ୧୧ତମ ପ୍ରତିଷ୍ଠା ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ଆଇଆଇଏମ ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ବିଷୟ ପାଠ୍ୟକ୍ରମ ପାଇଁ ନିର୍ମାଣ ହୋଇଥିବା ଏକ ନୂତନ ବ୍ଲକ, ଏକ ଇଙ୍ଗବଟୀ ଓପନ୍ ଥିଏଟର ଏବଂ ଏକ କାଫେ ହବ୍ କମ୍ପ୍ଲେକ୍ସର ଉଦଘାଟନ କରିଥିଲେ। ସେ ଏହି ଅବସରରେ କହିଥିଲେ ଯେ, ଏହା ଏକ ଅଭିବୃଦ୍ଧିଶୀଳ ଅନୁଷ୍ଠାନ ଓ ଜାତୀୟ ମାନ୍ୟତାପ୍ରାପ୍ତ ମ୍ୟାନେଜମେଣ୍ଟ ଭାବେ ପରିଚିତ ଅଟେ । ଗତ ୧୦ ବର୍ଷରେ ଏହା ଦେଶର ୧୧ଟି ଆଇଆଇଏମ ମଧ୍ୟରେ ନିଜସ୍ୱ ଏକ ସ୍ଥାନ ସୃଷ୍ଟି କରିପାରିଛି । ୨ ବର୍ଷରେ ଏକ ବିଶ୍ୱସ୍ତରୀୟ କ୍ୟାମ୍ପସ୍ ନିର୍ମାଣ ଅନୁମୋଦିତ ବଜେଟରୁ ୩୫ କୋଟି ଟଙ୍କା ସଞ୍ଚୟ କରିଛି । ଏନଆଇଆରଏଫ ୨୦୨୫ ରାଙ୍କିଂରେ ଆଇଆଇଏମ ସମ୍ବଲପୁର ପୂର୍ବ ୫୦ତମ ସ୍ଥାନରୁ ୧୬ ସ୍ଥାନ ଉପରକୁ ଉଠି ପରିଚାଳନା ଅନୁଷ୍ଠାନ ଗୁଡିକ ମଧ୍ୟରେ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ । ଏଥିସହ ମାଷ୍ଟର ବୁଣାକାରମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବୋନ୍ଦର, ପୋଲିସ ମହାନିରୀକ୍ଷକ ହିମାଂଶୁ ଲାଲ, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ମହାନଗର କମିଶନର ରେହାନ ଖତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ସ୍ୱାଗତ ଭାଷଣ ଓ ମୁଖ୍ୟ ପ୍ରଶାସନିକ ଅଧିକାରୀ ଅମୃତ ଫାଲଗୁନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ୫୫ଜଣ ଦାଦନ ଶ୍ରମିକ ଉଦ୍ଧାର

କଣ୍ଟାବାଞ୍ଜି,(ସବ୍ୟୁ): କଣ୍ଟାବାଞ୍ଜି ପୁଲିସ ବେଆଇନ ଦାଦନ ଶ୍ରମିକ ଉଦ୍ଧାର କରିଛି । ରାଜ୍ୟ ବାହାରକୁ ଦାଦନ ଚାଲାଣ ହେବା ପୂର୍ବରୁ ମାଡି ବସିଥିଲା ପୋଲିସ । ସହରର ଜଣେ ଦାଦନ ସର୍ଦ୍ଦାର ଘର ଭିତରରୁ ୫୫ଜଣ ଦାଦନ ଶ୍ରମିକ ଉଦ୍ଧାର ହୋଇଥିବା ଜଣାପଡିଛି । ସର୍ଦ୍ଦାର ଜଣକ ଆଗୁଆ ବଇନା ଟଙ୍କା ଦେଇ ଶ୍ରମିକ ମାନଙ୍କୁ ନିଜ ଘରେ ରଖିଥିଲା। ପୁଲିସ କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର ବିଳମ୍ବିତ ରାତିରେ ଚଢ଼ାଉ କରି ଏହି ଦାଦନ ଶ୍ରମିକ ମାନଙ୍କୁ ଉଦ୍ଧାର କରଥିଲା । ଶ୍ରମିକ ମାନେ ନୂଆପଡା ଓ ବଲାଙ୍ଗିର ଜିଲ୍ଲାର ତୁରେକେଲା ଅଞ୍ଚଳର ବୋଲି ଜଣାପଡ଼ିଛଇ । ଏନେଇ କାଗଜପତ୍ର ଯାଞ୍ଚ କରୁଛି କଣ୍ଟାବାଞ୍ଜି ପୁଲିସ । ଉଦ୍ଧାର ଶ୍ରମିକ ମାନଙ୍କ ମଧ୍ୟରେ ୨୫ ଜଣ ପୁରୁଷ ଶ୍ରମିକ, ୧୬ ଜଣ ମହିଳା ଓ ଛୋଟ ପିଲା ୧୪ ଜଣ ଥିବା ଜଣାପଡିଛି । ତେବେ ବଲାଙ୍ଗିର ଅତିରିକ୍ତ ଏସପି ଆଲୋକ ଜେନାଙ୍କ ଉପସ୍ଥିତିରେ ହୋଇଥିବା ଏହି ଦାଦନ ଶ୍ରମିକ ଉଦ୍ଧାରରେ ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ, ଏସଡ଼ିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି ଓ ଅନ୍ୟମାନେ ସାମିଲ ଥିଲେ ।

# ବିରି ମାଡ଼ ଦେଖି କୋଳଥ ଚେପା

ଝାରସୁଗୁଡା,(ସବ୍ୟୁ): ଶୁକ୍ରବାର ଚୌଦ୍ୱାର ଜେଲରୁ ଦୁର୍ଦ୍ଦାନ୍ତ ଲୁଟ ହତ୍ୟାକାରୀ କଏଦୀ ଚମ୍ପଟ ମାରିବା ପରେ ପୋଲିସ ବିଭାଗରେ ଚେତା ପଶିଛି ।ଶନିବାର ଝାରସୁଗୁଡା ପୋଲିସ ପକ୍ଷରୁ ଏସପି ଗୁଣ୍ଡାଲା ରେଡି ରାଘବେନ୍ଦ୍ରଙ୍କ ଏସଡିପିଓ ଉମାକାନ୍ତ ସିଂହ, ସଦର ଥାନା ଇନଚାର୍ଜ ସ୍ୱପ୍ନା ଗୋଛାୟତ, ଟାଉନ ଥାନା ଇନଚାର୍ଜ ରଞ୍ଜନ କୁମାର ବରିହା, ବିମାନ ବନ୍ଦର ଥାନା ଇନଚାର୍ଜ ହେମାଙ୍ଗିନୀ ଗର୍ଡିଆ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀଙ୍କ ସହ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଝାରସୁଗୁଡା ଜେଲ ଉପରେ ଅନାଚକ ଚଡାଉ କରି ସୁରକ୍ଷା ସଂକ୍ରାନ୍ତୀୟ ପାଚେରୀର ସମସ୍ତ ସ୍ଥାନ ପରିଦର୍ଶନ କରିବା ସହ, କଏଦୀ ମାନେ ରହୁଥିବା ଜାଗା ଯାଞ୍ଚ କରିଥିଲେ ।ଏହି ଚଡାଉ ସମୟରେ ବ୍ୟାପକ ପରିମାଣରେ ଗୁଟକା, ବିଡି, ସିଗାରେଟ, ଭାଙ୍ଗ ଆଦି ନିଶା ଦ୍ରବ୍ୟ ଧରାଯାଇଛି । ଏଠାରେ ପ୍ରଶ୍ନ ଉଠେ ଯେ ନିୟମ ମୁତାବକ କୌଣସି ମାଦକ ଦ୍ରବ୍ୟ ପରିସର ମଧ୍ୟକୁ ଯିବା ନିଷେଧ । ଏଣୁ ଜେଲ କର୍ତୃପକ୍ଷଙ୍କ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ।

# ରାଇଫଲ୍ ସୁଟିଂ କ୍ୟାମ୍ପର ଶୁଭାରମ୍ଭ




ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିରରେ ରାଇଫଲ୍ ସୁଟିଂ କ୍ୟାମ୍ପର ଶନିବାର ଶୁଭାରମ୍ଭ ହୋଇଥିଲା । ଏନେଇ ମଶାଳ ରାଲି ସମଲେଶ୍ୱରୀ ମନ୍ଦିର ଠାରୁ ବାହାରି ଆର.ଏନ. ସିଂହଦେଓ କ୍ରୀଡା କମ୍ପ୍ଲେକ୍ସରେ ପହଞ୍ଚିଥିଲା । ବଲାଙ୍ଗିର ଜିଲ୍ଲାର ପ୍ରତିଯୋଗୀ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ବିଜୟାନନ୍ଦ ସେଠୀ ଯୋଗଦାନ କରିଥିଲେ । ବଲାଙ୍ଗିର ଜିଲ୍ଲା ଆଥଲେଟିକ୍ସ ସଂଘ ସଭାପତି ଶ୍ରୀକର ମିଶ୍ର ଅତିଥି ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ଜିଲ୍ଲା ରାଇଫଲ୍ ଏସୋସିଏସନର ସମ୍ପାଦକ ନିହାର ରଞ୍ଜନ ସ୍ୱାଇଁ ସଭାକୁ ସ୍ୱାଗତ କରିଥିଲେ। ସମ୍ମାନୀତ ଅତିଥି ଅଞ୍ଜନେୟ ପ୍ରତାପ ସିଂହଦେଓ ଓ ସୁମିତ ରଞ୍ଜନ ପୁରୋହିତ ମଞ୍ଚାସୀନ ଥିଲେ । ଜିଲ୍ଲା ରାଇଫଲ ଆସୋସିଏସନର ଇଭେଣ୍ଟ୍ ମ୍ୟାନେଜର୍ ସୟଦ ଆଫତାବ ହୁସେନ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କର୍ମଶାଳା ୨ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ ।

# ରାତୁଲ ଗାଁରେ ଅଗ୍ନି ଭୈରବଙ୍କ ଝାମୁଯାତ୍ରା

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବଡ଼ଧରପୁର ପଞ୍ଚାୟତର ରାତୁଲ ଗାଁରେ ଅଗ୍ନି ଝାମୁ ଯାତ୍ରା ପ୍ରବଳ ଉସାହ ଉଦ୍ଦୀପନା ସହ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାତୁଲ ଗାଁରେ ଆୟୋଜିତ ହୋଇଆସୁଛି ଏହି ଯାତ୍ରା। ରାତୁଲ ଗାଁର ଅଗ୍ନି ଭୈରବୀ ବଡ଼ ପ୍ରତକ୍ଷ୍ୟ ଦେବତା, ତାଙ୍କ ଉପରେ ଅଞ୍ଚଳର ଜନସାଧାରଣଙ୍କ ଗଭୀର ଆସ୍ଥା ରହିଛି। ତେଣୁ ଅନ୍ୟ ବର୍ଷ ପରି ଚଳିତବର୍ଷ ମଧ୍ୟ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଏହି ଝାମୁଯାତ୍ରାରେ ସାମିଲ ହୋଇ ଭୈରବୀଙ୍କ ଆଶିଷ ଭିକ୍ଷା କରିଥିଲେ। ଉଦ୍ଧବ ଦୋରା, ମଧୁସୂଦନ ଦୋରା, ପରମେଶ୍ୱର ମାଝୀ, ଅକ୍ଷୟ ମାଝୀ, ମୋହନ ଦୋରା, ଜଗତ ରାମ ମାଝୀ, ସନ୍ତୋଷ ପତ୍ର, ଟିକେଚନ ଗହିରଙ୍କୁ କାଳିସୀ ଲାଗିଥିଲା। ଅଗ୍ନି ଭୈରବ ନିଆଁରେ ଚାଲି ନିଜ ଶକ୍ତି ପ୍ରଦର୍ଶନ କରିଥିଲେ। ଏହି ଯାତ୍ରାର ମୁଖ୍ୟ ହେଉଛନ୍ତି ବଳ ଦୋରା, ନରେନ୍ଦ୍ର ଦୋରା, ଜୟରାମ ଦୋରା। ସେମାନେ କାଳିସୀ ମାନଙ୍କ ଦାୟିତ୍ୱରେ ରହନ୍ତି। ଏହି ଅବସରରେ ମାନସିକଧାରୀମାନେ ପାଖରେ ଭୋଗ ଅର୍ପଣ କରିଥିଲେଛ ଅଗ୍ନି ଭୈରବ ମନ୍ଦିର ନିକଟରେ ଏକ ଶିବ ମନ୍ଦିର ଅଛି। ଏଣୁ ଏହି ଦୁଇ ମନ୍ଦିରକୁ ସରକାରୀ ସହାୟତା ଯୋଗାଇ ଦେଲେ ଆଗକୁ ଝାମୁଯାତ୍ରା ଓ ଶିବରାତ୍ରି ସୁରୁଖୁରୁରେ ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀ ଏବଂ ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି। ତେବେ ଚଳିତବର୍ଷର ଝାମୁଯାତ୍ରା ପରିଚାଳନାରେ ଗାଁର ନୀଳକଣ୍ଠ ଦୋରା, ଫକୀର ଦୋରା, ଭେକା ଦୋରା, ଚଇତୁ ଦୋରା, ଗିରିଧାରୀ ଗଉଡ଼, ଗଉଡ଼, ମଦନ ସାହୁ, ଘାସିରାମ ହରିଜନ, ଟୁନୁ ପବିତ୍ର ଗହିର, ନେପାଳ ଦୋରା, ଯାନୀ ଦୋରା, ବୁଦ୍ଧୁ ମାଝୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ପଲସଦା ବ୍ରିଜ ଉପରେ ବନ୍ୟା ଜଳ ପ୍ରବାହିତ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସୁନ୍ଦର ନଦୀ ପଲସଦା ବ୍ରିଜ ଉପରେ ବନ୍ୟା ଜଳ ପ୍ରବାହିତ। ବୋଡ଼େନ ଖଡିଆଳ ମୁଖ୍ୟ ସଡ଼କ ଯାତାୟତ ବନ୍ଦ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଯାତାୟତକୁ ନିୟନ୍ତ୍ରଣ କରିଛନ୍ତି। ବନ୍ୟାଜଳ ବ୍ୟାପକ ହେଲେ ଧନ ଜୀବନ ହାନି ଆଶଙ୍କା ନେଇ ଲୋକଙ୍କୁ ସତର୍କ କରାଯାଇଛି। ଖଡିଆଳ ଏସଡିପିଓ ଉପେନ୍ଦ୍ର ପ୍ରଧାନ, ଖଡିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଓ ବ୍ଲକ ଅଧିକାରୀ ବ୍ରିଜ ନିକଟରେ ଉପସ୍ଥିତ ରହି ଅନୁଧ୍ୟାନ କରିଛନ୍ତି। ବନ୍ୟା ଜଳ କମ୍ ହେଲେ ଯାତାୟତ ସ୍ୱାଭାବିକ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦେଇଛନ୍ତି।

# ଦେବେଇପାଲି ଜନସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଉଦ୍‌ଘାଟନ



ସମ୍ବଲପୁର,(ସବ୍ୟୁ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସହର ଉପକଣ୍ଠ ଦେବେଇପାଲି ଠାରେ ୧୬ କୋଟି ଟଙ୍କା ଅଟକଳର ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ଥାପନ କରିଛନ୍ତି । ଏଥିସହ ୮୨ ଲକ୍ଷ ଟଙ୍କାରେ ନିର୍ମିତ ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଉଦ୍ଘାଟନ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ, ସ୍ୱାସ୍ଥ୍ୟ ହେଉଛି ମାନବ ଜୀବନର ତଥା ପ୍ରତ୍ୟେକ ବ୍ୟକ୍ତିର ଅଧିକାର । ଏହି ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେବା ପର୍ବ-୨୦୨୫ ଅବସରରେ ଝାରସୁଗୁଡା ଠାରେ ଭିମସାର ବିଶ୍ୱସ୍ତରୀୟ ସୁପର ସ୍ପେଶାଲିଟି ହସ୍ପିଟାଲ ରୂପାନ୍ତରଣ କରିବାକୁ ଘୋଷଣା କରିଥିଲେ । ବର୍ତ୍ତମାନ ଭିମସାରର ବେଡ ସଂଖ୍ୟା ୧୪୮୫ ରହିଛି । ଏହାକୁ ବୃଦ୍ଧି କରାଯାଇ ୨୬୫୦ କରାଯିବ । ଶର୍ଯ୍ୟା ସଂଖ୍ୟା ଓ ଭିତ୍ତିଭୂମି ନିର୍ମାଣ ପାଇଁ ୧ହଜାର ୬୧୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ପଦକ୍ଷେପ ହସ୍ପିଟାଲକୁ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ରରେ ପରିଣତ କରିବା ସହ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବ । ନେତୃତ୍ୱରେ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ , ମତ୍ସ୍ୟ ଓ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୋଲିସ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

# ଧନୁପାଲି ଶିଶୁ ମନ୍ଦିରରେ ପୂର୍ବ ଛାତ୍ର ଏକତ୍ରିକରଣ କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନୁପାଲି ଶିଶୁ ବିଦ୍ୟା ମନ୍ଦିର ଠାରେ ପୂର୍ବ ଛାତ୍ର ଏକତ୍ରିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ କମିଟି ସଭାପତି ଡ. ଦେବେନ୍ଦ୍ର ପଣ୍ଡା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । ପୂର୍ବ ଛାତ୍ରମାନଙ୍କୁ ପଞ୍ଚ ପରିବର୍ତ୍ତନର ଆହ୍ୱାନ ଦେଇ ନିଜକୁ ତଥା ସମାଜକୁ ଯୋଡି ରଖିବା ପରାମର୍ଶ ଦେଇଥିଲେ । ସଙ୍କୁଳ ସଂଯୋଜକ ପ୍ରମୋଦ ପାଢୀ, ସହ ସମ୍ପାଦକ ଅଭିମନ୍ୟୁ ସାହୁ, ପରିଚାଳନା କମିଟି ସଦସ୍ୟା ରଞ୍ଜୁ ମିଶ୍ର ଓ ଅନୁସୟା କର ପ୍ରମୁଖ ମଂଚାସୀନ ଥିଲେ । ବିଦ୍ୟାଳୟ ଆଚାର୍ଯ୍ୟ ବିଭୁପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବିଭୁତାକ୍ଷୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ଜୟଶଙ୍କର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ସିଏଲ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ୫.୦ ଆରମ୍ଭ

ସମ୍ବଲପୁର,(ସବ୍ୟୁ): ଏମ୍‌ସିଏଲ୍ ପକ୍ଷରୁ ସ୍ୱଚ୍ଛତା ପାଇଁ ଅଭିଯାନ ୫.୦ ଆରମ୍ଭ ହୋଇଯାଇଛି । ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ବିଶେଷ କରି କମ୍ପାନୀର ଅନୁଗୁଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସମ୍ବଲପୁରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ । ସରକାରୀ କାର୍ଯ୍ୟାଳୟରେ ସ୍ୱଚ୍ଛତା, କାର୍ଯ୍ୟ କୁଶଳତା ଏବଂ ସୁଶାସନର ପ୍ରୋତ୍ସାହନ ପାଇଁ କମ୍ପାନୀର ଏହି କାର୍ଯ୍ୟକ୍ରମରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ସ୍ୱଚ୍ଛତା କେବଳ ଏକ ଅଭିଯାନ ନୁହେଁ ଏକ ଦାୟିତ୍ୱ ବୋଲି କହିଥିଲେ । ଏ ଅବସରରେ ବୈଷୟିକ ଓ ଯୋଜନା ନିର୍ଦ୍ଦେଶକ ସଂଜୟ କୁମାର ଝା କମ୍ପାନୀ ମୁଖ୍ୟାଳୟରେ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ । ଅଭିଯାନ ଅବସରରେ ୬ ଲକ୍ଷ ବର୍ଗଫୁଟ୍ ପରିମିତ ୨୩୧ଟି ଖଣି, କର୍ମଶାଳା, କଲୋନୀ ଓ କାର୍ଯ୍ୟାଳୟ ପରିସରକୁ ସାମିଲ କରାଯାଇଛି । ଏହି ସମୟରେ ୫୪୩ ମେଟ୍ରିକ୍ ଟନ୍ କବାଡ଼ ଅପସାରଣ କରାଯାଉଛି ।

# ଭୋପାଳର ଭାରତୀୟ ଜଙ୍ଗଲ ପରିଚାଳନା ଅନୁଷ୍ଠାନର ଛାତ୍ରୀଙ୍କ ଫୁଲ୍‌କିମୁଣ୍ଡା ଗସ୍ତ



ଖପ୍ରାଖୋଲ ,(ସବ୍ୟୁ): ମଧ୍ୟପ୍ରଦେଶର ଭୋପାଳ ଠାରେ ଥିବା ଭାରତୀୟ ଜଙ୍ଗଲ ପରିଚାଳନା ଅନୁଷ୍ଠାନ (ଆଇ ଏଫ ଏମ)ର ଚାରିଜଣ ଛାତ୍ରୀ ଶିକ୍ଷଣୀୟ ଗସ୍ତରେ ବଲାଙ୍ଗିର ଜିଲ୍ଲା ଫୁଲ୍‌କିମୁଣ୍ଡା ଗାଁରେ ପହଞ୍ଚି ଥିଲେ। ଏହି ଅବସରରେ ପ୍ରଥମେ ଖପ୍ରାଖୋଲ ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଥିବା ବେଳେ ପରେ ଫୁଲୁକିମୁଣ୍ଡା ଗାଁରେ ପହଞ୍ଚି ଥିଲେ। ଗାଁରେ ମହିଳା ମାନେ ଛାତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିବା ବେଳେ ଖଳି ପତ୍ର ତିଆରି ମେସିନ , ସ୍ୱୟଂ ସହାୟକ ମହିଳାଙ୍କ ଜୀବନ, ଜୀବିକା, ଲଘୁବନ ଜାତ ଦ୍ରବ୍ୟ ସଂଗ୍ରହ, ବିକ୍ରିବଟା ଉପରେ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ପରେ ହରିଶଙ୍କରରେ ପହଞ୍ଚି ଗନ୍ଧମାର୍ଦ୍ଦନ ପାହାଡ ବୁଲିବା ସହିତ ବିଭିନ୍ନ ଔଷଧି ଗୁଳ୍ମ ଲତା, ଜୀବ ଜନ୍ତୁ, ପରିବେଶ ଉପରେ ପଚାରି ବୁଝିଥିଲେ। ଔଷଧି ଗୁଳ୍ମ ଲତାର ବ୍ୟବହାର, ସ୍ଥାନୀୟ ବୈଦ୍ୟଙ୍କ ଦ୍ୱାରା ଔଷଧିୟ ପ୍ରସ୍ତୁତି ଓ ରୋଗୀ ଚିକିତ୍ସା ଉପରେ ପଚାରି ବୁଝିଥିଲେ। ଏହି ପରିବେଶ କର୍ମୀ ଡ: ଅଭୟ ତ୍ରିପାଠୀ, ଏସିଏଫ୍ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଆମ ଜଙ୍ଗଲ ଯୋଜନା ଜିଲ୍ଲା ସଂଯୋଜକ ତୀର୍ଥବାସୀ ମିଶ୍ର, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା, ଆମଜଙ୍ଗଲ ଯୋଜନାର ତହସିଲ ବାଗ, ବିଷ୍ଣୁ ଛୁରା, ବୈଦ୍ୟ ଯୁଗେଶ୍ୱର୍ ଧରୁଆ, ଉମାକାନ୍ତ ପ୍ରଧାନ, କାଳିଆ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗସ୍ତ ଅତିସୁନ୍ଦର ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲା ଗସ୍ତ ଅବସରରେ ଅନେକ ଜ୍ଞାନ ଆହରଣ କରିବାର ଅବକାଶ ମିଳିଥିବା ଛାତ୍ରୀ ନେହା ଶ୍ରୀବାସ୍ତବ ପ୍ରକାଶ କରିଛନ୍ତି ।

# ୬ ତାରିଖରୁ ଆରମ୍ଭ ହେବ ପ୍ରସିଦ୍ଧ ହରଗୌରୀ ଯାତ୍ରା

ସୋନପୁର ,(ସବ୍ୟୁ): ଆସନ୍ତା ୬ ତାରିଖରୁ ସହରର ଢ଼େରାପଡା ଠାରେ ଆରମ୍ଭ ହେବ ପ୍ରସିଦ୍ଧ ହରଗୌରୀ ଯାତ୍ରା । ପ୍ରତିବର୍ଷେ ଅନ୍ତରରେ ଏହି ଯାତ୍ରା ସହରର ତେଲୁଗୁ ସଂପ୍ରଦାୟ ଦେବାଙ୍ଗ (ଢେରା) ଙ୍କ ଦ୍ୱାରା ଆୟୋଜନ ହେଉଥିବା ଏହି ଯାତ୍ରା ୬ତାରିଖରେ ପ୍ରଥମେ ଗୌରୀଙ୍କ ଆଗମନ ପରେ ୮ ତାରିଖରେ ହରଙ୍କୁ ଆମନ୍ତ୍ରଣ ଅଣାଯିବ । ପ୍ରତିଦିନ ହରଗୌରୀଙ୍କଠାରେ ସୁପ୍ରଭାତମ୍,ମହାପୂଜା, ରୁଦ୍ରାଭିଷେକ ପ୍ରଭୃତି ଜାରି ରହିବା ସହ ପ୍ରତି ସଂଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ । ୯ ତାରିଖରେ ବଲାଙ୍ଗିରର ଡେନ୍ସ ଗୃପ କିଲର୍ ବଏଜ୍‌ଙ୍କ ଦ୍ୱାରା ଡେନ୍ସ ପରିବେଷଣ ହେବ । ୧୦ ତାରିଖରେ ଭକ୍ତି ଆରାଧନା ଭଜନ ସଂଧ୍ୟା , ୧୧ ତାରିଖରେ ବର୍ଷାରାଣୀ ତ୍ରିପାଠୀଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଓ ଭଜନ ପରିବେଷଣ ହେବ । ୧୨ତାରିଖରେ ସମ୍ବଲପୁର ର ପଞ୍ଚବାଦ୍ୟ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ଲୋକ ନୃତ୍ୟ ପରିବେଷଣ ରହିଛି। ୧୩ ତାରିଖରେ ହରିଓଁ ମେଲୋଡି ଓ ୧୪ ତାରିଖ ଭୁବନେଶ୍ୱର ର ତରଙ୍ଗ ସଙ୍ଗୀତ ଭଜନ ସଂଧ୍ୟା ଓ ମଧ୍ୟରାତ୍ର ରୁ ଉଷାଶି ଉତ୍ସବ ଅନୁଷ୍ଠିତ ହେବ ବୋଲି ବୁଢ଼ିମା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ସହଦେବ ପାତ୍ର ପ୍ରକାଶ କରିଛନ୍ତି। ଦେବାଙ୍ଗ ଓ ପରମ୍ପରାକୁ ନେଇ ଏହି ଯାତ୍ରା ୯ ଦିନ ଧରି ଚାଲିବ ବୋଲି ଯାତ୍ରା କମିଟିର ସଂପାଦକ ବି.ସତ୍ୟନାରାୟଣ ରାଓ ସୂଚନା ଦେଇଛନ୍ତି ।

# ଓପିଏସସି କୃତିତ୍ୱଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ



ବଲାଙ୍ଗିର, (ସବ୍ୟୁ): ୨୦୨୩-୨୪ ବର୍ଷ ଓଡିଶା ସିଭିଲସର୍ଭିସ ପରୀକ୍ଷାରେ ବଲାଙ୍ଗିର ଜିଲ୍ଲାରୁ ଅନେକ ଯୁବକ/ଯୁବତୀ ସଫଳ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବଲାଙ୍ଗିର ନିର୍ବାଚନମଣ୍ଡଳିରୁ କୃତିତ୍ୱଲାଭ କରିଥିବା ଯୁବକ/ଯୁବତୀଙ୍କୁ ବିଧାୟକ କଳିକେଶ ନାରାୟଣ ସିଂଦେଓ ଓ ପୌରାଧକ୍ଷା ଲିକା ସାହୁ ସମ୍ବର୍ଦ୍ଧିତ କରିଛନ୍ତି । ସ୍ଥାନୀୟ ଶୈଳଶ୍ରୀ ପ୍ୟାଲେସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସଫଳ କୃତିତ୍ୱ ମାନଙ୍କୁ ଫୁଲତୋଡା ଓ ଦେଇ ବିଧାୟକ ଶ୍ରୀ ସିଂଦେଓ ସମ୍ବର୍ଦ୍ଧିତ କରି ସେମାନଙ୍କର ଆଗାମୀ ଦିନରେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେମାନଙ୍କ ମଧ୍ୟରେ ସୁପ୍ରୀୟା ମିଶ୍ର,ଶିବମ ସ୍ୱରୂପ ମହାନ୍ତି ,ରୋଶନ ପଟେଲ, ଅଟଳ ଦାଶ, ଆଶୀଷ ସୁନା, ହେମରାଜ କୁମ୍ଭାର, କାହ୍ନୁ ବାରିକ ପ୍ରମୁଖ । ଚାକିରି ଜୀବନରେ ଲୋକଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ସତ୍ୟ ଓ ନିଷ୍ଠା ପଥରେ ପରିଚାଳିତ ହୋଇ ଜିଲ୍ଲାର ଗୌରବ ବଢାଇବାକୁ ବିଧାୟକ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ ।

# ବଜ୍ରାଘାତରେ ଯୁବଚାଷୀ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଦଶପୁର ଗ୍ରାମରେ ବଜ୍ରାଘାତରେ ଜଣେ ମୃତ୍ୟୁ ହୋଇଯାଇଛି । ଖବର ପାଇ ପୋଲିସ ଶବକୁ ଜବତ କରିଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ, ଦଶପୁର ଗ୍ରାମର ରାମପ୍ରସାଦ ଭୋଇ(୨୭) ନିଜ ଜମିକୁ ଯାଇଥିଲେ । ତେବେ ବ୍ରଜପାତ ଯୋଗୁଁ ସେ ଅଚେତ ହୋଇ ପଡିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା ।

# ଅନନ୍ତ ପୂଜାରୀଙ୍କ ପରଲୋକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ମୁଦିପଡାର ନିବାସୀ ଅନନ୍ତ ପୂଜାରୀ(୬୮)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି । ସେ ଜଣେ ସରଳ, ନିରାଡ଼ମ୍ବର ଓ ମିଷ୍ଟଭାଷୀ ଥିଲେ । ତାଙ୍କ ବିୟୋଗ ଖବର ଅଞ୍ଚଳରେ ଶୋକର ଛାୟା ଖେଳି ଦେଇଛି । ସୂଚନାଯୋଗ୍ୟ, ବରଗଡ ଜିଲ୍ଲା କୁମ୍ଭାରୀ ଗ୍ରାମର ମୂଳନିବାସୀ ଅନନ୍ତ ପୂର୍ବତନ ବିଚାର ବିଭାଗୀୟ ଜେଏମ୍‌ଏଫ୍‌ସି ଝାରସୁଗୁଡା , ଭବାନୀପାଟଣା ଆଦି ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ । ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କ ପତ୍ନୀ ଅନିତା, ପୁଅ ଅଭିଷେକ, ବୋହୂ ଅଙ୍କିତା, ନାତୁଣୀ ଆରତ୍ରିକା ଓ ପରିବାର ଲୋକେ ଉପସ୍ଥିତ ଥିଲେ ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁଅ ଅଭିଷେକ ମୁଖାଗ୍ନି ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ପାଳିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଦେଇ ଶହୀଦ ସ୍ତମ୍ଭ, ଭରତା ସ୍ଥିତ ଗାନ୍ଧୀ ମନ୍ଦିର ଓ କମିଶନର କଲୋନୀ ପଡିଆ ସ୍ଥିତ ଜାତିର ପିତା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଆୟୋଜିତ ସଭାରେ ମାନେଶ୍ୱର ତହସିଲଦାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାତ୍ମାଗାନ୍ଧୀଙ୍କ ଆଦର୍ଶ କେବଳ ସ୍ୱାଧିନତାର ସଂଗ୍ରାମକୁ ନୁହେଁ , ଆଜିର ସମାଜକୁ ମଧ୍ୟ ପଥପ୍ରଦର୍ଶନ କରୁଛି ବୋଲି କହିଥିଲେ । ଏନ୍‌ଏସ୍‌ସିବି କଲେଜ ସହକାରୀ ଡ. ରଘୁମଣି ନାୟକ ମୁଖ୍ୟବକ୍ତା , ସମ୍ବଲପୁର ସଦର ତହସିଲଦାର ଅଭିଜିତ ମହନ୍ତ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ସୌରଚନ୍ଦ୍ର ପାଣି, ପର୍ଯ୍ୟଟନ ବିଭାଗ ଉପ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ଦଳେଇ ଏବଂ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁଚ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରୁ ଏହି ବରପୁତ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପରେ ରଘୁପତି ରାଘବ ଓ ଜନତୋ ଗାନ କରାଯାଇଥିଲା । ପରେ ସର୍ବଧର୍ମ ପ୍ରାର୍ଥନା ସଭା ଏବଂ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ସମସ୍ୟା ଘେରରେ ଗୋଲାମୁଣ୍ଡା ବ୍ଲକ୍ ସଦର ମହକୁମା

ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ସଦର ମହକୁମାରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳୁଛି। ପ୍ରଥମ ସମସ୍ୟା ଗୋଲାମୁଣ୍ଡା ୬ ଓ ୭ନମ୍ବର ଓ୍ୱାର୍ଡର କିଛି ଜାଗାରେ ପିଇବା ପାଣି ସମସ୍ୟା ଉତ୍କଟ । କୁହାଯାଏ ଜଳ ହିଁ ଜୀବନ । ଏହି ୬ ଓ ୭ନମ୍ବର ଓ୍ୱାର୍ଡ଼ର ମା ଓ ଭଉଣୀ ଏକ କିଲୋମିଟର ଦୂରକୁ ପିଇବା ପାଣି ଆଣିବାକୁ ଯାଇଥାନ୍ତି । ଏନେଇ ସ୍ଥାନୀୟ ପ୍ରଶାସନକୁ ଯେତେ ଗୁହାରି କଲେ ମଧ୍ୟ ସେମାନଙ୍କ କଥାକୁ ଖାତିରି କରୁ ନାହାନ୍ତି । ଦ୍ୱିତୀୟ ସମସ୍ୟା ଗଣ୍ଡାପଡା ଠାରୁ ଷ୍ଟେଟ ବ୍ୟାଙ୍କ ରାସ୍ତା ମରଣଯନ୍ତା ପାଲଟିଛି। ସେହି ରାସ୍ତା ଦେଇ ଯାଉଥିବା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତୃତୀୟ ସମସ୍ୟା ପଞ୍ଚାୟତ ରାସ୍ତା ଠାରୁ ଶିବ ମନ୍ଦିର ଯିବା ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ଯାଉଥିବା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । କାରଣ ସେହି ରାସ୍ତାରେ ଡ୍ରେନ ନଥିବା ହେତୁ ରାସ୍ତା ଉପରେ ପାଣି ଯାଉଥିବା ଯୋଗୁଁ ରାସ୍ତାଟି ସମ୍ପୂର୍ଣ୍ଣ ଖରାପ୍ ହୋଇଯାଇଛି। ଚତୁର୍ଥ ସମସ୍ୟାଟି ହେଉଛି ଗଣ୍ଡାପଡା ଠାରୁ ଭେନୋ ଛକ ଯିବା ରାସ୍ତା ଅବସ୍ଥା ଶୋଚନୀୟ । ସେହିପରି ଜଗନ୍ନାଥ ମନ୍ଦିର ଠାରୁ ନାଏକ ପଡା ଦେଇ ଆଦର୍ଶ ବିଦ୍ୟାଳୟକୁ ଯାଉଥିବା ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ସେହି ରାସ୍ତା ଆଦର୍ଶ ବିଦ୍ୟାଳୟକୁ ଅନେକ ଛାତ୍ର ଛାତ୍ରୀ ମାନେ ଯିବାଆସିବା କରୁଥିବା ସମୟରେ ପଡ଼ିଯିବାର ସମ୍ମୁଖୀନ ରହିଛି । ପଞ୍ଚମରେ ବନ୍ଧପଡା ଠାରୁ ତହସିଲ ଅଫିସକୁ ଯିବା ରାସ୍ତା ଶୋଚନୀୟ ଅବସ୍ଥା । ଏହି ରାସ୍ତା ଦେଇ ମଧ୍ୟ ଅନେକ ଲୋକ ଯିବା ଆସିବା କରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଷଷ୍ଠ ସମସ୍ୟା ଦେଖିବାକୁ ମିଳୁଛି ଜଗନ୍ନାଥ ମନ୍ଦିର ଠାରୁ କଲୋନୀ ପଡା ଶିବ ମନ୍ଦିର ଓ ତହସିଲ ଅଫିସକୁ ଯିବା ରାସ୍ତା ମରଣଯନ୍ତା । ଏହିପରି ଅନେକ ପଡାରେ ଡ୍ରେନ ନଥିବା ଦେଖିବାକୁ ମିଳୁଛି । ଏହି ସବୁ ସମସ୍ୟା ପ୍ରତି ଯଦି ପ୍ରଶାସନର ଦୃଷ୍ଟି ନ ପଡେ ଆଉ ସବୁ ସମସ୍ୟାର ସମାଧାନ କରାନଯାଏ ତାହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଗ୍ରାବାସୀ ଚେତାବନୀ ଦେଇଛନ୍ତି ।

# ଗାଡି ଧକ୍କାରେ ଯୁବକ ଗୁରୁତର

କୁଚିଣ୍ଡା, (ସବ୍ୟୁ): ଜମନକିରା-ଭୋଜପୁର ପିଡ଼ବ୍ଲୁଡ଼ି ରାସ୍ତା ଡେଙ୍ଗସର୍ଗୀ ମନ୍ଦିର ପାଖରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ସୂଚନା ରହିଛି। ଜମନକିରା ବ୍ଲକ ମୁଢ଼େନପାଲି ପଞ୍ଚାୟତ କାଣୀବନ୍ଧଲି ଗ୍ରାମର ସୁଲଥ ମାଝୀ ନିଜ ଶଶୁର ଘର ଛେପରା ବେଡ଼ାକୁ ଏକ ହିରୋହୋଣ୍ଡା ଏଚ.ଏଫ ଦିଲକ୍ସ ଗାଡି ନମ୍ବର ଓଡି ୧୫ ଏଲ ୩୯୫୦ ରେ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଦୁର୍ଘଟଣା ପରେ କିଛି ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ କରିଥିଲେ । କିନ୍ତୁ ପ୍ରାୟ ଏକ ଘଣ୍ଟା ଅପେକ୍ଷା କରିଥିଲେ ମଧ୍ୟ ଏମ୍ବୁଲାନ୍ସ ସେବା ମିଳିପାରିନଥିଲା । ଫଳରେ ଉକ୍ତ ରାସ୍ତାରେ ଆସୁଥିବା ସରେଇ ଅଞ୍ଚଳର ଏକ ଟେମ୍ପୁ ସାହାଯ୍ୟରେ ତାଙ୍କୁ ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।

ଜମନକିରା ଡାକ୍ତରଖାନାରେ ଡାକ୍ତର ସୁରଜ ପଟେଲ, ଫାର୍ମାସିଷ୍ଟ ସୁବୋଧ ଆଚାର୍ଯ୍ୟ, ନର୍ସ ସବନମ କୁଜୁରଙ୍କ ସାହାଯ୍ୟରେ ଆହତ ଯୁବକଙ୍କ ଚିକିତ୍ସା କରିଥିଲେ । ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ବଡ ମେଡିକାଲକୁ ସ୍ଥାନାନ୍ତର ପାଇଁ ରେଫର କରିଥିଲେ ।

# ଲଘୁଚାପ ବର୍ଷାରେ ବେହାଲ : ତୁରନ୍ତ ମରାମତି ଦାବି



ରାୟଗଡା, (ସବ୍ୟୁ): ରାୟଗଡା ଜିଲ୍ଲା ଗୁଣପୁର ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି । ବର୍ଷା ପ୍ରଭାବରେ ଗୁଣପୁର ବ୍ଲକର ପୁଟାସିଂ ଏବଂ ଟୋଲନା ପଞ୍ଚାୟତ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହି ଦୁଇ ଗୋଟି ପଂଚାୟତର ସ୍ଥାନରେ ଆପ୍ରଚ ରୋଡ଼ ଓ ରାସ୍ତା ଧସି ଯିବାରୁ ବିଭିନ୍ନ ସ୍ଥାନକୁ ଯାତାୟତ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିଲା । ଟୋଲଣା ଠାରୁ ବଡମସିଂ ରାସ୍ତାରେ ଏକ ପୋଲର ଆପ୍ରୋଚ ରୋଡ଼ ଧସି ଯିବାରୁ ଉକ୍ତ ରାସ୍ତାରେ ଗମନା ଗମନ ଠପ ହୋଇଯାଇଛି । ଆଦିମ ଜନଜାତି ଅଞ୍ଚଳ ପୁଟାସିଙ୍ଗ ଠାରୁ ଶଗଡା ରାସ୍ତା ଠାରେ ମଧ୍ୟ ଏକ କଲଭର୍ଟ ନିକଟରେ ରାସ୍ତା ଧୋଇ ହୋଇଯିବାରୁ ପୁଟାସିଙ୍ଗ ପଂଚାୟତ ଠାରୁ ଶଗଡା ପଂଚାୟତ ବିଛିନ୍ନ ହୋଇଯାଇଥିଲା । ସେହିଭଳି ପାହାଡିଆ ଜଳ ପୁଟାସିଙ୍ଗ ବାଳକ ବିଦ୍ୟାଳୟ ଓ ବାଳିକା ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରିଥିବାରୁ ବିଦ୍ୟାଳୟର ପାଚେରି ଭୁଷୁଡି ପଡିଛି । ଲଗାଣ ବର୍ଷା ପ୍ରଭାବରେ ଏହି ପଂଚାୟତରେ ବସବାସ କରୁଥିବା ଜନଜାତି ଅଂଚଳର ଜମି ମଧ୍ୟକୁ ପ୍ରବେଶ କରିଥିବାରୁ ଧାନ ଚାଷ ପ୍ରଭାବିତ ହୋଇଛି ।

ଲଘୁଚାପ ଜନିତ ବର୍ଷା ଯୋଗୁଁ ରାୟଗଡା ଜିଲ୍ଲା ଗୁଣପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ କ୍ଷୟକ୍ଷତି ପ୍ରଶାସନର ନଜରକୁ ଆସିବା ତତକ୍ଷଣାତ ବର୍ଷା ଚାଲିଥିବା ସମୟରେ ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ । କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମଧ୍ୟ ଗୁଣୁପୁର ବ୍ଲକର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଛନ୍ତି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶକ୍ରମେ ଅତ୍ୟାଧୁନିକ ପଦ୍ଧତି ବ୍ୟବହାର କରି ଡ୍ରନ ମାଧ୍ୟମରେ କ୍ଷୟକ୍ଷତିର ଆକଳନ । କ୍ଷୟକ୍ଷତି ଘଟିଥିବା ଅଞ୍ଚଳରେ ତୁରନ୍ତ ଆକଳନ କରିବା ଏହା ପ୍ରଥମ ଅଟେ । ଧାନ, କଦଳୀ, କପା ଆଦି ଚାଷ ସହ ରାସ୍ତା, ଘର, ବିଦ୍ୟାଳୟ ପାଚେରୀ ନଷ୍ଟର ଆକଳନ ମଧ୍ୟ କରାଯାଉଛି । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଉପ ଜିଲ୍ଲାପାଳ ଗୁଣପୁର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ବିଡ଼ିଓ ସ୍ୱସ୍ତିକ ଜମାଦର, ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ ।

# ସର୍ବଶ୍ରେଷ୍ଠ ଦୁର୍ଗାପୂଜା ମଣ୍ଡପ ଭାବେ ରଜାପଡ଼ା, ଖଡିଆଳକୁ ଟ୍ରଫି

ନୂଆପଡ଼ା, (ସବ୍ୟୁ): ନୂଆପଡା ଜିଲ୍ଲାର ସର୍ବଶ୍ରେଷ୍ଠ ପୂଜା ମଣ୍ଡପ ଭାବରେ ଏକ ବୈଦୁତିକ ଗଣମାଧ୍ୟମ ପକ୍ଷରୁ ସାର୍ବଜାନୀନ ଦୁର୍ଗାପୁଜା ଟ୍ରଷ୍ଟ ରଜାପଡାକୁ ଟ୍ରଫି ଦେଇ ସମ୍ମାନୀତ କରାଯାଇଛି । ମୁଖ୍ୟ ଅତିଥି ଭାବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବରେ ସାର୍ବଜନୀନ ଦୁର୍ଗାପୁଜା ଟ୍ରଷ୍ଟ ସଭାପତି ଦେବ ଦେବ ସିଂଦେଓ , ସମ୍ମାନୀତ ଭାବରେ ରାଜ୍ୟପାଳ ପୁପସ୍କାର ପ୍ରାପ୍ତ ଅବସରକାଳୀନ ଶିକ୍ଷକ ବଳଭଦ୍ର ମହାନ୍ତି ଓ କଣ୍ଟାବାଞ୍ଜି କଲେଜ ଅଧକ୍ଷ ଡ. ପଦ୍ମଲୋଚନ ବର୍ମା, ପୁଜା ମଣ୍ଡପର ବରିଷ୍ଠ ରାଜ ପୁରୋହିତ ମାନଙ୍କ ସହ ପୁଜା କମିଟିର ସଦସ୍ୟ ଓ ଖଡିଆଳର ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜୟପାଟଣାରେ ଦୁର୍ଗାପୂଜା

ଜୟପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ଠାରେ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଅବଶ୍ୟ ନବମୀ ଦିନ ବର୍ଷା ଉତ୍ସବର ମାହୋଲକୁ ଟିକିଏ ଫିକା କରିଦେଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ଜୟପାଟଣା ସହରରେ ପୂଜା ପେଣ୍ଡାଲରେ ସୁନ୍ଦର ତୋରଣ, ଲାଇଟ୍ ସହ ସାଜସଜ୍ଜା କରିଥିଲେ ହେଁ ତୁହାକୁ ତୁହା ବର୍ଷା ସମସ୍ତଙ୍କୁ ନିରାଶ କରିଥିଲା । ଚଳିତ ବର୍ଷ କମିଟି ସଭାପତି ଜୟନ୍ତ କୁମାର ପଣ୍ଡା ଏବଂ ସଂପାଦକ ପବିତ୍ର କୁମାର ନାଏକଙ୍କ ତତ୍ତ୍ୱାବଧାନରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାରେ କର୍ତ୍ତା ଭାବରେ ଶ୍ୟାମସୁନ୍ଦର ପଣ୍ଡା ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥଲେ । ଦୁର୍ଗା ମନ୍ଦିରରେ କର୍ତ୍ତା ଦିଲ୍ଲୀପ ରାଉତ ସପତ୍ନୀକ ସହଯୋଗ ପ୍ରଦାନ କରିଥିଲେ।



ରବିବାର ଷଷ୍ଠୀ ପୂଜା ଠାରୁ ଗୁରୁବାର ଦଶମୀ ପର୍ଯ୍ୟନ୍ତ ଶାସ୍ତ୍ରୀୟ ବିଦ୍ଧିମତେ ପୂଜା କରାଯାଇଥିଲା । ପୂଜାପାଇଁ ସମଗ୍ର ଜୟପାଟଣା ଅଂଚଳ ଚଳଚଞ୍ଚଳ ହୋଇ ଉଠିଥିଲା । ଆଖ ପାଖ ଅଞ୍ଚଳର ଲୋକେ ବହୁ ପରିମାଣରେ ମା' ଦୁର୍ଗାଙ୍କୁ ଦର୍ଶନ କରିବା ସହ ଘୁମୁରା ,ନାଟ, ରେକର୍ଡ ଡାନ୍ସ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ସେହିପରି ଜୟପାଟଣା ସହର ର ଗାନ୍ଧୀଗ୍ରାମ ଠାରେ ଆୟୋଜିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜାର ସଭାପତି ଭାବରେ ଗଙ୍ଗାଧର ମାଝୀ ଏବଂ ସଂପାଦକ କୃଷ୍ଣଚନ୍ଦ୍ର ରାଉତ କମିଟି ସଦସ୍ୟ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା । କର୍ତ୍ତା ଭାବରେ ସୁବାସ ଚନ୍ଦ୍ର ମୁଣ୍ଡ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। ବର୍ଷା ଯୋଗୁଁ ହାଇସ୍କୁଲ ହତା ମଧ୍ୟରେ ରାବଣପୋଡ଼ି କାର୍ଯ୍ୟକ୍ରମ ଆଂଶିକ ବ୍ୟାହତ ହୋଇଥିଲେ ହେଁ ସମଗ୍ର ଅଂଚଳ ଉତ୍ସବ ମୁଖର ହୋଇଉଠିଥିଲା ।

# ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୂର୍ବ ଛାତ୍ରଛାତ୍ରୀ ଏକତ୍ରୀକରଣ



କନ୍ଧମାଳ, (ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହରେ ପରିଚାଳନା ସମିତି ସଭାପତି ସୋମନାଥ ଅଧକ୍ଷତାରେ ପୂର୍ବ ଛାତ୍ରଛାତ୍ରୀମାନଙ୍କ ଏକତ୍ରୀକରଣ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ସଭାପତି ଦେବାଧି ମଲ୍ଲିକ ମୁଖ୍ୟଅତିଥି,କନ୍ଧମାଳ ସଙ୍କୁଳ ପ୍ରମୁଖ ତଥା ପୂର୍ବ ପ୍ରାଧାପକ ସନ୍ତୋଷ କୁମାର ବିଶି ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ,ପୂର୍ବତନ କୋଷାଧକ୍ଷ ମନ୍ଦରଧର ବେହେରା ସହ ସମ୍ପାଦକ ଉପେନ୍ଦ୍ର ଭୋଇ,ବିଦୁ ପରିଷଦ ସଭାପତି ଚଉଳିଆ ସଦସ୍ୟ ଦେବଚନ ସାହୁ ,ପୀତବାସ ଝାଙ୍କର,ସଦସ୍ୟା ଲକି ସାହୁ ,ମାତୃ ଭାରତୀ ମନ୍ତ୍ରୀ ଅଞ୍ଜଳି ସାହୁ , କାର୍ଯ୍ୟକ୍ରମ ପ୍ରମୁଖ ମାମିନା ସାହୁ ଉପସ୍ଥିତ ରହି ସ୍ୱାବଲମ୍ବୀ ଭାରତ ଗଠନରେ ପୂର୍ବଛାତ୍ରଛାତ୍ରୀଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ,ବୌଦ୍ଧିକ ପ୍ରମୁଖ ସନ୍ଧ୍ୟାରାଣୀ ମନହିରା କାର୍ଯ୍ୟକ୍ରମ ସଂଯୋଜନା ଓ ସମ୍ପାଦକ ଭକ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ଶିଶୁ ଭଉଣୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା ଛ ପ୍ରାୟ ୯୦ ଜଣ ପୂର୍ବ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ଆଚାର୍ଯ୍ୟ ଶ୍ରୀକାନ୍ତ କୁଦେଇ , ବିକାଶ ସାହୁ ,ସୁଶାନ୍ତ ମାଝୀ , ନେପାଳ ପ୍ରଧାନ , ରାଜକୁମାର ରଣା ଆଚାର୍ଯ୍ୟା ,ଝରଣା ପ୍ରଧାନ ,ସାଇବାନୀ ପାତ୍ର ,ମମିତା ରଣା , ବେଦମତି କୁଦେଇ ,ସୁରୁସୂତା ଭୋଇ ,ଖୀରବତି ଭୋଇ, ସହଯୋଗ କରିଥିଲେ ।

# ଗୋଲାମୁଣ୍ଡା ବ୍ଲକ: ଲଗାଣ ବର୍ଷାରେ ଧୋଇଗଲା ରାସ୍ତା

ଗୋଲାମୁଣ୍ଡା, (ସବ୍ୟୁ): ଗତ ଦୁଇ ଦିନ ଧରି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେଉଥିବାରୁ ବ୍ଲକ ଅଞ୍ଚଳର ଅନେକ କ୍ଷୟକ୍ଷତି ହୋଇଛି। ବିଶେଷ କରି ବ୍ଲକ ଓ ଏହା ଅଧିନରେ ଥିବା ମୋରୁମ ମେଟାଲ ଗାର୍ଡୱାଲ ରାସ୍ତା ଧୋଇ ହୋଇଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ମଧ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଥିଲା । ଲଘୁଚାପର ପ୍ରଭାବରେ ଶୁକ୍ରବାର ଗୋଲାମୁଣ୍ଡା ବ୍ଲକରେ ୮୧ ମିମି ବର୍ଷା ରେକର୍ଡ କରାଯାଇଛି । ଶନିବାର ସକାଳୁ ମଧ ବର୍ଷା ଲାଗି ରହିଛି ।

ବ୍ଲକର ୨୮ ଗୋଟି ଗ୍ରାମ ପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ ବିଶେଷ କରି ମାନଝରି, ଉଦେଶୃଙ୍ଗ, ବଡଚେରଗାଁ, ଚହକା ,ରେଙ୍ଗସାପାଲି, କୁହୁରା, ବୋର୍ଡି, ମାହଲିଙ୍ଗ,ଲେଡେର ଗ୍ରାମପଞ୍ଚାତର ଅନେକ ଗ୍ରାମ୍ୟ ରାସ୍ତା ଧୋଇଯାଇଥିବା ଦେଖିବାକୁ ମିଳିଛି । ରେଙ୍ଗସାପାଲିକୁ ସଂଯୋଗ କରୁଥିବା ରସ୍ତାର ଏକ ପାର୍ଶ୍ୱର ପାଣି ଧୋଇ ଦେଇଥିବାରୁ ଉକ୍ତ ରାସ୍ତା ଦେଇ ବଡ ବଡ ଗାଡି ଯିବା ଆସିବା ବନ୍ଦ ହୋଇଯାଇଥିଲା । ଗ୍ରାମ୍ୟ ରସ୍ତା ସାଙ୍ଗକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନେକ ରାସ୍ତା ମଧ୍ୟ ଲଘୁଚାପ ବର୍ଷାରେ ଧୋଇ ଦେଖିବାକୁ ମିଳିଛି । ଅପରପକ୍ଷରେ ବ୍ଲକର ଅନେକ ଚାଷୀଙ୍କ ପନିପରିବା କପା ଧାନ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ତେଲ ନଦୀ ଓ ଉଦନ୍ତି ନଦୀରେ ଚଳିତ ବର୍ଷ ସର୍ବାଧିକ ଜଳ ପ୍ରବାହିତ ହୋଇ ତଳିଆ ଚାଷ ଜମି ମାନଙ୍କରେ ବଢି ପାଣି ପଶିଥିବା ଦେଖିବାକୁ ମିଳିଛି । ବନ୍ୟା ଜଳ ଯୋଗୁଁ ଲେଡେର, ଚପ୍ରିଆ, କେଗାଁ, ସିନାପାଲି, ବୋର୍ଡି, ବଡଚେରଗାଁ, ଉଛୁଲା ଗ୍ରାମପଞ୍ଚାୟତର ଅନେକ ଚାଷୀଙ୍କ ଚାଷ ଜମିରେ ବାଲିଚର ହୋଇଥିବା ଚଷୀମାନେ ଅଭିଯୋଗ କରିଛନ୍ତି ଲଗାଣ ବର୍ଷାରେ ଚାଷ ଚାଷ ତଥା ଅନେକ ରାସ୍ତାଘାଟ କ୍ଷୟକ୍ଷତି ହୋଇଥିବାରୁ ସରକାର ଏଦିଗରେ ଯତ୍ନବାନ ହୋଇ ଯଥା ଶିଘ୍ର ଚାଷୀଙ୍କ କ୍ଷତିପୁରଣ ସାଙ୍ଗକୁ କ୍ଷତିଗ୍ରସ୍ତ ରାସ୍ତାକୁ ମରାମତି କରିବାକୁ ସାଧାରଣରେ ଦାବୀ ହେଉଛି ।

# ଭାଇ ଜିଉନ୍ତିଆ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

ମୁରିବାହାଲ,(ସବ୍ୟୁ):୨୫ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ମୁରିବାହାଲ ବ୍ଲକର ଲେବଡା ପଞ୍ଚାୟତ ପିଟାପରା ଗ୍ରାମରେ ଭାଇ ଜିଉଁନ୍ତିଆ ଉପଲକ୍ଷେ ଏକ ସୁନ୍ଦର ସାଂସ୍କୃତିକ ପ୍ରତିଯୋଗୀତା ( ଡ୍ୟାନ୍ସ ଡ୍ୟାନ୍ସ) ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀତା ପୂର୍ବରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ରୂପେ ପୂର୍ବତନ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ ଓ ବିଶିଷ୍ଟ ଅତିଥି ରୂପେ ଅବସରପ୍ରାପ୍ତ ବ୍ଲାକ କମାଣ୍ଡୋ ଗିରିରାଜ ସିଂ ମାଝୀ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବରେ ବିଜେଡି ଯୁବ ସଭାପତି ବିଷ୍ଣୁ ଯୁଏଡ, ସମୃଦ୍ଧ ଭାରତ ସଂଗଠନର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସାହୁ, ଲେବଡ଼ା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ନବ କିଶୋର ହାତୀ, ଅବସର ପ୍ରାପ୍ତ ସୈନିକ ଯୁବରାଜ ମାଝୀ, ଜୟନାରାୟଣ ସାହୁ, କବି ଯଶୋବନ୍ତ ସାହୁ ଓ ପିଟାପରା ୱାର୍ଡ ମେମ୍ବର ବାସୁଦେବ ସାହୁ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଭାବରେ ଓ ନୃତ୍ୟ ବିଚାରପତି ଭାବେ ବିଶିଷ୍ଟ ନୃତ୍ୟଶିଳ୍ପୀ ମିସ୍ ପିଙ୍କି ମାଝୀ ଯୋଗଦେଇଥିଲେ। ସତ୍ୟନାରାୟଣ ସାହୁ ଓ ବିଜୟ ସାହୁ ମଧ୍ୟ ନୃତ୍ୟ ବିଚାରପତି ଭାବରେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ ।

# କିସିଣ୍ଡାରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

ରେଢ଼ାଖୋଲ, (ସବ୍ୟୁ): ସମ୍ବଲପୁର ଜିଲ୍ଲା ବାମରା ପ୍ରାଣୀ ବନଖଣ୍ଡ ଖଲାଶୁଣୀ ବନ୍ୟ ପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ କିସିଣ୍ଡା ଠାରେ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମଣିଷ -ହାତୀ ସହାବସ୍ଥାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସମାରୋହରେ ବନ୍ୟପ୍ରାଣୀ ବାମରା ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମଣିଷ -ବନ୍ୟପ୍ରାଣୀ ସହାବସ୍ଥାନ ଏବଂ ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ନଷ୍ଟ ଚାଷୀଙ୍କୁ ସରକାରଙ୍କ ତରଫରୁ କିଭଳି ଅନୁକମ୍ପା ରାଶି ମିଳିବ ତା ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ନାକଟିଦେଉଳ ବ୍ଲକ ଅଧକ୍ଷା ସ୍ୱରୁପା ରାଣୀ ସାହୁ ଯୋଗ ଦେଇଥିବାବେଳେ କିସିଣ୍ଡା ବନାଞ୍ଚଳ ଅଧିକାରୀ ମହେନ୍ଦ୍ର କୁମାର ସାହୁ ସଭା ପରିଚାଳନା କରିଥିଲେ । ଏହି ଅବସରରେ ଉତ୍ତମ କାର୍ଯ୍ୟ ପାଇଁ ଚାରିଜଣ ଗଜସାଥୀ ଓ ବନରକ୍ଷୀଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଭୁବନେଶ୍ୱର ପାଣି, ଅନୁରାଧା ଖରସେଲଙ୍କ ସମେତ ସମସ୍ତ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବିଶ୍ୱପ୍ରସିଦ୍ଧ ଛତରଯାତ୍ରା ପାଳିତ



ଭବାନୀପାଟଣା, (ସବ୍ୟୁ): ଦଶହରା ପର୍ବ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରି ଦେବୀ ମାଁ ମାଣିକେଶ୍ୱରୀଙ୍କର ବିଶ୍ୱ ପ୍ରସିଦ୍ଧ ଛତରଯାତ୍ରା ହୋଇଯାଇଛି । ଗତ ୨୯ ତାରିଖ ମଧ ରାତ୍ରରେ ସନ୍ଧିପୂଜା ସରିବା ପରେ ମାଁଙ୍କ ଛତ୍ରକୁ ଦୁଇ କିମି ଦୁରରେ ଥିବା ଜେନାଖାଲକୁ ନିଆଯାଇଥିଲା। ସେଠାରେ ଗୁପ୍ତ ବିଧିରେ ପୂଜାର୍ଚ୍ଚନା ପରେ ଭୋର ଘ.୪.୩୦ମି. ସମୟରେ ଛତରକୁ ମନ୍ଦିର ଅଭିମୁଖେ ବାହାର କରାଯାଇଥିଲା। ଚଳିତ ବର୍ଷ ଜେନାବାଦ୍ୟ ଓ ଘୁମୁରା ସହ ପ୍ରାୟ ୪୦ଟି ବିଭିନ୍ନ ସାଂସ୍କୃତିକ ଦଳ ବିରାଟ ଶୋଭାଯାତ୍ରାରେ ମନ୍ଦିରକୁ ଅଣାଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ପ୍ରାୟ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ କରିବା ସକାଶେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ମାଁଙ୍କ ଛତର ମନ୍ଦିର ଅଭିମୁଖେ ବାହାରିବା ସମୟରେ ରାସ୍ତାର ଉଭୟ ପାଶ୍ୱର୍ରେ ମାନଷିକ କରିଥିବା ବ୍ୟକ୍ତିମାନେ ଓ ମାନସିକ ପୂରଣ ହୋଇଥିବା ବ୍ୟକ୍ତିମାନେ ପାରା ଉଡାଇବା ସହ ବୋଦା ଓ କୁକୁଡା ବଳି ଦେଇଥିଲେ। ଚଳିତ ବର୍ଷ ପାଗ ଭଲ ଥିବାରୁ ଜିଲ୍ଲା ବାହାରୁ ଓ ଦେଶର ବିଭିନ୍ନ ରାଜ୍ୟରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ଝୁମି ଝୁମି, ଜେନା ବାଦ୍ୟରେ ଅସୁଥିବା ମାଁଙ୍କ ଚିତ୍ତାକର୍ଷକ ଶୋଭାଯାତ୍ରାକୁ ଉପଭୋଗ କରିଥିଲେ। ଭୋର ସକାଳୁ ବାହାରିଥିବା ମାଁଙ୍କ ଛତର ବିରାଟ ଶୋଭାଯାତ୍ରାରେ ଆସି ଦିନ ଘ.୧୧.୫୦ମି. ସମୟରେ ମାଁ ମାଣିକେଶ୍ୱରୀଙ୍କ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଛତରକୁ କଳାହାଣ୍ଡିର ମହାରାଜା ଅନନ୍ତ ପ୍ରତାପ ଦେଓ ପୂଜାର୍ଚ୍ଚନା କରି ପରିବାର ସହ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ମନ୍ଦିରରରେ ପ୍ରବେଶ କରିବା ପରେ ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା।

ବିଜୟ ଯାତ୍ରାର ଦିନକ ପରେ କଳାହାଣ୍ଡିର ପରମ୍ପରା ଅନୁଯାଇ ଲାଖବିନ୍ଧା ପର୍ବ ଅନୁଷ୍ଠିତ ହୋଇଥିଲା। ମନ୍ଦିରରୁ ମାଣିକେଶ୍ୱରୀ ମାଁଙ୍କ ଛତରକୁ ପୁଣିଥରେ ମନ୍ଦିର ଠାରୁ ୩ କିମି ଦୁରରେ ଥିବା ନକଟିଗୁଡାସ୍ଥିତ ଲାଖବିନ୍ଧା ପଡିଆକୁ ନିଆଯାଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଲାଖବିନ୍ଧା ପଡିଆରେ ମାଁଙ୍କ ଦର୍ଶନ ଓ ଲାଖ ବିନ୍ଧିବା ସକାଶେ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା। ପ୍ରଥମେ ରାଜପରିବାରର ସଦସ୍ୟ ବନ୍ଧୁକ ଚାଳନା କରିବା ପରେ ଲକ୍ଷ୍ୟଭେଦ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ପୋଲିସ ଡିଭିଏଫ୍ର ବିଶ୍ୱଜିତ ପାତ୍ର ଲକ୍ଷ୍ୟଭେଦ କରି ପୁରସ୍କୃତ ହୋଇଥିଲେ।

ନଂ. ୧୨/୧୧୪/୨୦୨୫ (ଇ.୨୬୯୨୨୧)

**ଭାରତ ସରକାର**

**ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ**

**ଏଚଏସଏମ ଡିଭିଜନ**

****

**ବିଷୟ :** ବିପଜ୍ଜନକ ଉପାଦାନ ପରିଚାଳନା ପ୍ରଭାଗ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ଚୁକ୍ତି ଭିତ୍ତିକ ୪ ପରାମର୍ଶଦାତା ନିଯୁକ୍ତି ପାଇଁ ବିଜ୍ଞାପନ ।

ବିଜ୍ଞାନ ପରାମର୍ଶଦାତା ଯଥା : ୦୧ଟି ଯୁବ ପ୍ରଫେସନାଲ ପଦବୀ, ୦୨ଟି ବୈଜ୍ଞାନିକ ପରାମର୍ଶଦାତା ଗ୍ରେଡ୍-୧ ପଦବୀ ଏବଂ ୦୧ଟି ବୈଜ୍ଞାନିକ ପରାମର୍ଶଦାତା ଗ୍ରେଡ୍-୨ ପଦବୀ ନିମନ୍ତେ ପରିବେଶ ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀ ଅଧିନସ୍ଥ ବିପଜ୍ଜନକ ଉପାଦାନ ପରିଚାଳନା (ଏଚଏସ୍ଏମ) ଡିଭିଜନ ପ୍ରଭାଗରେ ୦୪ଟି ଉଲ୍ଲିଖିତ କ୍ୟାଟେଗୋରୀ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉ ଅଛି । ଯୁବ ପରାମର୍ଶଦାତାଙ୍କ ନିମନ୍ତେ ସଂଗଠିତ ମାସିକ ଫି' ଟ. ୭୦,୦୦୦ ଏବଂ ବୈଜ୍ଞାନିକ ପରାମର୍ଶଦାତା ଗ୍ରେଡ୍-୧ ପାଇଁ ଟ. ୯୦,୦୦୦ ଏବଂ ବୈଜ୍ଞାନିକ ପରାମର୍ଶଦାତା ଗ୍ରେଡ୍-୦୨ ପାଇଁ ଟ. ୧,୨୦,୦୦୦/- ପ୍ରାପ୍ୟ ଧାର୍ଯ୍ୟ ଅଟେ । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ୱେବସାଇଟ୍ www.moef.nic.in ରେ ଖାଲିପଡିଥିବା ପଦବୀର ସମ୍ପୂର୍ଣ୍ଣ ବିବରଣୀ ଉପଲବ୍ଧ ଅଟେ ଯାହାର ଲିଙ୍କ୍ ହେଉଛି : 'Recruitment'

ଏହି ବିଜ୍ଞାପନ ପ୍ରକାଶ ପାଇବା ତାରିଖ ଠାରୁ ୨୧ ଦିନ ହେଉଛି ଆବେଦନ ପତ୍ର ଗ୍ରହଣର ଶେଷ ତାରିଖ ।

cbc13101/11/0016/2526

## କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ, କେନ୍ଦ୍ରାପଡ଼ା

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା- କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ ।
- ସଞ୍ଚୟ ଜମା **(Saving Collection Account)**ରେ ବାର୍ଷିକ ୪.୦୦% ସୁଧ **Daily Balance** ଉପରେ ଦିଆଯାଏ ।
- ସ୍ଥାୟୀ ଜମା **(Fixed Deposit)**ରେ ୧ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୁର୍ଦ୍ଧ ପାଇଁ ୯.୦୦% ସୁଧ ଦିଆଯାଏ ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ ।
- ଦୃଷ୍ଟିହୀନ ଓ ସଂପୂର୍ଣ୍ଣ ଶାରୀରିକ ଅକ୍ଷମ ତଥା ଅସହାୟ ପରିବାରକୁ ଜ୍ଞାନଦେବୀ ଗୁରୁରାଣ ସହାୟତା ପ୍ରଦାନ ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ **(Senior Citizen)**ଙ୍କ ଜମା ଉପରେ ଯେକୌଣସି ଗୋଟିକରେ ୦.୫୦% ଅଧିକ ସୁଧ ଦିଆଯାଏ ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ୍ୟ **CBS** ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟବକ୍ସା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହ ନିର୍ମାଣ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖାଗୁଡ଼ିକ ସୂଚାରୁରୂପେ କାର୍ଯ୍ୟ କରୁଛି ।

**ଅରବିନ୍ଦ ସାହୁ**
**ସଂପାଦକ**
**ମୋ.- ୯୧୨୪୨୫୪୪୧୯**

**ପ୍ରମୋଦ ସାହୁ**
**ସଭାପତି**
**ମୋ.- ୯୧୨୪୨୫୪୪୧୮**

## ଗଜପତି ଜିଲ୍ଲା କୃଷି ବିଭାଗ ତରଫରୁ କୃଷକମାନଙ୍କ ପାଇଁ ସୂଚନା

୧. ରାଜ୍ୟ ସରକାରଙ୍କ ସମନ୍ୱିତ କୃଷି ଯୋଜନା ମାଧ୍ୟମରେ କ୍ଷେତ ପୋଖରୀ ଏବଂ ଚାଷ ଜମିରେ ସମନ୍ୱିତ ମଡେଲ କରିବା ପାଇଁ ସାଧାରଣ ବର୍ଗର କୃଷକମାନଙ୍କୁ ଶତକଡ଼ା ୪୦% ରିହାତି ଏବଂ ମହିଳା ଅନୁସୂଚିତ ଜନଜାତି ନିମନ୍ତେ ୫୦% ରିହାତି ଦେବାର ବ୍ୟବସ୍ଥା ରହିଛି । ଏଥିପାଇଁ କୃଷି ବିଭାଗର website ifsodisha.nic.in ଜରିଆରେ କୃଷକମାନେ ଆବେଦନ କରିପାରିବେ । ଚଳିତବର୍ଷ ସମନ୍ୱିତ ଚାଷ ପ୍ରଣାଳୀ ୨୦୨୫-୨୬ ଗଜପତି ଜିଲ୍ଲା ନିମନ୍ତେ ସର୍ବମୋଟ ୧୨୪ ଗୋଟି ଯୋଜନା ରହିଛି ।
୨. ଭୂମିହୀନ, ଭାଗଚାଷୀ, ଜମିଥିବା ଚାଷୀ, ଉଦ୍ୟାନ କୃଷି, ଜଙ୍ଗଲ ଜମି ଉପରେ ନିର୍ଭରଶୀଳ ଚାଷୀ, ମତ୍ସ୍ୟ ପଶୁ ସମ୍ପଦ ଚାଷୀ ଏବଂ କୃଷି ଶ୍ରମିକମାନଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକକ ପରିଚୟପତ୍ର ପ୍ରଦାନ କରାଯିବ । ଏ ବିଷୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୃଷକ ଓଡ଼ିଶା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି । ଏଥିପାଇଁ ନିକଟସ୍ଥ ମୋ ସେବା କେନ୍ଦ୍ରରେ ଚାଷୀଭାଇ ଓ ଭଉଣୀମାନେ ପଞ୍ଜୀକରଣ କରିପାରିବେ ।
୩. ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ନିଜର e-kyc/ ଆଧାର କାର୍ଡ଼ ସହିତ ବ୍ୟାଙ୍କ ଖାତାର ଲିଙ୍କ୍ ଏବଂ କୃଷକ ଓଡ଼ିଶା ପୋର୍ଟାଲରେ ନିଜର ଜମି ଖାତାର ଲିଙ୍କ୍ କରିବା ନିହାତି ଆବଶ୍ୟକ ।
୪. କୃଷି ଯାନ୍ତ୍ରୀକରଣ ଯୋଜନା ମାଧ୍ୟମରେ ବିଭିନ୍ନ ଯନ୍ତ୍ରପାତି ଓ ପମ୍ପସେଟ୍ ରିହାତି ଦରରେ ପାଇବା ପାଇଁ agrisnetodisha.ori.nic.in websiteରେ ଆବେଦନ କରିପାରିବେ ।
୫. ରାଜ୍ୟ ସରକାରଙ୍କ ଯୋଜନା ଜରିଆରେ ଖରିଫ ଋତୁରେ ଚାଷ କରାଯାଇଥିବା ଜମିରେ ରୋଗ ପୋକ ଲାଗିଲେ ତାକୁ ଦମନ କରିବା ପାଇଁ ଦରକାର ହେଉଥିବା ଔଷଧ ଶତକଡ଼ା ୫୦ ଭାଗ ରିହାତିରେ ଡି.ବି.ଟି. ଜରିଆରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି । ଏଥିପାଇଁ ଚାଷୀମାନେ ଗ୍ରାମ କୃଷି କର୍ମଚାରୀ ଏବଂ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ ।
୬. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଜରିଆରେ ସର୍ବସାଧାରଣ ବର୍ଗ ପୁରୁଷମାନଙ୍କ ପାଇଁ ୪୦ ପ୍ରତିଶତ, ସର୍ବସାଧାରଣ ବର୍ଗ ମହିଳା, ଅନୁସୂଚିତ ଜନଜାତି ନିମନ୍ତେ ୫୦ ପ୍ରତିଶତ ରିହାତି ଦେବାର ବ୍ୟବସ୍ଥା ରହିଛି । ବ୍ଲକସ୍ତରରେ ଅନ୍‌ଲାଇନ୍ ଜରିଆରେ ଆଗ୍ରହୀ ବ୍ୟକ୍ତିମାନେ ପ୍ରକଳ୍ପ ପାଇଁ ଆବେଦନ କରିପାରିବେ । ଏହା APICOL website apicol.nic.inରେ ଉପଲବ୍ଧ । ଏହି ଉଦ୍ୟୋଗ ଯୋଜନାରେ ୧୧୩ ଗୋଟି ପ୍ରକଳ୍ପ ପାଇଁ ରିହାତି ବ୍ୟବସ୍ଥା ରହିଛି ।
୭. ଚଳିତବର୍ଷ ଖରିଫ ଋତୁରେ ଗଜପତି ଜିଲ୍ଲାରେ ଆଇ.ଏ.ପି (କପା) Demonstration ଯୋଜନାରେ ୫୦୦ ହେକ୍ଟରର ପ୍ରଦର୍ଶନୀ କ୍ଷେତ୍ରର ଯୋଜନା କରାଯାଇଛି ।
୮. ଚଳିତବର୍ଷ ଖରିଫ ଋତୁରେ ଗଜପତି ଜିଲ୍ଲାରେ TMC (State Plan) ଯୋଜନାରେ ୨୦୦ ହେକ୍ଟରର କପା ପ୍ରଦର୍ଶନୀ କ୍ଷେତ୍ରର ଯୋଜନା କରାଯାଇଛି ।
୯. ଚଳିତବର୍ଷ ଖରିଫ ଋତୁରେ ଗଜପତି ଜିଲ୍ଲାରେ Intensive agriculture programme including revival & sustainable intensification of forgotten crops State Plan (IAP-Oil Seed) ଯୋଜନାରେ ୨୨୦୦ ମିନିକିଟର ପ୍ରଦର୍ଶନୀ କ୍ଷେତ୍ରର ଯୋଜନା କରାଯାଇଛି ।
୧୦. ଚଳିତବର୍ଷ ମୁଖ୍ୟମନ୍ତ୍ରୀ ମକା ମିଶନ (ରାଜ୍ୟ ଯୋଜନା) ଖରିଫ ଋତୁରେ ୬୬୦ ହେକ୍ଟର ମକା ପ୍ରଦର୍ଶନୀ କ୍ଷେତ୍ରର ଯୋଜନା କରାଯାଇଛି ।
୧୧. ଚଳିତବର୍ଷ ଶ୍ରୀଅନ୍ନ ଅଭିଯାନ ଯୋଜନାରେ ଖରିଫ ଋତୁରେ ୫୦୦୦ ହେକ୍ଟର ମାଣ୍ଡିଆ ଓ ଅଣ ମାଣ୍ଡିଆ ଫସଲର ପ୍ରଦର୍ଶନୀ କ୍ଷେତ୍ରର ଯୋଜନା କରାଯାଇଛି ।

**Sd/- ଏମ୍. ପ୍ରକାଶ ରାଓ**
**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, (ଆତ୍ମା) ଗଜପତି**

## କେନ୍ଦ୍ରାପଡ଼ା ପୌରପରିଷଦ, କେନ୍ଦ୍ରାପଡ଼ା

**" ୨୯ତମ ବାର୍ଷିକ ଉତ୍ସବ- ୨୦୨୫" ପାଳନ ଅବସରରେ କେନ୍ଦ୍ରାପଡ଼ା ପୌରପରିଷଦ ତାହାର ସମସ୍ତ କରଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେସଙ୍ଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।**

**ନିବେଦନ**

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରି ଚାଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ଥର ଆପଣଙ୍କ ଅଞ୍ଚଳକୁ ଏହି ଗାଡ଼ି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡ଼ି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।
୨. ରାସ୍ତା ଅବରୋଧ କରି ଇଟା, ଗୋଡ଼ି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ ।
୩. ପ୍ଲାଷ୍ଟିକ୍ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜ ନିର୍ମିତ ଚା' କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି । ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏସବୁ ବ୍ୟବହାର ନକରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।
୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି, ସୁପର ଭାଇଜର, ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବ କେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି । ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି'କୁ ପୌର ସଂସ୍ଥାର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।
୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ । ଯଦି ପୂର୍ବରୁ ପୌର ସଂସ୍ଥାର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

**ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି**
**ନିର୍ବାହୀ ଅଧିକାରୀ**


**ଆକବରୀ ଖାତୁନ**
**ଉପାଧକ୍ଷା**

**ଶ୍ରୀମତୀ ସରିତା ସାହୁ**
**ଅଧକ୍ଷା**


## ପ୍ରଗତି ପଥେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର

**ବ୍ୟାଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ :- କୃଷି, କୃଷକ ଏବଂ ମହିଳାଙ୍କ ଉନ୍ନତି, କଲ୍ୟାଣ ଓ ବିକାଶ ନିମନ୍ତେ ପ୍ରତିବଦ୍ଧ**

୧. ଓଡିଶା ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁସାରେ କୃଷି ଋଣ ଟ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗ୍ରହଣ କରି ଧାର୍ଯ୍ୟ ସମୟରେ ଋଣ ଟଙ୍କା ପରିଶୋଧ କଲେ ବାର୍ଷିକ ସୁଧ ଦେବାକୁ ପଡିବ ନାହିଁ ଏବଂ ଟ୧ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାତ୍ର ୨% ସୁଧ ହାରରେ ଋଣ ପ୍ରଦାନ ।
୨. ମିଶନଶକ୍ତି ସ୍କୁଟର ଯୋଜନାରେ ହିତାଧିକାରିଣୀମାନଙ୍କୁ ସରକାରୀ ସହାୟତାରେ ସୁଧମୁକ୍ତ ସ୍କୁଟି ଋଣ ପ୍ରଦାନ କରିବା ।
୩. 'ମୋ ଘର' ଯୋଜନା ମାଧ୍ୟମରେ ଉପଯୁକ୍ତ ହିତାଧିକାରୀମାନଙ୍କୁ ସୁଲଭ ମୂଲ୍ୟରେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହଋଣ ପ୍ରଦାନ କରିବା ।
୪. ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି) ମାଧ୍ୟମରେ ମହିଳା କୃଷିଜୀବୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କୃଷିଋଣ, ସ୍ୱଳ୍ପ ମିଆଦୀ କୃଷି ଓ ଆନୁଷଙ୍ଗିକ କୃଷି ଋଣ ପ୍ରଦାନର ବ୍ୟବସ୍ଥା ।
୫. ବଳରାମ ଯୋଜନାରେ (ଜେ.ଏଲ.ଜି) ମାଧ୍ୟମରେ ସ୍ୱଳ୍ପ ମିଆଦୀ କୃଷିଋଣ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା ।
୬. ବଳିଆ ଯୋଜନାରେ ବୁଣାକାର ତନ୍ତୀମାନଙ୍କୁ ବୁଣାକାର ଋଣ ପ୍ରଦାନର ବ୍ୟବସ୍ଥା ।
୭. କୃଷି, ଅଣକୃଷି ଓ ଆନୁଷଙ୍ଗିକ କୃଷି ପାଇଁ ସରକାରୀ ଯୋଜନାରେ ଋଣ ପ୍ରଦାନର ବ୍ୟବସ୍ଥା ।
୮. ଗୃହଋଣ, ଦୀର୍ଘ ମିଆଦି କୃଷିଋଣ ଓ ବନ୍ଧକ ଋଣ ପ୍ରଦାନର ବ୍ୟବସ୍ଥା ।
୯. କୃଷକମାନଙ୍କ ପାଇଁ କୃଷିବୀମା ଯୋଜନାର ପ୍ରଚଳନ ।
୧୦. ବ୍ୟାଙ୍କର ଆମାନତକାରୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ପ୍ରଚଳନ ।
୧୧. ଜିରୋ ବାଲାନ୍ସରେ ସଞ୍ଚୟ ଜମାଖାତା ଖୋଲିବାର ସୁବିଧା ।
୧୨. ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ଜମାରାଶି ଉପରେ ଅଧିକ ସୁଧ ପ୍ରଦାନର ବ୍ୟବସ୍ଥା ।
୧୩. ବ୍ୟାଙ୍କର ପ୍ରତ୍ୟେକ ଶାଖାରେ **NEFT/RTGS/** ଲ୍ୟାମ୍ପସ ମାଧ୍ୟମରେ ଟଙ୍କା ଦେଣ ନେଣର ସୁବିଧା ଓ ତତ୍‌ସହିତ ଲକର୍ ସୁବିଧା ଉପଲବ୍ଧ ।
୧୪. ବ୍ୟାଙ୍କର ଚାରିଗୋଟି ଜିଲ୍ଲାରେ ଭ୍ରାମ୍ୟମାଣ ବ୍ୟାଙ୍କ ସେବା / ଜମାଖାତା ଖୋଲିବା / ନଗଦ ଜମା ଉଠାଣ / ଏ.ଟି.ଏମ. ମାଧ୍ୟମରେ ଋଣ ପ୍ରଦାନ ।
୧୫. ବ୍ୟାଙ୍କର **IFSCODE-ORCB0KPT001.**
୧୬. ସ୍ୱର୍ଣ୍ଣ ବନ୍ଧକ ଋଣ ଦୁଇଲକ୍ଷ ପର୍ଯ୍ୟନ୍ତ ପ୍ରଦାନ/ ଭାରତୀୟ ସଞ୍ଚୟ ପ୍ରମାଣପତ୍ର (**N.S.C**), କିଷାନ ବିକାଶ ପତ୍ରିକା (**K.V.P**) ପ୍ରମାଣପତ୍ର ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ।



**"ସହଯୋଗିତା ସମୃଦ୍ଧିର ଲକ୍ଷଣ, ଆସନ୍ତୁ ସହଯୋଗର ହାତ ବଢ଼ାନ୍ତୁ"**



**ଶ୍ରୀ ଅତୁଲ୍ୟ କୁମାର ମଲ୍ଲିକ**
**ସମ୍ପାଦକ, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର**

**ଇଂ ଶ୍ରୀ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ**
**ସଭାପତି, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର**

KNDA

## କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

**ଚୋରଦା, ପୋ- ଫେରୋକ୍ରମ ପ୍ଲାଣ୍ଟ, ଯାଜପୁର ରୋଡ୍, ଜିଲ୍ଲା- ଯାଜପୁର**

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ- ୧୯୮୨, ଧାରା-୧୬ ଅନୁଯାୟୀ କଳିଙ୍ଗନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ସୁକିନ୍ଦା ତହସିଲ, ଦାନଗଦି ତହସିଲ, ବ୍ୟାସନଗର ତହସିଲ ଓ ରସୁଲପୁର ତହସିଲ ଅଧୀନରେ ଥିବା ପୂର୍ବର ୧୬୧ଟି ଗ୍ରାମ ପରବର୍ତ୍ତୀ ସମୟରେ ମିଶ୍ରିତ ଯାଜପୁର ତହସିଲ, ଦଶରଥପୁର ତହସିଲ ଓ ଯାଜପୁର ପୌରାଞ୍ଚଳ ଅଧୀନସ୍ଥ ଅତିରିକ୍ତ ୮୪ଟି ଗ୍ରାମକୁ ନେଇ ସମୁଦାୟ ୨୪୫ ଗୋଟି ଗ୍ରାମ ମଧ୍ୟରୁ ବ୍ୟାସନଗର ପୌରାଞ୍ଚଳସ୍ଥିତ ୨୦ଗୋଟି ଗ୍ରାମ ଓ ଯାଜପୁର ପୌରାଞ୍ଚଳସ୍ଥିତ ୧୯ ଗୋଟି ଗ୍ରାମକୁ ବାଦ୍ ଦେଇ ଅବଶିଷ୍ଟ ୨୦୬ ଗୋଟି ଗ୍ରାମ ମଧ୍ୟରେ ଯେକୌଣସି ଗୃହ ନିର୍ମାଣ କାର୍ଯ୍ୟ ବା ଜମି ବିଭକ୍ତିକରଣ କରିବା ପୂର୍ବରୁ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ଏହାର ନକ୍ସା ମଞ୍ଜୁରୀ କରାଇବା ବାଞ୍ଛନୀୟ। କିନ୍ତୁ ଏ ସମ୍ବନ୍ଧରେ ବାରମ୍ବାର ବିଭିନ୍ନ ନୋଟିସ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ କଲାପରେ ମଧ୍ୟ କିଛି ବ୍ୟକ୍ତି ଏହାକୁ ଅବମାନନା କରୁଥିବା କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଛି ।

ଏଣୁ ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁ କି କଳିଙ୍ଗନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ଯେକୌଣସି ପ୍ରକାରର ଗୃହ (Building) କିମ୍ବା ଜମି ବିଭକ୍ତିକରଣ (Plot Lay-out) କରିବା ପୂର୍ବରୁ ଆଇନ ଅନୁଯାୟୀ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ଏହାର ନକ୍ସା On line ମାଧ୍ୟମରେ ମଞ୍ଜୁରୀ କରାଇ ନିଅନ୍ତୁ । କୌଣସି ବ୍ୟକ୍ତି ବା ସଂସ୍ଥା ଏହାର ଅବମାନନା କଲେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ - ୧୯୮୨, ଧାରା ୯୦, ୯୧ ଓ ୯୪ ଅନୁଯାୟୀ ଉକ୍ତ ବ୍ୟକ୍ତି ବା ସଂସ୍ଥା ବିରୋଧରେ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ସଚିବ, କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ**

# ରାଷ୍ଟ୍ର ସାଧନାର ଶହେ ବର୍ଷ



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ, ଭାରତ

ଶହେ ବର୍ଷ ପୂର୍ବେ ବିଜୟାଦଶମୀର ମହାପର୍ବ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ହୋଇଥିଲା । ଏହା ଥିଲା ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ସେହି ପରମ୍ପରାର ପୁନଃପ୍ରତିଷ୍ଠା, ଯେଉଁଥିରେ ରାଷ୍ଟ୍ର ଚେତନା ସମୟ ସମୟରେ ତତ୍କାଳୀନ ଯୁଗର ଆହ୍ୱାନକୁ ସାମ୍ନା କରିବା ଲାଗି ନୂଆ ନୂଆ ଅବତାରରେ ପ୍ରକଟ ହୋଇଥାଏ । ଏହି ଯୁଗରେ ସଂଘ ସେହି ଅନନ୍ତ ରାଷ୍ଟ୍ର ଚେତନାର ପୁଣ୍ୟ ଅବତାର । ଏହା ଆମ ସ୍ୱେଚ୍ଛାସେବକ ପିଢ଼ିର ସୌଭାଗ୍ୟ ଯେ ଆମେ ସଂଘର ଶତବାର୍ଷିକ ବର୍ଷ ଭଳି ଏକ ମହାନ ଅବସରର ସାକ୍ଷୀ । ମୁଁ ଏହି ଅବସରରେ ରାଷ୍ଟ୍ରସେବାର ସଂକଳ୍ପ ପ୍ରତି ସମର୍ପିତ କୋଟି କୋଟି ସ୍ୱୟଂସେବକମାନଙ୍କୁ ଶୁଭକାମନା ଜଣାଉଛି । ମୁଁ ସଂଘର ପ୍ରତିଷ୍ଠାତା, ଆମ ସମସ୍ତଙ୍କର ଆଦର୍ଶ ...ପରମ ପୂଜ୍ୟ ଡକ୍ଟର ହେଡଗେୱାରଜୀଙ୍କ ଚରଣରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଶହେ ବର୍ଷ ଧରି ସଂଘର ଏହି ଗୌରବମୟ ଯାତ୍ରାକୁ ସ୍ମରଣ କରିବା ପାଇଁ, ଭାରତ ସରକାର ସ୍ୱତନ୍ତ୍ର ଡାକ ଟିକେଟ୍ ଏବଂ ସ୍ମାରକୀ ମୁଦ୍ରା ମଧ୍ୟ ଜାରି କରିଛନ୍ତି ।

ବିଶାଳ ନଦୀ କୂଳରେ ଯେପରି ଭାବେ ମାନବ ସଭ୍ୟତା ବିକଶିତ ହୋଇଥାଏ, ଠିକ୍ ସେହିପରି ସଂଘ କୂଳରେ ଶହ ଶହ ଜୀବନ ପ୍ରସ୍ଫୁଟିତ ହୋଇଛି । ପ୍ରତ୍ୟେକ ନଦୀ ଯେଉଁ ମାର୍ଗ ଦେଇ ବୋହି ଯାଇଥାଏ, ସେହି କ୍ଷେତ୍ରକୁ ନିଜର ଜଳ ମାଧ୍ୟମରେ ସମୃଦ୍ଧ କରିଥାଏ । ଅନୁରୂପ ଭାବେ ସଂଘ ଏ ଦେଶର ପ୍ରତ୍ୟେକ କ୍ଷେତ୍ର, ସମାଜର ପ୍ରତ୍ୟେକ ଦିଗକୁ ସ୍ପର୍ଶ କରିଛି । ନଦୀ ଯେପରି ଅନେକ ଧାରା ମାଧ୍ୟମରେ ନିଜକୁ ପ୍ରକଟିତ କରିଥାଏ, ସଂଘର ଯାତ୍ରା ମଧ୍ୟ ସେପରି ରହିଆସିଛି । ସଂଘର ଭିନ୍ନ ଭିନ୍ନ ସଂଗଠନ ମଧ୍ୟ ଜୀବନର ପ୍ରତ୍ୟେକ ପକ୍ଷ ସହ ଯୋଡ଼ି ହୋଇ ରାଷ୍ଟ୍ର ସେବା କରୁଛନ୍ତି । ଶିକ୍ଷା, କୃଷି, ସମାଜ କଲ୍ୟାଣ, ଆଦିବାସୀ କଲ୍ୟାଣ, ମହିଳା ସଶକ୍ତିକରଣ, ସାମାଜିକ ଜୀବନର ଏପରି ଅନେକ କ୍ଷେତ୍ରରେ ସଂଘ ନିରନ୍ତର କାର୍ଯ୍ୟ କରୁଅଛି । ବିବିଧ କ୍ଷେତ୍ରରେ କାମ କରୁଥିବା ପ୍ରତ୍ୟେକ ସଂଗଠନର ସମାନ ଉଦ୍ଦେଶ୍ୟ, ସମାନ ଭାବନା... ରାଷ୍ଟ୍ର ପ୍ରଥମେ ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଠନ ହେବା ପରଠାରୁ ରାଷ୍ଟ୍ର ନିର୍ମାଣର ମହାନ ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ନିଜର ଯାତ୍ରା ଜାରି ରଖିଛି । ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସଂଘ, ବ୍ୟକ୍ତି ନିର୍ମାଣ ଜରିଆରେ ରାଷ୍ଟ୍ର ନିର୍ମାଣର ମାର୍ଗ ଚୟନ କରିଛି ଏବଂ ଏହାକୁ ଜାରି ରଖିବା ପାଇଁ ଯେଉଁ କାର୍ଯ୍ୟପଦ୍ଧତି ଚୟନ କରିଛି ତାହା ହେଉଛି ନିତ୍ୟ-ନିୟମିତ ଚାଲୁଥିବା ଶାଖା । ସଂଘ ଶାଖାର ସେହି ପଡ଼ିଆ, ଏପରି ଏକ ପ୍ରେରଣାର ଭୂମି, ଯେଉଁଠି ସ୍ୱୟଂସେବକମାନଙ୍କର ଅହମ୍‌ରୁ ବୟଂର ଯାତ୍ରା ଆରମ୍ଭ ହୋଇଥାଏ । ସଂଘର ଶାଖାଗୁଡ଼ିକ... ବ୍ୟକ୍ତି ନିର୍ମାଣର ଯଜ୍ଞବେଦୀ ।

ରାଷ୍ଟ୍ର ନିର୍ମାଣର ମହାନ ଉଦ୍ଦେଶ୍ୟ, ବ୍ୟକ୍ତି ନିର୍ମାଣର ସ୍ପଷ୍ଟ ପଥ ଏବଂ ଶାଖା ଭଳି ସରଳ, ଜୀବନ୍ତ କାର୍ଯ୍ୟପଦ୍ଧତି, ଏସବୁ ସଂଘର ଶହେ ବର୍ଷ ଯାତ୍ରାର ଆଧାର ପାଲଟିଛି । ଏହିସବୁ ସ୍ତମ୍ଭ ଉପରେ ଛିଡ଼ା ହୋଇ ସଂଘ ଲକ୍ଷ ଲକ୍ଷ ସ୍ୱୟଂସେବକଙ୍କୁ ଗଢ଼ିଛି, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ଦେଶକୁ ଆଗେଇ ନେଉଛନ୍ତି । ସଂଘ ଅସ୍ତିତ୍ୱ ଲାଭ କରିବା ଦିନଠାରୁ ଦେଶର ପ୍ରାଥମିକତା ହିଁ ସଂଘର ନିଜସ୍ୱ ପ୍ରାଥମିକତା ରହିଆସିଛି । ସ୍ୱାଧୀନତା ସଂଗ୍ରାମ ସମୟରେ ପରମ ପୂଜ୍ୟ ଡକ୍ଟର ହେଡଗେୱାରଜୀଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ, ଡକ୍ଟର ସାହେବ ଅନେକ ଥର ଜେଲ ମଧ୍ୟ ଯାଇଥିଲେ । ସ୍ୱାଧୀନତା ସଂଗ୍ରାମରେ ଅନେକ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସଂଘ ସଂରକ୍ଷଣ ଦେଇଥିଲା ...ସେମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ କାମ କରିଥିଲା । ସ୍ୱାଧୀନତା ପରେ ମଧ୍ୟ ସଂଘ ନିରନ୍ତର ରାଷ୍ଟ୍ର ସାଧନରେ ନିୟୋଜିତ ରହିଆସିଛି । ଏହି ଯାତ୍ରାରେ ସଂଘ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିଲା, ସଂଘକୁ ଦଳିମକଚି ଦେବାକୁ ଉଦ୍ୟମ କରାଯାଇଥିଲା । ଋଷିତୁଲ୍ୟ ପରମ ପୂଜ୍ୟ ଗୁରୁଜୀଙ୍କୁ ମିଛ କେସରେ ଫସେଇ ଦିଆଗଲା । କିନ୍ତୁ ସଂଘର ସ୍ୱୟଂସେବକମାନେ କେବେ ବି କଟୁତାକୁ ଗ୍ରହଣ କରିନଥିଲେ । କାରଣ ସେମାନେ ଜାଣିଥିଲେ, ଆମେ ସମାଜଠାରୁ ଭିନ୍ନ ନୁହେଁ, ବରଂ ସମାଜ ତ' ଆମକୁ ନେଇ ଗଢ଼ା ହୋଇଛି । ସମାଜ ସହିତ ଏକାତ୍ମତା ଏବଂ ସାମ୍ବିଧାନିକ ସଂସ୍ଥା ପ୍ରତି ଆସ୍ଥା ସଂଘର ସ୍ୱୟଂସେବକମାନଙ୍କୁ ପ୍ରତ୍ୟେକ ସଂକଟ ସମୟରେ ସ୍ଥିତପ୍ରଜ୍ଞ ରଖିଆସିଛି... ସମାଜ ପ୍ରତି ସମ୍ବେଦନଶୀଳ କରି ରଖିଛି ।



ପ୍ରତିଷ୍ଠା ଦିନରୁ, ସଂଘ ଦେଶପ୍ରେମ ଏବଂ ସେବାର ସମର୍ଥକ ହୋଇଆସିଛି । ଯେତେବେଳେ ବିଭାଜନର ଯନ୍ତ୍ରଣା ଲକ୍ଷ ଲକ୍ଷ ପରିବାରକୁ ବାସହୀନ କରିଦେଇଥିଲା, ସେତେବେଳେ ସ୍ୱେଚ୍ଛାସେବକମାନେ ଶରଣାର୍ଥୀଙ୍କ ସେବା କରିଥିଲେ । ପ୍ରତ୍ୟେକ ବିପଦରେ, ସଂଘର ସ୍ୱେଚ୍ଛାସେବକମାନେ ସେମାନଙ୍କର ସୀମିତ ସମ୍ବଳ ସହିତ, ସର୍ବାଗ୍ରେ ଠିଆ ହୋଇଥିଲେ । ଏହା କେବଳ ସାହାଯ୍ୟ ନଥିଲା ଏହା ଦେଶର ଆତ୍ମାକୁ ଶକ୍ତିଶାଳୀ କରିବାର ଏକ କାର୍ଯ୍ୟ ଥିଲା । ବ୍ୟକ୍ତିଗତ ଦୁଃଖ ସହ୍ୟ କରିବା ଏବଂ ଅନ୍ୟମାନଙ୍କ ଦୁଃଖ ଦୂର କରିବା ପ୍ରତ୍ୟେକ ସ୍ୱେଚ୍ଛାସେବକର ଲକ୍ଷଣ । ଆଜି ମଧ୍ୟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱୟଂସେବକମାନେ ପ୍ରଥମେ ପହଞ୍ଚିବା ମଧ୍ୟରେ ଅନ୍ୟତମ ।



ନିଜର ଶହେ ବର୍ଷର ଏହି ଯାତ୍ରାରେ, ସଂଘ ସମାଜର ଭିନ୍ନ ଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଆତ୍ମବୋଧ ଜାଗ୍ରତ କରିଛି... ସ୍ୱାଭିମାନ ଜଗାଇଛି । ସଂଘ ଦେଶର ସେହି କ୍ଷେତ୍ରଗୁଡ଼ିକରେ ମଧ୍ୟ କାମ କରି ଆସିଛି... ଯାହା ଦୁର୍ଗମ... ଯେଉଁଠି ପହଞ୍ଚିବା ସବୁଠୁ କଠିନ । ସଂଘ... ଅନେକ ଦଶନ୍ଧି ଧରି ଆଦିବାସୀ ପରମ୍ପରା, ଆଦିବାସୀ ରୀତିନୀତି, ଆଦିବାସୀ ମୂଲ୍ୟବୋଧକୁ ସାଇତି ରଖିବାରେ ନିଜର ସହଯୋଗ ଦେଇ ଆସିଛି... ନିଜର କର୍ତ୍ତବ୍ୟ ନିର୍ବାହ କରି ଆସିଛି । ଆଜି ସେବା ଭାରତୀ... ବିଦ୍ୟା ଭାରତୀ, ଏକକ ବିଦ୍ୟାଳୟ... ବନବାସୀ କଲ୍ୟାଣ ଆଶ୍ରମ... ଆଦିବାସୀ ସମାଜର ସଶକ୍ତିକରଣ ପାଇଁ ଆଧାର ପାଲଟିଛନ୍ତି ।

ଶହ ଶହ ବର୍ଷ ଧରି ସମାଜରେ ଘର କରି ନେଇଥିବା କଳୁଷତା, ପ୍ରଚଳିତ କୁପ୍ରଥା ଉଚ୍ଚ-ନୀଚ ଭାବନା ସୃଷ୍ଟି କରିବା ସହିତ ହିନ୍ଦୁ ସମାଜ ପାଇଁ ବହୁତ ବଡ଼ ଆହ୍ୱାନ ଭାବେ ରହିଆସିଛି । ଏସବୁ ଗମ୍ଭୀର ଚିନ୍ତା ଉପରେ ସଂଘ ଲଗାତାର କାମ କରି ଆସିଛି । ଡକ୍ଟର ସାହେବଙ୍କ ଠାରୁ ନେଇ ଆଜି ପର୍ଯ୍ୟନ୍ତ, ସଂଘର ପ୍ରତ୍ୟେକ ମହାନ ବିଭୂତିମାନେ ପ୍ରତ୍ୟେକ ସର-ସଂଘଚାଳକମାନେ ଭେଦଭାବ ଏବଂ ଛୁଆଁଅଛୁଆଁ ବିରୋଧରେ ଲଢ଼େଇ କରିଛନ୍ତି । ପରମପୂଜ୍ୟ ଗୁରୁଜୀ ନିରନ୍ତର ''ନ ହିନ୍ଦୁ ପତିତୋ ଭବେତ୍'' ଭାବନାକୁ ପ୍ରଚାରପ୍ରସାର କରିଛନ୍ତି । ପୂଜ୍ୟ ବାଳା ସାହେବ ଦେବରସ ଜୀ କହୁଥିଲେ- ଛୁଆଁଅଛୁଆଁ ଯଦି ପାପ ନୁହେଁ, ତା'ହେଲେ ଦୁନିଆରେ କୌଣସି ପାପ ନାହିଁ ! ସର-ସଂଘଚାଳକ ଥିବା ସମୟରେ ପୂଜ୍ୟ ରଜ୍ଜୁ ଭୈୟାଜୀ ଏବଂ ପୂଜ୍ୟ ସୁଦର୍ଶନଜୀ ମଧ୍ୟ ଏହି ଭାବନାକୁ ଆଗକୁ ବଢ଼ାଇଥିଲେ । ବର୍ତ୍ତମାନର ସରସଂଘଚାଳକ ଆଦରଣୀୟ ମୋହନ ଭାଗବତଜୀ ମଧ୍ୟ ସୌହାର୍ଦ୍ଦ୍ୟ ପାଇଁ ସମାଜ ସାମ୍ନାରେ ଏକ କୂପ, ଏକ ମନ୍ଦିର ଏବଂ ଏକ ଶ୍ମଶାନର ସ୍ପଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଯେତେବେଳେ ସଂଘ ଶହେ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିଲା, ସେତେବେଳେ ସେହି ସମୟର ଆବଶ୍ୟକତା ଏବଂ ସଂଘର୍ଷ ଭିନ୍ନ ଥିଲା । କିନ୍ତୁ ଆଜି, ଶହେ ବର୍ଷ ପରେ, ଭାରତ ବିକାଶ ଆଡ଼କୁ ଅଗ୍ରସର ହେଉଥିବାରୁ, ଆଜିର ଆହ୍ୱାନ ଏବଂ ସଂଘର୍ଷ ଭିନ୍ନ । ଅନ୍ୟ ଦେଶ ଉପରେ ଆର୍ଥିକ ନିର୍ଭରଶୀଳତା, ଆମର ଏକତାକୁ ଭାଙ୍ଗିବା ପାଇଁ ଏବଂ ଜନସଂଖ୍ୟା ପରିବର୍ତ୍ତନ କରିବା ପାଇଁ ଷଡ଼ଯନ୍ତ୍ର ଆଦି ଆହ୍ୱାନର ଆମ ସରକାର ଦୃଢ଼ ମୁକାବିଲା କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମଧ୍ୟ ଏହି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଏକ କଂକ୍ରିଟ୍ ରୂପରେଖ ବିକଶିତ କରିବା ମୋ ପାଇଁ ଖୁସିର ବିଷୟ । ସଂଘର ପଞ୍ଚ ପରିବର୍ତ୍ତନ- ସ୍ୱବୋଧ, ସାମାଜିକ ସୌହାର୍ଦ୍ଦ୍ୟ, କୁଟୁମ୍ବ ପ୍ରବୋଧନ, ନାଗରିକ ଶିଷ୍ଟାଚାର ଏବଂ ପରିବେଶ ସଂକଳ୍ପ ପ୍ରତ୍ୟେକ ସ୍ୱୟଂସେବକଙ୍କ ଲାଗି ଦେଶ ଆଗକୁ ଆସୁଥିବା ଆହ୍ୱାନକୁ ସମାପ୍ତ କରିବା ଲାଗି ବହୁତ ବଡ଼ ପ୍ରେରଣା ।

ସ୍ୱବୋଧ ଭାବନାର ଉଦ୍ଦେଶ୍ୟ ହେଉଛି ଗୋଲାମୀ ମାନସିକତାରୁ ମୁକ୍ତ ହୋଇ ନିଜ ଐତିହ୍ୟ ଉପରେ ଗର୍ବ କରିବା ଏବଂ ସ୍ୱଦେଶୀ ମୂଳଦୁଆର ସଂକଳ୍ପକୁ ଆଗକୁ ବଢ଼ାଇବା । ସାମାଜିକ ସମନ୍ୱୟ ଜରିଆରେ ବଞ୍ଚିତମାନଙ୍କୁ ପ୍ରାଥମିକତା ଦେଇ ସାମାଜିକ ନ୍ୟାୟର ସ୍ଥାପନା କରିବା ନିମନ୍ତେ ସଂକଳ୍ପ ନିଆଯାଇଛି । ଅନୁପ୍ରବେଶକାରୀଙ୍କ ପାଇଁ ଜନସଂଖ୍ୟାରେ ପରିବର୍ତ୍ତନ ଯୋଗୁଁ ଆଜି ଆମର ସାମାଜିକ ସୌହାର୍ଦ୍ଦ୍ୟ ଏକ ବଡ଼ ଆହ୍ୱାନର ସମ୍ମୁଖୀନ ହେଉଛି । ଏହାର ମୁକାବିଲା କରିବା ପାଇଁ ମଧ୍ୟ ଦେଶ ଡେମୋଗ୍ରାଫୀ ମିଶନ ଘୋଷଣା କରିଛି । ଆମକୁ କୁଟୁମ୍ବ ପ୍ରବୋଧନ ଅର୍ଥାତ୍ ପାରିବାରିକ ସଂସ୍କୃତି ଏବଂ ମୂଲ୍ୟବୋଧକୁ ଅଧିକ ମଜବୁତ କରିବାକୁ ହେବ । ନାଗରିକ ଶିଷ୍ଟାଚାର ଜରିଆରେ ପ୍ରତ୍ୟେକ ଦେଶବାସୀଙ୍କ ମଧ୍ୟରେ ନାଗରିକ କର୍ତ୍ତବ୍ୟବୋଧ ଭରିବାର ଆବଶ୍ୟକତା ରହିଛି । ଏସବୁ ସହିତ ଆମ ପରିବେଶ ସୁରକ୍ଷା କରି ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ ରଖିବା ମଧ୍ୟ ଜରୁରୀ ।

ଏହି ସଂକଳ୍ପଗୁଡ଼ିକୁ ମନରେ ରଖି, ସଂଘ ଏବେ ଆଗାମୀ ଶତାବ୍ଦୀର ଯାତ୍ରା ଆରମ୍ଭ କରୁଛି । ୨୦୪୭ ମସିହାର ବିକଶିତ ଭାରତ ଗଠନରେ ସଂଘର ପ୍ରତ୍ୟେକ ଯୋଗଦାନ ଦେଶର ଉର୍ଜା ବଢ଼ାଇ, ଦେଶକୁ ଅନୁପ୍ରାଣିତ କରିବ । ପୁଣିଥରେ ପ୍ରତ୍ୟେକ ସ୍ୱୟଂସେବକଙ୍କୁ ଅନେକ ଅନେକ ଶୁଭକାମନା ।

********

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଅବସରରେ

# ତେରା ବୈଭବ ଅମର ରହେ ମା'



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ବର୍ଷ ଚଳିତ ବର୍ଷ ବିଜୟାଦଶମୀରୁ ଆରମ୍ଭ ହୋଇଛି । ଆଜିଠୁ ୧୦୦ ବର୍ଷ ପୂର୍ବେ ନାଗପୁରର ରେଶମୀବାଗଠାରେ ପୋତା ଯାଇଥିବା ମଞ୍ଜି ଆଜି ମହାଦ୍ରୁମରେ ପରିଣତ ହୋଇଛି । ଖାଲି ସଂଘର ବିଶାଳତା ନୁହେଁ ୧୦୦ ବର୍ଷର ସଂଗଠନ ବିଶ୍ୱ ସାମ୍ନାରେ ବିଚାରର ଗଭୀରତାକୁ ମଧ୍ୟ ଅତି ସ୍ପଷ୍ଟ ଭାବରେ ପ୍ରତିପାଦିତ କରିଛି । ହାତ ଗଣତି ବାଳକ, ତରୁଣଙ୍କୁ ନେଇଖେଳ ପଡ଼ିଆରୁ ଡା. କେଶବ ବଳିରାମ ହେଡଗେୱାର ଆରମ୍ଭ କରିଥିବା ସଂଘ ଆଜି ସାରା ବିଶ୍ୱର ସବୁଠାରୁ ବଡ଼ ସଂଗଠନ । ବିଗତ ୧୦୦ ବର୍ଷର କଣ୍ଟକିତ ପଥର ଯାତ୍ରା, ଅନେକ ମହାନ ବିଭୂତି, ଲକ୍ଷ ଲକ୍ଷ ସ୍ୱୟଂସେବକଙ୍କ ତ୍ୟାଗ, ତପସ୍ୟା, ବଳିଦାନ ଓ ସାଧନାର ଭିତ୍ତିଭୂମି ଉପରେ ଠିଆ ହୋଇଛି । ଶତାବ୍ଦୀ ବର୍ଷରେ ମୁଁ ଜଣେ ସାଧାରଣ ସ୍ୱୟଂସେବକ ଭାବରେ ସଂଘକୁ ଠିଆ କରିଥିବା ପିଢ଼ି ପରେ ପିଢ଼ିର ଅଧିକାରୀ, କାର୍ଯ୍ୟକର୍ତ୍ତା, ସ୍ୱୟଂ ସେବକ ତଥା ସଂଘ ବିଚାରକୁ ଜନ ଜନ ପର୍ଯ୍ୟନ୍ତ ପହଁଚାଇଥିବା ଶୁଭେଚ୍ଛୁ, ହିତଚିନ୍ତକ, ବୁଦ୍ଧିଜୀବି ଆଦି ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି । ଆଗାମୀ ଶତାବ୍ଦୀ ଶତାବ୍ଦୀ ଅନାଦି ଅନନ୍ତ କାଳପର୍ଯ୍ୟନ୍ତ ସଂଘ, ସଂଘ ବିଚାର-ପରିବାର ତଥା ସବୁର ମୂଳ ଆଧାର ଭାରତୀୟ ବିଚାର ଓ ଭାରତୀୟତା ସମଗ୍ର ମାନବଜାତିକୁ ପ୍ରଭାବିତ କରୁ ଏତିକି କାମନା କରୁଛି । ପରମ ବୈଭବଶାଳୀ ଭାରତ ବିଶ୍ୱ ଗୁରୁର ଆସନରେ ବସି ବିଶ୍ୱର ନେତୃତ୍ୱ ନେଉ ଆଜି ଦିନରେ ଜଗଦ୍‌ଜନନୀ ମା' ଦୁର୍ଗାଙ୍କ ପାଖରେ ଏତିକି ପ୍ରାର୍ଥନା ।

ବିଜୟ ଦଶମୀରେ ଖବର କାଗଜର ପ୍ରକାଶନ ବନ୍ଦ ରହୁଥିବାରୁ ଏହାର ଅବ୍ୟବହିତ ପୂର୍ବରୁ ଜଣେ ସ୍ୱୟଂସେବକ ଭାବରେ ମୋ ମନରେ ଉଙ୍କି ମାରୁଥିବା ଅନେକ ଭାବ ଓ ଭାବନାକୁ ମୋ ପ୍ରିୟ ଓଡ଼ିଶାବାସୀଙ୍କ ପାଖରେ ଉପସ୍ଥାପିତ କରିବା ପାଇଁ ଆଜି ଏ ନିବନ୍ଧଟି ଲେଖିବସୁଛି ।

ମୁଁ ମୋର ବାଳକ ଅବସ୍ଥାରେ ସ୍କୁଲ ଦିନରେ ସଂଘ ଶାଖା ଯିବା ଆରମ୍ଭ କରିଥିଲି । ଉଚ୍ଚ ଶିକ୍ଷା, ରୋଜଗାର ଏବଂ ତେଲ ଲୁଣ ଦୁନିଆରେ ପ୍ରାରମ୍ଭିକ ଅବସ୍ଥାରେ ସାମାଜିକ କାର୍ଯ୍ୟ, ରାଜନୀତି ମାଧ୍ୟମରେ ସମାଜ ସହ ଏକାକାର ହେବାର ଦିନଗୁଡ଼ିକର ଇତିହାସକୁ ଆଜି ଯେତବେଳେ ପର୍ଯ୍ୟାଲୋଚନା କରୁଛି, ସେତେବେଳେ ମୋ ପଛରେ ଯେଉଁ ଅଦୃଶ୍ୟ ହାତ ମୋ ସାଙ୍ଗରେ ରହିଛି, ତାହା ହେଉଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରେରଣାଦାୟୀ ବିଚାର ।

ସ୍କୁଲ ଗଲାବେଳେ ଖାଲି ସଙ୍ଘ ଶାଖାକୁ ଯାଆନ୍ତି ନାହିଁ ବରଂ ସେହିଠାରୁ ହିଁ ମୁଁଏବଂ ମୋ ଭଳି ଲକ୍ଷ ଲକ୍ଷ ଲୋକଙ୍କ ଜୀ ବନ ପଥ ତିଆରି ହୁଏ ଆଜି ମୁଁ ତାହା ଅନୁଭବ କରୁଛି । ଆମେ ସ୍ୱୟଂସେବକମାନେ ପରମ ପବିତ୍ର ଗୈରିକ ଧ୍ୱଜକୁ ଆମର ଗୁରୁ ମାନୁ । ବ୍ୟକ୍ତି- ଗୌଣ, ନଶ୍ୱର କେବଳ ଏକ ମାଧ୍ୟମ ମାତ୍ର । ବିଚାର ଚିରନ୍ତନ ଓ ସଦା ନିରନ୍ତର । ସଂଘ କିଛି ନୂଆ ବିଚାର ଦେଇନି । ବରଂ ଅନାଦି ଅନନ୍ତ କାଳରୁ ଭାରତୀୟ ସଭ୍ୟତା ଓ ସଂସ୍କୃତିର ମୂଳତତ୍ତ୍ୱକୁ ପୁଣି ଲୋକାଭିମୁଖି କରିଛି । ହଜାର ହଜାର ବର୍ଷର ବିଦେଶୀ ଆକ୍ରମଣ । ଶକ, ହୁନ, ତାତାର, ମୋଗଲଙ୍କଠାରୁ ବ୍ରିଟିଶ ପର୍ଯ୍ୟନ୍ତ, ଆକ୍ରମଣକାରୀମାନେ ଭାରତୀୟ ସଭ୍ୟତାର ଚମକକୁ ମଳିନ କରି ଭାରତୀୟମାନଙ୍କ ମନରେ ଭାରତୀୟତା ପ୍ରତି ଅବିଶ୍ୱାସ ଓ ଅଶ୍ରଦ୍ଧା ନିର୍ମାଣର ଏକମାତ୍ର ଆଜେଣ୍ଡା ଥିଲା । ଉନ୍ନବିଂଶ ଓ ବିଂଶ ଶତାବ୍ଦୀରେ ଏହି ମହାଷଡଯନ୍ତ୍ରର ମୁକାବିଲାର ମନ୍ତ୍ର ସଂଘ ହିଁ ଦେଇଛି । ୧୦୦ ବର୍ଷ ପୂର୍ବେ ଡା. କେଶବ ବଳିରାମ ହେଡଗେୱାରଙ୍କ ଉଦ୍ୟମ ସାରା ଦେଶରେ ମୋ ଭଳି କୋଟି କୋଟି ଭାରତୀୟଙ୍କୁ ପ୍ରଭାବିତ କରିଛି । ମୋଗଲ ଓ ପରେ ବ୍ରିଟିଶ ଶାସନରେ ନିଜ ଗୌରବଶାଳୀ ଇତିହାସକୁ ଭୁଲି ଯାଉଥିବାଭାରତୀୟ ସମାଜ ମନରେ ନିଜ ଧର୍ମ, ସଂସ୍କୃତି, ପରମ୍ପରା ଓ ଇତିହାସକୁ ନେଇ ଗର୍ବର ଭାବନା ସାରା ଦେଶରେ ସୃଷ୍ଟି କରିଛି । ଏହାର ଝଙ୍କାର ସମଗ୍ର ବିଶ୍ୱକୁ ମଧ୍ୟ ପ୍ରଭାବିତ କରିଛି ।

ମୁଁ ଜଣେ ସ୍ୱୟଂସେବକ ଭାବରେ ଯେତିକି ବୁଝିଛି ସଂଘ ୧୦୦ ବର୍ଷ ଯାତ୍ରାରେ କେବଳ ଓ କେବଳ ବ୍ୟକ୍ତି ନିର୍ମାଣ କାମରେ ଲାଗିଛି । ସଂଘର ବିଶ୍ୱାସ ବ୍ୟକ୍ତି ନିର୍ମାଣରୁ ହିଁ ରାଷ୍ଟ୍ର ନିର୍ମାଣ ସମ୍ଭବ । ସଂଘ ନିର୍ମାଣ କରୁଥିବା ବ୍ୟକ୍ତିମାନେ ସମାଜ ଜୀବନର ବିଭିନ୍ନ କ୍ଷେତ୍ରକୁ ଯାଇ ସଂଘ ପ୍ରଚାର କରୁଥିବା ଭାରତର ଚିରନ୍ତନ ଭାରତୀୟ ବା ହିନ୍ଦୁ ବିଚାର ଆଧାରରେ ସମାଜକୁ ସଂଗଠିତ ଓ ପ୍ରଭାବିତ କରିବାକୁ ପ୍ରାଣପାତ ଉଦ୍ୟମ କରିଛନ୍ତି । ସେ ସଂଘର୍ଷ ଚାଲିଛି ଏବଂ ଆଗାମୀ ପିଢ଼ି ପରେ ପିଢି ଚାଲୁ ରହିବ । କାରଣ ସଭ୍ୟତା ଚିରନ୍ତନ ଓ ନିରନ୍ତର ପ୍ରବାହ ।

ସଂଘ ତିଆରି କରିଥିବା ବ୍ୟକ୍ତିମାନେ ପରବର୍ତ୍ତୀ ସମୟରେ ଦେଶର ବଡ଼ ବଡ଼ ଜନ ସଂଗଠନ ତିଆରି କରିଛନ୍ତି । ବିଦ୍ୟାର୍ଥୀ କ୍ଷେତ୍ରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବା ଏବିଭିପି ସବୁଠୁ ବଡ଼ ଛାତ୍ର ସଂଗଠନ । ଧର୍ମ କ୍ଷେତ୍ରରେ ବିଶ୍ୱ ହିନ୍ଦୁ ପରିଷଦ, ମଜଦୁର କ୍ଷେତ୍ରରେ ମଜଦୁର ସଂଘ, ଶିକ୍ଷା କ୍ଷେତ୍ରରେ ବିଦ୍ୟା ଭାରତୀ । ଆହୁରି ଅନେକ ଜନ ସଂଗଠନ ସ୍ୱୟଂସେବକମାନେ ସୃଷ୍ଟି କରିଛନ୍ତି । ରାଜନୀତି କ୍ଷେତ୍ରରେ ଭାରତୀୟ ଜନତା ପାର୍ଟି ମଧ୍ୟ ସଂଘ ନିର୍ମାଣ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ କ୍ଷେତ୍ରରେ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ସଂଗଠନ ।

> **ସଂଘର ବିଶ୍ୱାସ ବ୍ୟକ୍ତି ନିର୍ମାଣରୁ ହିଁ ରାଷ୍ଟ୍ର ନିର୍ମାଣ ସମ୍ଭବ । ସଂଘ ନିର୍ମାଣ କରୁଥିବା ବ୍ୟକ୍ତିମାନେ ସମାଜ ଜୀବନର ବିଭିନ୍ନ କ୍ଷେତ୍ରକୁ ଯାଇ ସଂଘ ପ୍ରଚାର କରୁଥିବା ଭାରତର ଚିରନ୍ତନ ଭାରତୀୟ ବା ହିନ୍ଦୁ ବିଚାର ଆଧାରରେ ସମାଜକୁ ସଂଗଠିତ ଓ ପ୍ରଭାବିତ କରିବାକୁ ପ୍ରାଣପାତ ଉଦ୍ୟମ କରିଛନ୍ତି । ସେ ସଂଘର୍ଷ ଚାଲିଛି ଏବଂ ଆଗାମୀ ପିଢ଼ି ପରେ ପିଢି ଚାଲୁ ରହିବ । କାରଣ ସଭ୍ୟତା ଚିରନ୍ତନ ଓ ନିରନ୍ତର ପ୍ରବାହ ।**

ସ୍ୱାଧୀନୋତ୍ତର ଭାରତର ଶାସନ ଭାର ଥିଲା କଂଗ୍ରେସ ହାତରେ । ମାତ୍ର ବାମପନ୍ଥୀ ବିଚାରରେ ପ୍ରଭାବିତ ବା ଅନ୍ତଃରାଷ୍ଟ୍ରୀୟ ଷଡ଼ଯନ୍ତ୍ରର ପ୍ରଭାବରେ ଜାଣତରେ ଅଥବା ଅଜାଣତରେ ଭାରତୀୟ ଜନମନକୁ ଭାରତୀୟ ଧର୍ମ, ସଭ୍ୟତା ଓ ସଂସ୍କୃତିରୁ ଦୂରେଇ ଦେବାକୁ ଦେଶର ଶାସନ ବ୍ୟବସ୍ଥା ଖୋଲା ଛୁଟ୍ ଦେଇଥିଲା । ଯଦି ୧୦୦ ବର୍ଷ ପୂର୍ବେ ଡାକ୍ତରଜୀ ସଂଘ ତିଆରି କରିନଥାଆନ୍ତେ, ସଂଘକୁ ବ୍ୟକ୍ତି ନିର୍ମାଣର କେନ୍ଦ୍ର ନକରି ଥଆନ୍ତେ, ସଂଘର ସ୍ୱୟଂସେବକମାନେ ସମାଜ ଜୀବନର ବିଭିନ୍ନ କ୍ଷେତ୍ରରେ ବଡ଼ ବଡ଼ ଜନ ସଂଗଠନ ଓ ଜନ ଆନ୍ଦୋଳନ କରି ନ ଥାଆନ୍ତେ ତାହା ହେଲେ ଆମ ଦେଶ ଭାରତ- ଭାରତ ହୋଇ ରହିନଥାଆନ୍ତା ତ ?

ଆପଣମାନେ ମେକଲିଙ୍କ ନାଁ ଶୁଣିଥିବେ । ଯିଏ ବ୍ରିଟିଶ ଶାସନ କାଳରେ ଭାରତରେ ନୂଆ ଶିକ୍ଷାନୀତି ମାଧ୍ୟମରେ ଭାରତର ନୂଆ ପିଢ଼ିକୁ ଭାରତଠାରୁ ଦୂରେଇ ଦେବା ପାଇଁ ବଡ଼ ଯୋଜନାର କ୍ରିୟାନ୍ୱୟନ କରିଥିଲେ । ମୁଁ ତାଙ୍କ ବକ୍ତବ୍ୟକୁ ଉଦ୍ଧୃତ କରୁଛି, 'ମୁଁ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିଛି ଏବଂ ମୁଁ ଜଣେ ବି ବ୍ୟକ୍ତିଙ୍କୁ ଦେଖିନାହିଁ ଯିଏ ଭିକାରୀ କିମ୍ବା ଚୋର । ମୁଁ ଏହି ଦେଶରେ ଏତେ ଧନ, ଏତେ ଉଚ୍ଚ ନୈତିକ ମୂଲ୍ୟବୋଧ, ଏତେ କ୍ଷମତାର ଲୋକ ଦେଖିଛି ଯେ ମୁଁ ଭାବୁନାହିଁ ଯେ ଆମେ କେବେ ଏହି ଦେଶକୁ ଜିତି ପାରିବୁ । ଯଦି ଆମେ ଏହି ଦେଶର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟକୁ ଭାଙ୍ଗି ଦେଇପାରିବା, ତେବେ ଏ ଜାତିର ମେରୁଦଣ୍ଡ ଭାଙ୍ଗିଯିବ । ମୁଁ ପ୍ରସ୍ତାବ ଦେଉଛି ଯେ ଆମେ ଏହାର ପୁରୁଣା ଏବଂ ପ୍ରାଚୀନ ଶିକ୍ଷା ବ୍ୟବସ୍ଥା, ଏହାର ସଂସ୍କୃତିକୁ ବଦଳାଇବା, କାରଣ ଯଦି ଭାରତୀୟମାନେ ଭାବିବେ ଯେ ଯାହା କିଛି ବିଦେଶୀ ଏବଂ ଇଂରାଜୀ ତାହା ସବୁ ଭଲ ଏବଂ ସେମାନଙ୍କ ନିଜସ୍ୱ ଜିନିଷ ଅପେକ୍ଷା ବେଶୀ ମୂଲ୍ୟବାନ, ତେବେ ସେମାନେ ସେମାନଙ୍କର ଆତ୍ମସମ୍ମାନ, ସେମାନଙ୍କର ସ୍ୱଦେଶୀ ସ୍ୱାଭିମାନ ହରାଇବେ ଏବଂ ସେମାନେ ଆମେ ଯାହା ଚାହୁଁଛେ, ଅର୍ଥାତ୍ ଆମ ନିୟନ୍ତ୍ରଣାଧୀନ ରାଷ୍ଟ୍ର ହୋଇଯିବେ ।' ଏହା ଥିଲା ୧୮୩୫ ମସିହା ଫେବୃୟାରୀ ୨ ତାରିଖରେ ଲର୍ଡ ମେକଲିଙ୍କର ବ୍ରିଟିଶ ପାର୍ଲାମେଣ୍ଟରେ ଭାଷଣ ।

ବୋଧହୁଏ ବାବରଙ୍କଠାରୁ ଔରଙ୍ଗଜେବଙ୍କ ପର୍ଯ୍ୟନ୍ତ ମୋଗଲ ଆକ୍ରମଣକାରୀମାନେ ଖଣ୍ଡା ଧରି ଧର୍ମ ପରିବର୍ତ୍ତନ କରି ଯାହା ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ କ୍ଷତି ପହଁଚାଇ ପାରିନଥିଲେ, ମେକଲି ନୂଆ ଶିକ୍ଷାନୀତି ପ୍ରଚଳନ କରି ଭାରତୀୟ ନୂଆ ପିଢ଼ିଙ୍କର ରଙ୍ଗ କଳା ମାତ୍ର ମାନସିକତା ଗୋରା ବା ବିଦେଶୀ କରିବାର ଚେଷ୍ଟାରେ ବହୁମାତ୍ରାରେ ସଫଳ ହେଲେ ।

ମାତ୍ର ମେକଲି ଓ ବ୍ରିଟିଶ ବୁଝି ନ ଥିଲେ ବିଶ୍ୱର ପ୍ରଥମ ସଭ୍ୟତା ଭାରତର ମୂଳଦୁଆ କେତେ ମଜବୁତ । ଏ ସଭ୍ୟତାର ଚେର ପାତାଳଭେଦୀ । ଡାଳ ପତ୍ର ଯେତେ ଭାଙ୍ଗିଲେ ବି ପାତାଳ ଭେଦି ଚେରରୁ ପୁଣି ନୂଆ ସୃଜନ ସମ୍ଭବ । ବ୍ରିଟିଶ ହୁଏତ ଶିକ୍ଷାନୁଷ୍ଠାନରେ ମେକଲି ପୁତ୍ର ସୃଷ୍ଟି ପାଇଁ ଉଦ୍ୟମ କଲେ । ମାତ୍ର ଆମ ପରିବାର ବ୍ୟବସ୍ଥା, ଆମ ରାମାୟଣ, ମହାଭାରତ, ବେଦ, ଉପନିଷେଦ ଓ ପୂଜା ପର୍ବରେ ସଂସ୍କୃତି ଆମ ସଭ୍ୟତାକୁ ବଞ୍ଚାଇ ରଖିଲା ।

୧୯୨୫ରେ ଡାକ୍ତରଜୀ ସଂଘ ନାଁରେ ନିରବ ବିପ୍ଳବର ସୂତ୍ରପାତ କଲେ । ନାଗପୁର ଓ ମହାରାଷ୍ଟ୍ରରୁ ଯୁବକମାନଙ୍କୁ ବୈଚାରିକ ଓ ସାଂଗଠନିକ ଯୋଦ୍ଧା ଭାବରେ ଗଢ଼ିଲେ । ଭାରତ ସବୁ ରାଜ୍ୟକୁ ଯାଇ ସଂଘର ମୂଳ ଆଧାର ଶାଖା ମାଧ୍ୟମରେ ଖେଳ ପଡ଼ିଆ ବା ସଂଘ ସ୍ଥାନରେ ମେକଲି ଓ ବାମପନ୍ଥୀଙ୍କ ଷଡ଼ଯନ୍ତ୍ରକୁ ନଷ୍ଟଭ୍ରଷ୍ଟ କରି ଭାରତୀୟ ହିନ୍ଦୁ ସନାତନୀ ବିଚାରରେ ଜୟଘୋଷର ମୂଳଦୁଆ ପକାଇଲେ । କହିବାକୁ ଗଲେ ଦେଶର ସରକାରୀ ଔପଚାରିକ ଶିକ୍ଷା ବ୍ୟବସ୍ଥା ବାହାରେ ସଙ୍ଘ ଶାଖା ମାଧ୍ୟମରେ ଓପନ୍ୟୁନିଭର୍ସିଟି ବା ମୁକ୍ତ ବିଶ୍ୱବିଦ୍ୟାଳୟ ଖୋଲିଲା । ଯାହା ଯୁବପିଢ଼ିଙ୍କୁ ସତ୍ୟ ସହ ପରିଚୟ କରାଇଲା । ମେକଲି - ବା ମପନ୍ଥୀଙ୍କ ପ୍ରତି କଂଗ୍ରେସ ପୃଷ୍ଠପୋଷକତା ଫସର ଫାଟିଲା ।

ମୋର ସୌଭାଗ୍ୟ ମହାରାଷ୍ଟ୍ରରୁ ଆସି ନିଜ ଜୀବନକୁ ସମର୍ପିତ କରି ଆମ ରାଜ୍ୟରେ ସଂଘର ମୂଳଦୁଆ ପକାଇଥିବା ବାବୁରାଓ ପାଲଧିଙ୍କର ହୁଅନ୍ତୁ ବା ବାବୁରାଓ ଦେଶପାଣ୍ଡେ ହୁଅନ୍ତୁ ଅଥବା ଅରବିନ୍ଦ ଚୌଥାଇୱାଲେ ହୁଅନ୍ତୁ ସେମାନଙ୍କୁ ସାକ୍ଷାତ କରିବା ଓ ସାନିଧ ଲାଭ କରିପାରିଛି । ଏମାନେ ପ୍ରଚାରକ ଥିଲେ । ପରିବାରକୁ ଛାଡ଼ି, ଅବିବାହିତ ରହି ସମାଜର ବଡ଼ ବର୍ଗର ବିରୋଧ, ଲାଞ୍ଛନାକୁ ଖାତିର ନକରି ସେମାନେ ସଂଘ ପାଇଁ କାମ କରୁଥିଲେ । ସଂଘ କେବଳ ମାଧ୍ୟମ ଥିଲା ସେମାନେ କେବଳ ହିଁ କେବଳ ରାଷ୍ଟ୍ର ପାଇଁ ସମର୍ପିତ ଥିଲେ । ଆକୁମାରୀ ହିମାଳୟ ଏଭଳି ସର୍ବତ୍ୟାଗୀ ପ୍ରଚାରକଙ୍କ ବଳିଦାନ ଉପରେ ହିଁ ବ୍ୟକ୍ତି ନିର୍ମାଣ କରାଯାଏ ଓ ଏହି ବ୍ୟକ୍ତିମାନଙ୍କଦ୍ୱାରା ରାଷ୍ଟ୍ରର ସ୍ୱାଭିମାନ ଓ ଆତ୍ମପରିଚୟର ଜୟଯାତ୍ରା ହୋଇଛି ।

ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସଙ୍ଘର ବ୍ୟକ୍ତି ନିର୍ମାଣ କେନ୍ଦ୍ରର ଜଣେ ବିଭୂତି । ମୋଦୀଜୀଙ୍କ ବିଚାରକୁ ଦୁଇ ଶବ୍ଦରେ କହିଲେ 'ବିକାଶ ଭି ବିରାସତ ଭି' । ଦେଶର ବିରାସତକୁ ବଞ୍ଚାଇ ରଖିବାର ୧୦୦ ବର୍ଷରେ ପଦାର୍ପଣ କରିଥିବା ସଂଘ ସବୁଠାରୁ ବଡ଼ ଯୋଗଦାନ ଦେଇଛି । ଆମ ମାତୃ ଭୂମି ଖାଲି ଭୂଖଣ୍ଡ ନୁହେଁ, ଏହା ଜୀବନ୍ତ ରାଷ୍ଟ୍ର ପୁରୁଷ । ଯଦି ସଂଘ ଓ ଅନେକ ଆଧ୍ୟାତ୍ମିକ ସଂଗଠନ ଓ ବ୍ୟକ୍ତି ବିଶେଷ ମୋଗଲ-ବ୍ରିଟିଶ-ବାମପନ୍ଥୀ ଓ କଂଗ୍ରେସୀ ବିଚାରଧାରା ସହ ଲଢ଼ି ଭାରତୀୟ ସଭ୍ୟତାର ପ୍ରଚାର କରିନଥାନ୍ତେ ତା'ହେଲେ ଆମେ କେଉଁଠି ଥାଆନ୍ତେ ?

ସଂଘ ବାରମ୍ବାର ଷଡ଼ଯନ୍ତ୍ର ଅଂଶସ୍ୱରୂପ ପ୍ରତିବନ୍ଧର ଶିକାର ହୋଇଛି । ମାତ୍ର ପାକିସ୍ତାନ ସହ ଯୁଦ୍ଧ ହେଉ, ଚୀନ ସହ ବା ବାଂଲାଦେଶ ମୁକ୍ତି ସଂଗ୍ରାମ- ଦେଶର ସରକାର ସଂଘର ସହଯୋଗ କାମନା କରିଛି ଓ ସଂଘ ନିଷ୍ଠା ଓ ଦେଶପ୍ରେମର ପରିଚୟ ଦେଇଛି । ପ୍ରାକୃତିକ ଦୁର୍ବିପାକ ଦେଶର ଯେଉଁଠି ହେଉ ସଂଘର ସ୍ୱୟଂସେବକମାନେ ପ୍ରଥମେ ପହଁଚିଛନ୍ତି । ଖାଲି କାମ ନୁହେଁ, ପ୍ରଚାରକ ଓ ସ୍ୱୟଂସେବକମାନଙ୍କର ଶବ୍ଦ ପଛରେ ଜୀବନର ସାଧନା କାର୍ଯ୍ୟକୁ ସଫଳ କରିଛି ।

ନିଜେ କିଛି ନୁହେଁ, ରାଷ୍ଟ୍ର ସର୍ବୋପରି । 'ତେରା ବୈଭବ ଅମର ରହେ ମା', ହମ ଦିନ ଚାର ରହେ ନା ରହେ', ଏହାହିଁ ସଂଘର ସମର୍ପଣ ଭାବର ପରିପ୍ରକାଶ । ସଙ୍ଘ ମାନେ ଭାରତୀୟ ବିଚାର କାଳଜୟୀ ହେଉ । ଭାରତ ବିଶ୍ୱଗୁରୁ ହେଉ । ସଙ୍ଘର ୧୦୦ ବର୍ଷ ପାଳନ ଅବସରରେ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଭାରତ ମାତା କି ଜୟ!

********

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୬ ଗୁରୁତର...

ଶୋଭାଯାତ୍ରାରେ ଆସୁଥିବା ଲୋକ ରାସ୍ତା ଉପରେ ଧାରଣାରେ ବସିବା ସହ ଭସାଣ ଶୋଭାଯାତ୍ରା ବନ୍ଦ କରିଥିଲେ । ଫଳରେ ରାତି ସାଢ଼େ ୨ଟା ପରେ ଏହି ରାସ୍ତାରେ ପ୍ରତିମା ଶୋଭାଯାତ୍ରା ବନ୍ଦ ହୋଇଥିଲା । ବିସର୍ଜନ ନ ହୋଇ ଅଟକି ରହିଛି ଅନେକ ମେଢ଼ ଦେବୀଗଡା ଅଭିମୁଖେ ଯାଉଥିବା ମେଢ ଗୁଡିକ ରାସ୍ତାରେ ଅଟକି ରହିଥିଲେ ।ସେହିପରି ନିମ ସାହିରେ ମଧ୍ୟ ଅଟକି ରହିଥିଲା ରାଉସପାଟଣା ଦୁର୍ଗା ମେଢ । ଗତ ରାତିରେ ଆକ୍ରମଣକୁ ନେଇ ଆଜି ଧାରଣାରେ ବସିଛନ୍ତି ଶତାଧିକ ପୂଜା କମିଟି ସଦସ୍ୟ । ଢେଲା ପଥର ଆକ୍ରମଣ ପରେ ମେଢ ପଛକୁ ନେବାକୁ ନିଷ୍ପତ୍ତିକୁ ବିରୋଧ କରିଛନ୍ତି । ଅପରପକ୍ଷେ ଘଟଣାର ପୁଲିସ ପ୍ରଶାସନର ନିଷ୍କ୍ରିୟତା କୁ ନେଇ ଜିଲ୍ଲାପାଳ ଓ ଡିସିପି ଙ୍କ ଉପରେ ବର୍ଷିଛି ବିଶ୍ୱ ହିନ୍ଦୁ ପରିଷଦ । ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ଜାଣି ମଧ୍ୟ ପ୍ରଶାସନର ଅବହେଳା ଯୋଗୁଁ ଏଭଳି ଘଟଣା ଉପୁଜିଲା ବୋଲି ପରିଷଦର ମୁଖ୍ୟ ବାସୁଦେବ ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଫଳରେ ଅନେକ ଗୁରୁତର ହେବା ସହ ଜଣେ ମୃତ୍ୟୁ ସହ ସଂଗ୍ରାମ କରୁଛି । ତେଣୁ ଆଗାମୀ ସୋମବାର ବିଶ୍ୱହିନ୍ଦୁ ପରିଷଦ କଟକ ବନ୍ଦ ଡାକରା ଦେଇଛି । ଏତଦ୍ ବ୍ୟତୀତ ଉଭୟ ଜିଲ୍ଲାପାଳ ଓ ଡିସିପି ଙ୍କୁ ଏଠାରୁ ହଟାଇବାକୁ ସେମାନେ ସରକାରଙ୍କ ପାଖରେ ଦାବି କରିଛନ୍ତି । ତେବେ ସହରରେ ଆଇନ ଶୃଙ୍ଖଳା ଓ ଭାଇଚାରା ଅକ୍ଷୁର୍ଣ୍ଣ ରଖିବାକୁ ମେୟର ସୁବାସ ସିଂହ ନିବେଦନ କରିବା ସହ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଯୁବକଙ୍କୁ ଭେଟି ତାର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଗିରଫ...

କେଉଁଠି ଆତ୍ମଗୋପନ କରିଛନ୍ତି ତାହା ଜଣାପଡୁନଥିବା ବେଳେ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଓ ଲିଖିତ ଅଭିଯୋଗ ହୋଇଛି। ତଦନ୍ତ ଦାୟିତ୍ୱ ନେଇଛନ୍ତି କ୍ରାଇମବ୍ରାଞ୍ଚ ଡିଏସ୍‌ପି ରନିସଭା ଶତପଥୀ। ତଦନ୍ତକୁ ତଦାରଖ କରିବେ କ୍ରାଇମବ୍ରାଞ୍ଚ ଏସପି ଅନୀଲ ବେଉରିଆ। ସୂଚନା ମିଳିଛି। ଲିଖିତ ଅଭିଯୋଗ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଓପିଆର୍‌ବି ଅଧ୍ୟକ୍ଷ। କ୍ରାଇମବ୍ରାଞ୍ଚ ତଦନ୍ତ କଲେ ନିଯୁକ୍ତି ଦାୟିତ୍ୱ ନେଇଥିବା ବେସରକାରୀ ସଂସ୍ଥା ଓ ଦାୟିତ୍ୱରେ ଥିବା ଓପିଆର୍‌ବି କର୍ମକର୍ତ୍ତା ତଦନ୍ତ ପରିସରଭୁକ୍ତ ହେବେ। ଓପିଆର୍‌ବି ନିଯୁକ୍ତି ଘୋଟାଲର କାଠଗଡାରେ ଠିଆ ହେଲାଣି। ଓଇପିଆର୍‌ବିର କେଉଁ ଅଫିସରମାନେ ଏହି ଘୋଟାଲାରେ ଜଡିତ ତାହା କ୍ରାଇମବ୍ରାଞ୍ଚ ଖୁଲାସା କରିପାରିବ ନାହିଁ ସନ୍ଦେହ କରି ସିବିଆଇ ତଦନ୍ତ ଦାବି କରୁଛନ୍ତି ବିରୋଧୀ। ଉଲ୍ଲେଖଯୋଗ୍ୟ ଯେ, ଚାକିରି ଆଶାୟୀ ପ୍ରାର୍ଥୀଙ୍କ ଠାରୁ ସଂଗ୍ରହ ହେଉଥିବା ୨୫ ଲକ୍ଷ ଲେଖାଏଁ ଟଙ୍କାରୁ ୧୦ ଲକ୍ଷ ଦଲାଲଙ୍କର ହୋଇଥିବା ବେଳେ ଅବଶିଷ୍ଟ ୧୫ ଲକ୍ଷ ଓପିଆର୍‌ବିର କେଉଁ ଅଫିସରମାନେ ନେବେ ବୋଲି ସ୍ଥିର ହୋଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ତ୍ୱରାନ୍ୱିତ ହେଲେ ତାହା ଜଣାପଡିବ ବୋଲି ମତ ପ୍ରକାଶ ପାଇଛି। ଏହି ନିଯୁକ୍ତି ଘୋଟଲାରେ କେତେ କୋଟି ଟଙ୍କା କାରବାର ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ବିରୋଧୀଙ୍କ କହିବା କଥା ସିବିଆଇ ତଦନ୍ତ ନହେଲେ ଘୋଟଲା ରହସ୍ୟ ଉନ୍ମୋଚନ ହୋଇପାରିବ ନାହିଁ।

## ୪ ମୃତ...

ବିଭକ୍ତ ହୋଇ ସର୍ଚ୍ଚ ଅପରେସନ ଚଳାଇଛନ୍ତି । ସେହିପରି ମୋହନା ବ୍ଲକ୍ ବନ୍ଧାଗୁଡ଼ାର ଲକ୍ଷ୍ମଣ ମଲ୍ଲିକ ନିଜ ଗାଈକୁ ବଞ୍ଚାଇବାକୁ ଯାଇ ଲୁଡୁରୁ ନଦୀରେ ଭାସି ପ୍ରାଣ ହରାଇଛନ୍ତି । ଅନ୍ୟପଟେ ରା.ଉଦୟଗିରି ବ୍ଲକ ବସ୍ତ୍ରୀଗୁଡ଼ା ଗ୍ରାମର ତ୍ରିନାଥ ନାୟକ ପାଣି ସୁଅରେ ଭାସିଯିବା ବେଳେ ଏକ ପଥର ସନ୍ଧିରେ ଆଶ୍ରୟ ନେଇଥିବା ବେଳେ ପଥର ତଳେ ଚାପି ହୋଇ ମତ୍ୟୁ ବରଣ କରିଥିବା ଜଣାପଡ଼ିଛି ।

ତ୍ରିନାଥଙ୍କ ପଥର ଚାପାରେ ଜୀବନ ଯିବା ପରେ ତାଙ୍କ ପରିବାର ଅସହାୟ ହୋଇପଡିଛନ୍ତି । ବ୍ଲକ ବିଡିଓ ଲରିମନ ଖରସେଲ ଉକ୍ତ ପରିବାରକୁ ରେଡକ୍ରସ ପକ୍ଷରୁ ୨୦ହଜାର ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ତ୍ରିନାଥଙ୍କ ଏହି ମୃତ୍ୟୁ ପାଇଁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି । ପରିବହନ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ତଦାରଖ କରିଛନ୍ତି । ପ୍ରତ୍ୟକ୍ଷଦର୍ଶୀ ଲାବାଣ ରାଇକାଙ୍କ କହିବା ଅନୁସାରେ ହଠାତ ପାହାଡ଼ ଭୂସ୍ଖଳନ ହେବାରୁ ସବୁଆଡେ ଧୂଆଁମୟ ହୋଇ ଅନ୍ଧାର ହୋଇଯାଇଥିଲା । ପାହାଡ଼ରୁ ପାଣି ମାଡି ଆସିଥିଲା । କ୍ଷଣିକ ଭିତରେ ନଦୀର ଗତିପଥ ବଦଳି ସବୁ ଧୋଇ ନେଇଥିଲା । ସେ ଠିଆ ହୋଇଥିବା ସ୍ଥାନର ପାଦତଳୁ ମାଟି ଧୋଇ ହୋଇଯିବାରୁ ଦୌଡି ପଳାଇଥିବା ବେଳେ ତା ପରେ ଆଉ କଣ ଘଟିଲା ଜାଣି ପାରିନଥିଲେ । ସେଠାରେ ତିନିଜଣ ଥିଲେ । ମୂଷଳ ଧାରାରେ ବର୍ଷା ସମଗ୍ର ଜିଲ୍ଲାରେ ବିପର୍ଯ୍ୟୟ ଘଟାଇଛି । କଟାମା ପଞ୍ଚାୟତ ବାଲିଗଣ୍ଡାରେ ଅତଡ଼ା ଖସି ବଡ଼ବଡ଼ ପଥର ଓ ଗଛ ପଡ଼ି ୨୦ରୁ ଅଧିକ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବର୍ଷା ବିପ୍ରାତରୁ ସମଗ୍ର ଜିଲ୍ଲାରେ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । କାଶୀନଗର ବ୍ଲକ୍ର ଖଣ୍ଡାବା ଓ ବୁଦୁରା ପଂଚାୟତ ମଧ୍ୟରେ ଥିବା ପାଲସିଂ, ସାରା, ବଡ଼ିଗାଁ, ଖାଣ୍ଡବା, ବୋଥଭା, କୀତିଙ୍ଗି, ବୁଦୁରା ଓ ଇଦୁଡ଼ି ଗ୍ରାମଠାରେ ନଦୀର ଜଳସ୍ତର ଅହେତୁକ ଭାବେ ବଢ଼ି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । କାଶୀନଗର ନିକଟରେ ବଂଶଧାରା ନଦୀରେ ଜଳସ୍ତର ବୃଦ୍ଧି ପାଇବା କାରଣରୁ କାଶୀନଗର ବିଜ୍ଞାପିତ ପରିଷଦ ଅଞ୍ଚଳର ତଳି ଅଞ୍ଚଳରେ ନଦୀ ପାଣି ପଶିଯାଇଥିଲା । ଅନେକ ଗାଁରେ ଚାଷଜମି ଜଳମଗ୍ନ ହୋଇଯାଇଛି । ରା.ଉଦୟଗିରିରେ ରାସ୍ତା ଉପରେ ଚାଲିଲା ୬ ଫୁଟ ଉଚ୍ଚତାର ନଦୀଜଳ ପ୍ରବାହିତ ହୋଇଥିବା ବେଳେ ରା. ଉଦୟଗିରି ଠାରୁ ରାମଗିରି ରାସ୍ତା ଧୋଇ ଯିବା ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ନଦୀରେ ଅତ୍ୟଧିକ ବର୍ଷା ଜଳ ଆସି ତଳି ଅଞ୍ଚଳ ଗାଁ'ରେ ଅନେକ ଘରେ ପାଣି ପଶିବା ଫଳରେ ଅନେକ ପରିବାର ପ୍ରଭାବିତ ହୋଇ କ୍ଷତିଗ୍ରସ୍ତ ହୋଇଛନ୍ତି । ରା.ଉଦୟଗିରିରେ ନଦୀଜଳ ରାସ୍ତା ଉପରେ ୬ ଫୁଟ ଉଚ୍ଚତାରେ ପ୍ରବାହିତ ହେବାରୁ ଦୁଇଟି ବୋଲେରୋ ନଦୀ ସୁଅରେ ଭାସି ଚାଲି ଯାଇଥିଲା ଗୁମ୍ମା ବ୍ଲକର ସେରଙ୍ଗ - ଅଜୟଗଡ ରାସ୍ତାର ଅଙ୍ଗେଡା ଠାରେ ମାଟି ଅତଡା ଓ ବଡବଡ ଗଛପଡି ବହୁ ସମୟ ଧରି ରାସ୍ତା ଅବରୋଧ ହୋଇଥିବା ବେଳେ ପ୍ରଶାସନ ପହଞ୍ଚି ରାସ୍ତାକୁ ସଫା କରିଥିବା ଜଣାପଡ଼ିଛି । ଏପଟେ ଗୋଷାଣୀ ବ୍ଲକର ମହେନ୍ଦ୍ରତନୟା ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ନଦୀ କୂଳରେ ଥିବା ବାଘଶାଳା ଓ ବାପୁଜୀ ପେଣ୍ଠ ଗାଁ ଭିତରେ ନଦୀର ବଢିପାଣି ପଶିଯାଇଛି । ଗଜପତିରେ ପ୍ରକୃତିର ଏହି କରାଳ ରୂପକ ପ୍ରବଳ ବର୍ଷା ଓ ପାହାଡ଼ ଧସିବା ଘଟଣାରେ ଦୁଇ ଜଣ ମୃତ ଘୋଷିତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଘୋଷଣା କରିଛନ୍ତି ।

## ଉପରାଷ୍ଟ୍ରପତିଙ୍କୁ...

କରିଛନ୍ତି ଯେ ଉପରାଷ୍ଟ୍ରପତିଙ୍କୁ ଭେଟିବା ଅବସରରେ ସରକାରଙ୍କ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛି । ଉପରାଷ୍ଟ୍ରପତିଙ୍କୁ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପ୍ରଦାନ କରି ରାଜ୍ୟର ଦୀର୍ଘମିଆଦୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଲି । ସେହିଭଳି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ସାକ୍ଷାତ କରିବା ଅବସରରେ ବିଭିନ୍ନ ସାଂଗଠନିକ ବିଷୟ, ରାଜନୈତିକ ପରିସ୍ଥିତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲି । ଶ୍ରୀ ନଡ୍ଡାଙ୍କ ଦୃଷ୍ଟିଭଙ୍ଗୀ ଓ ପରାମର୍ଶ ଆମକୁ ଆଗାମୀ ଦିନରେ ଅଧିକ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରେରିତ କରିବ । ଏହାଛଡା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୬୦ ହଜାର କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ପିଏମ୍ ସେତୁ ଯୋଜନା ଲାଗି ତାଙ୍କୁ କୃତଜ୍ଞତା ଜଣାଉଛି । ଏହାଦ୍ୱାରା ଆଇଟିଆଇ କ୍ଷେତ୍ରଗୁଡ଼ିକର ଆଧୁନିକୀକରଣ ହୋଇପାରିବ । ବିଶେଷକରି ଯୁବକମାନଙ୍କ ଦକ୍ଷତା ବିକାଶ ଓ ଶିଳ୍ପଭିତ୍ତିକ ଶିକ୍ଷା କ୍ଷେତ୍ରରେ ଏହା ବେଶ୍ ସହାୟକ ହେବ । ଇଣ୍ଟିଗ୍ରେଟିଂ ଆଇଟିଆଇ ହେଉଛି ଏକ ଅଗ୍ରଣୀ ପାଠ୍ୟକ୍ରମ । ଏଥିରେ ଆଧୁନିକ ଭିତ୍ତିଭୂମି, ବିଶ୍ୱ ଶିଳ୍ପ ସଂସ୍ଥାରେ ନିଯୁକ୍ତି ସହ ଯୁବକମାନଙ୍କର ଭବିଷ୍ୟତକୁ ବେଶ୍ ସୁରକ୍ଷିତ କରିପାରିବ । ସେମାନେ ଏହାଦ୍ୱାରା ଉଦ୍ୟୋଗୀ ହେବାର ପ୍ରେରଣା ପାଇବେ । ଓଡ଼ିଶା ଏବଂ ଦେଶର ଯୁବକମାନେ ବିଶ୍ୱର ଚାହିଦା ଅନୁଯାୟୀ ହେଉଥିବା ପରିବର୍ତ୍ତନକୁ ସମ୍ମୁଖୀନ ହୋଇପାରିବେ । ଭାରତୀୟ ଆଇଟିଆଇଗୁଡ଼ିକ କେବଳ ପୁରୁଣା ପ୍ରତିଷ୍ଠାନ ନୁହେଁ ବରଂ ଏହା ଶିଳ୍ପ ଶିକ୍ଷା କ୍ଷେତ୍ରରେ ନିଜକୁ ପ୍ରସ୍ତୁତ କରି ଆତ୍ମନିର୍ଭର ଭାରତ ଗଠନରେ ସହଯୋଗ କରିବ ।

## ଦୁର୍ଗାମେଢ଼କୁ...

ବର୍ଗରେ ୬୭୩ଟି ମେଢ଼କୁ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯିବ । (ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ରାଜ୍ୟର ସମୁଦାୟ ୧ ହଜାର ୮୫ଟି ଦଶହରା ଦୁର୍ଗାମେଢ଼ଙ୍କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି ।

## ପୁଣି...

କେରଳର ନେବା ଉଦେଶ୍ୟରେ ଆଣିଥିବା କୁଆଯାଉଛି । ତଦନ୍ତ ତ୍ୱରାନ୍ୱିତ ହେଲେ କେଉଁଠାକୁ କାହା ପାଖକୁ ସେ ମାରିଜୁଆନା ନେଉଥିଲା ତାହା ସ୍ପଷ୍ଟ ଜଣାପଡିବ ବୋଲି ଜଣେ ଅଫିସର କହିଛନ୍ତି ।

### AFFIDAVIT

By virtue of an affidavit sworn before EXECUTIVE MAGISTRATE CUM TAHASILDAR, TIHIDI, Dated-16.05.2025. I GELEHI DAS, Address : At- Nuasahi, Post- Amrutapur, Via-Ghanteswar, P.S. : Pirahat, Block-Tihidi, Dist - Bhadrak, State - Odisha, Pin - 756129. Declare that I have changed my name from LAXMIPRIYA DAS to GELEHI DAS. Henceforth, I shall be known as GELEHI DAS for all purpose.

Sd/- GELEHI DAS

### AFFIDAVIT

By virtue of an affidavit sworn before Executive Magistrate, Nayagarh Odisha on dated. 11.09.2025 I, Chaturbhuja Nayak, S/o- Bhikari Nayak Resident Of Village - Tentuliapalli, P.O./Kiri, P.S. Itamati Dist-Nayagarh, PIn-752079 declare that I have changed my minor Son's name from Pratishru Nayak to Pratyush Kumar Nayak. Henceforth, He shall be known as Pratyush Kumar Nayak for all purposes.

Sd/- Chaturbhuja Nayak

### AFFIDAVIT

By virtue of an affidavit sworn before The Notary Public, Bhubaneswar dated 03.10.2025 I Lipi Swain , aged about 30 years, W/o-Dillip Kumar Swain, permanent resident of At/PO-Kantabada, Dist-Khordha, Odisha-752061 declare that I have changed my name from Lipi Swain to Lipi Naik. Henceforth, I shall be known as Lipi Naik for all purposes.

### AFFIDAVIT

By virtue of an affidavit sworn before The Notary Public, Bhubaneswar dated 03.10.2025 I Minati Sahoo, aged about 45 years, D/o-Gandharba Sahoo, permanent resident of At/PO-Nariso, Dist-Khordha, Odisha-754004 declare that I have changed my name from Minati Sahoo to Mini Sahu. Henceforth, I shall be known as Mini Sahu for all purposes.

### AFFIDAVIT

By virtue of an affidavit sworn before the Executive Magistrate, Baripada, Dist- Mayurbhanj, I, Kaushik Kumar Mohanta, Aged 19, S/o Maheswar Mohanta, Resident of At-Sripadganj, Ward No-13, PO-Baripada, PS-Baripada Town, Dist-Mayurbhanj, declare that this affidavit no-3730, dated 10.06.2025.I hereby declare that my correct name is Kaushik Kumar Mohanta, S/o Maheswar Mohanta, as mentioned in all my testimonials. However, in my Aadhaar Card no. 7272-2075-0592, my name and father's name are incorrectly mentioned as Koushik Mohanta, Son of Maheshwar Mohanta.I solemnly affirm that both names, i.e., Kaushik Kumar Mohanta, S/o Maheswar Mohanta, and Koushik Mohanta, S/o Maheshwar Mohanta, refer to the same person, i.e., myself, and there is no difference in person.I hereby request that to correct my name and my father's name to reflect the correct spelling, Kaushik Kumar Mohanta, S/o Maheswar Mohanta.

Sd/- Kaushik Kumar Mohanta.

### AFFIDAVIT

By virtue of an affidavit sworn before The Notary Public, Bhubaneswar dated 11.09.2025 1. M.Uma Address At- Mahaveer Basti, Near DL Colony, VSS Nagar, Po/Ps Saheed Nagar, Bhubaneswar, Dist-Khordha, Odisha-751007 declare that I have changed my name from Neelapu Uma to M.Uma Henceforth, I shall be known M.Uma for all purposes.

### AFFIDAVIT

By virtue of an affidavit sworn before The Notary Public, Bhubaneswar dated 03.10.2025 I Arakhita Roula, S/o-Amiti Kumar Roula permanent resident of At-New AG Colony, Qtr No-Type-II/443, PO-Nayapalli, PS-Saheed Nagar, Bhubaneswar, Dist-Khordha, Odisha o 751012 declare that I have changed my Son's name from Amit Kumar Roul to Amiti Kumar Roula, she shall be known as Amiti Kumar Roula for all purposes.

### AFFIDAVIT

By virtue of an affidavit sworn before The Notary Public, Bhubaneswar dated 25.08.2025 1. Purnachandra Pradhan Address permanent resident of At/Po- Phasi, Ps-Kodala, Dist-Ganjam, Odisha-761032 declare that I have changed my name from Purnachandra Pahan to Purnachandra Pradhan Henceforth, I shall be known as Purnachandra Pradhan for all purposes.

### WALK-IN-INTFRVIEW

**Balanga College, Balanga, Puri**
**Mobile No. 9237969245**

For the appointment as Contractual/Guest Faculty, the interested candidates having requisite qualification 55% marks in P.G. for the post of Lecturer in Logic and Philosophy -1, Chemistry-2, Mathematics-1, Psychology-1, Commerce-1 and Asst. Librarian-I(B.Lib. with computer skill), DE0-1(PGDCA] may attend the walk-in-interview at Balanga College campus at 11 A.M. on Dt.12.10.2025 with original certificates and two passport size photographs.

Sd/- Principal
Balanga College, Balanga, Puri

### ଦ.ପୂ. ରେଳପଥ-ଟେଣ୍ଡର

ଇ-ଟେଣ୍ଡର ନୋଟିସ ନଂ. ସିଭିଲ-ଆରଏସପି-୯-୨୦୨୫ ତାରିଖ ୨୬.୦୯.୨୦୨୫ । ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡେପୁଟି ଚିଫ୍ ଇଞ୍ଜିନିୟର /ଏସ୍‌ପି ଏବଂ ଆରଏସପି, ଗାର୍ଡେନରିଚ୍, କୋଲକାତା ୭୦୦୦୪୩, ଦ.ପୂ. ରେଳପଥଙ୍କ ଦ୍ୱାରା ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ୱେବସାଇଟ୍ www.ireps.gov.in ରେ ନିମ୍ନୋକ୍ତ ଟେଣ୍ଡର ଅପଲୋଡ୍ କରାଯାଇ ପାରିବ । କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ : ପୂର୍ବ ମେଦିନପୁର ଜିଲ୍ଲାର ରାଧୁନିଆ – ଗୋବର୍ଦ୍ଧନପୁର ରୋଡ୍ (ଓଡିଆର)ରେ ପାଞ୍ଚ କିଲୋମିଟର ଦୂରତାରେ ଦକ୍ଷିଣ ପୂର୍ବ ରେଳପଥର ହାଓଡା-ଖଡ଼ଗପୁର ସେକ୍ସନ ଉପରେ ଖିରାଇ ଏବଂ ହାଉର ଷ୍ଟେସନ ମଧ୍ୟରେ କି.ମି. ୭୯/୧୭-୧୯ରେ ଲାଇନକୁ ଇତ୍ୟାଦି ସହିତ ସଂଯୋଗ ଏବଂ ଏଲ୍‌ସି ନଂ. ୪୯ (୧X୩୬ ମି. କମ୍ପୋଜିଟ୍ ଗାର୍ଡର, ୧X୬୦ ମି. ବୋ ଷ୍ଟ୍ରିଙ୍ଗ୍ ଷ୍ଟିଲ୍ ଗାର୍ଡର ଏବଂ ୧X୩୬ମି. କମ୍ପୋଜିଟ୍ ଗାର୍ଡର) ପରିବର୍ତ୍ତେ ହାଉର ଷ୍ଟେସନ ନିକଟରେ ପ୍ରସ୍ତାବିତ ଆରଓବି ନିର୍ମାଣ । ଆନୁମାନିକ ମୂଲ୍ୟ : ଟ. ୫୩.୯୫ କୋଟି । ବିଡ୍ ସିକ୍ୟୁରିଟି : ଟ. ୨୮.୪୭ ଲକ୍ଷ । ସମାପ୍ତି ସମୟ : ଏଲ୍‌ଓଏ ଜାରୀ ତାରିଖ ଠାରୁ ୧୮ ମାସ । ବନ୍ଦ ତାରିଖ : ୨୮.୧୦.୨୦୨୫ ୧୫.୦୦ ଘଣ୍ଟା (ଆଇଏସଟି) । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ସମ୍ପୂର୍ଣ୍ଣ ତଥ୍ୟ ଏବଂ ସ୍ପେସିଫିକେସନ ପାଇଁ ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ ଦାଖଲ କରିବେ । ଏହି ସବୁ ଆଇଟମ୍ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବ ନାହିଁ । ବି.ଦ୍ର : ଆଶାୟୀ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶ ଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖିପାରିବେ । (PR-679)

ଟେଣ୍ଡର ନୋଟିସ ନଂ. ୧୧୪-ଇଏଲସି-ଡି-କେଜିପି-୨୫-୨୬-୨୭, ତାରିଖ ୨୯.୦୯.୨୦୨୫ । ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଜି/ଖଡ଼ଗପୁର-୭୨୧୩୦୧ ଦ.ପୂ. ରେଳପଥ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ପ୍ରତିଟି ଆଇଟମ ଲାଗି ସୂଚିତ ତାରିଖର ୧୨.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କାର୍ଯ୍ୟର ବିବରଣୀ : ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଞ୍ଜିନିୟର / ୱର୍କ୍ସ / ଖଡ଼ଗପୁର ଅନ୍ତର୍ଗତ ଏସ୍‌ଏସ୍ ନଂ. ୬ ଏବଂ ଏସ୍‌ଏସ୍ ନଂ.୫ ପାଇଁ ପମ୍ପିଂ ସିଷ୍ଟମ ବ୍ୟବସ୍ଥାର ଉନ୍ନତି କରଣ ନିମନ୍ତେ ଇଲେକ୍ଟ୍ରିକାଲ କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ଟ. ୬୫,୦୫,୩୮୯.୦୮ । ବିଡ୍ ସିକ୍ୟୁରିଟି / ଇଏମଡି : ଟ. ୧,୩୦,୧୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଶୂନ୍ୟ । ସମାପ୍ତି ସମୟ : ସ୍ୱୀକାରୋକ୍ତି ପତ୍ର ଜାରୀ ତାରିଖ ଠାରୁ ୦୯ ମାସ । ଦାଖଲ ତାରିଖ : ୨୨.୧୦.୨୦୨୫ ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ଖୋଲା ତାରିଖ : ୨୨.୧୦.୨୦୨୫ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ତଥ୍ୟ ଏବଂ ସ୍ପେସିଫିକେସନ ପାଇଁ ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ ଦାଖଲ ହେବ । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ସୂଚନା : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖିପାରିବେ । (PR-683)

By e-Despatch/By e-Mail
E-Mail : serwcirclesbp@yahoo.com

### ଓଡ଼ିଶା ସରକାର
### ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
### ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର

**Office order No. 3556//Dated. 26.09.2025**

**1st Corrigendum Bid Identification**
**No. Building Tender Online RWCSBP-16/2025-26**

**O-924 :** Following modifications are hereby made to the notice inviting tender vide this office Bid ID No. Building tender Online RWCSBP-16/2025-26 for the work (1) Construction of 08 Nos new Residential Staff Qtr. (E Type) at Tahasil Office Bheden in the district of Bargarh for the year 2025-26 (2) Construction of 08 Nos New Residential Staff Qtr. (E Type) at Tahasil Office Bhatli in the district of Bargarh for the year 2025-26 (3) Construction of PHC Building at Tulandi (Day Care) of Barpali Block in the district of Bargarh for the year 2025-26.

1. The availability of tender online for bidding may be read as 10.10.2025 from 11.00 AM to 24.10.2025 up to 5.00 PM instead of from 24.09.2025 from 11.00 AM to 08.10.2025 up to 5.00 PM.
2. The last date & time for seeking clarification may be read as 22.10.2025 up to 5.00 PM instead of 06.11.2025 up to 5.00 PM.
3. The date & time of technical opening bid may be read as 27.10.2025 at 11.00 AM instead of 09.10.2025 at 11.00 AM.

All other terms and condition remain unchanged.

Sd/- Chief Construction Engineer,
R.W. Circle, Sambalpur

OIPR : 25091/11/0087/2526

### ଭାରତୀୟ କଣ୍ଟେନର ନିଗମ ଲିମିଟେଡ୍
### CONTAINER CORPORATION OF INDIA LTD.

कॉनकॉर CONCOR

[illegible]

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି (ଇ-ଟେଣ୍ଡର ତଥା ଓଲଟା ନିଲାମ ପଦ୍ଧତିରେ କେବଳ)**

[illegible] www.tenderwizard.com/CCIL [illegible]

| | |
|---|---|
| [illegible] | [illegible] |
| [illegible] | [illegible] |
| [illegible] | [illegible] |
| [illegible] | [illegible] |
| [illegible] | [illegible] |
| [illegible] | [illegible] |
| [illegible] | [illegible] |
| [illegible] | [illegible] |
| [illegible] | [illegible] |

[illegible] www.tenderwizard.com, www.tenderwizard.com/CCIL [illegible]

[illegible]

### Odisha State Museum

Kalpana Square, Bhubaneswar-751014 , Tel-0674-2431597
Email-supdt.museum@hotmail.com
Website www.odishamuseum.nic.in

**TENDER CALL NOTICE**

**No.1487 /OSM.,dated. 04.10.2025**

**RR-21 :** Sealed Tenders in conformity with the terms, conditions and specifications in the tender documents are invited from reputed firms/ agencies for : Supply of flower saplings with Poly Bags, Pots, Soil Pots of suitable size and Soil & Compost to Odisha State Museum, Bhubaneswar.

| Sl. No. | Name of work | Bid Security | Cost of document | Period of completion. |
|---|---|---|---|---|
| 1 | Supply of flower saplings with Poly Bags & Pots, Soil Pots of suitable size and Soil & Compost for Odisha State Museum, Bhubaneswar. | EMD Rs. 15000/- | Rs.4000.00 | 01 (One) calendar month |

- Availability oftender in Odisha State Museum website : From 06.10.2025, IO.OOA.M.to 20.10.2025,4.00 P.M.
- Submission of Bid : From 06.10.2025, 10.00A.M. to 20.10.2025,4.30 P.M.
- Dale and Time of Opening of the Bid : 22.10.2025, at 11.30 A.M.

Further Details can be seen from the website www.odishamuseum.nic.in regularly for any amendment, corrigendum/ cancellation of the tender).

Sd/- Superintendent of Museum,
Odisha, Bhubaneswar

OIPR : 03015/11/0009/2526

### GOVERNMENT OF ODISHA : DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER, ROURKELA IRRIGATION DIVISION,ROURKELA

email Id :- seridrkl@gmail.com

**'e' Procurement Notice**

**e-PROCUREMENT NOTICE NO - SERID-RKL-04/2025-26 (ONLINE) DT 18.10.2025**

**A-651 :** The Superintending Engineer, Rourkela Irrigation Division, Rourkela on behalf of Governor of Odisha invites Percenatge Rate Bid in single cover system to be received in online mode from the eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railway s/CPWD work as detailed below:

| | | | |
|---|---|---|---|
| 1. | Nature of Work | : | CIVIL WORKS |
| 2. | Total Number of works | : | 16(sixteen) nos |
| 3. | Bid Identification No. | : | SERID-RKL-04/2025-26 (ONLINE) |
| 4. | Estimated Cost | : | Rs. 4.24 lakh to 14.12 lakh |
| 5. | Class of Contractor | : | 'D' & 'C class Contractor |
| 6. | Cost of Tender Paper | : | Referred to DTCN |
| 7. | Earnest Money Deposit | : | Referred to DTCN |
| 8. | Period of completion | : | Referred to DTCN |
| 9. | Date & time of Availability of Bid documents in the portal | : | From dt 04.10.2025 at 10.00 A.M to dt. 14.10.2025 up to 05.30 P.M. |
| 10. | Last Date / time for receipt of bids in the portal | : | Dt. 14.10.2025 up to 05.30 P.M. |
| 11. | Date and time of Opening of Bids | : | Dt. 15.10.2025 at 11.00 A.M. |
| 12. | Last date & time of seeking of clarification | : | Dt. 11.10.2025 at 05.30 P.M |
| 13. | Place of Opening | : | Office of the Superintending Engineer, Rourkela Irrigation Division, Rourkela |
| 14. | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela |

1. Any addendum/corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website **http: //tenderodisha.gov.in**

Sd/- SUPERINTENDING ENGINEER
ROURKELA IRRIGATION DIVISION, ROURKELA

OIPR : 32018/11/0020/2526

### GOVERNMENT OF ODISHA
### OFFICE OF THE SUPERINTENDING ENGINEER,
### PARALAKHEMUNDI(R&B) DIVISION, PARALAKHEMUNDI.

Tel. Ph. No : 06815-222542
E-mail I.D : eerbparala@yahoo.com

B-568

e-Procurement Notice
Bid Identification No. S.E., PKD. R&B DIVN.-10 /2025-26

No. 4754 Date. 22.09.2025

**INVITATION FOR BIDS**

| | | | |
|---|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in Single system to be received in on ONLINE MODE only for the construction of works as detailed in the table below: | | |
| 2. | Nature of works | : | Roads Works |
| 3. | No. of works | : | 01 \|~One\| no. of works |
| 4. | Estimated cost (Approximately) | : | Rs.29.17 Lakhs |
| 5. | Bid cost | : | Rs. 6,000/- |
| 6. | Class of contractor | : | "B" & "C" class |
| 7. | Availability of Bid Documents in the website | : | 10.00 Hrs of Dt. 03.10.2025 To 17.00 Hrs. of Dt.13.10.2025 |
| 8. | Date of opening of the Bid | : | 12.00 Hrs. of Dt.14.10.2025 |
| 9. | The Bidders have to participate in ONLINE bidding only. Further details can be seen from the website http://tendersorissa.gov.in Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd/- Superintending Engineer
Paralakhemundi(R&B) Division

OIPR : 34186/11/0008/2526

### GOVT OF ODISHA
### OFFICE OF THE SUPERINTENDING ENGINEER
### RURAL WORKS DIVISION: BOLANGIR

O - 952

**Office Order No 4685 Dated 27.09.2025**

**1st Corrigendum Notice to Bid Identification No. EEBLGR-online-06/2025-26**

Invited vide this office letter No 4476 dated 15.09.2025 due partial modification of eligibility criteria in DTCN for the work Sr. No 01,02,03,04 therefore.TCN has been modified as follows.

| Tender Identification No | Items | Tender Status as per original TCN | Time Schedule as per 1st Corrigendum notice |
|---|---|---|---|
| EEBLGR-online-06/2025-26 | Availability of Tender on-line for bidding | 22.09.2025 at 11.00 AM to 04.10.2025 of 5.00 PM | 22.09.2025 at 11.00 A.M to 11.10.2025 of 5.00 PM |
| | Date & time of seeking tender clarification | 03.10.2025 up to 1.00 PM | 10.10.2025 up to 1.00 PM |
| | Date and time for Opening tender | 06.10.2025 at 11.00 AM | 13.10.2025 at 11.00 AM |

This is to inform all perspective bidders that the following Amendment is made to the eligibility criteria of the DTCN EEBLGR-Online-06/2025. Clause No 2.1 Eligibility criteria is hereby modified. An additional Sub-Clause 2.1.5 is hereby added, specifically applicable to work Sr. No "01,02,03,04 of TCN E EB LGR-Online-06/2025.

**The revised criteria will now read as follows. 2.1 Eligibility criteria**

**Addendum: in addition to the criteria mention in the DTCN, for the work Sl No 01,02,03,04 the bidder must need the following condition.**

2.1.5- The civil contractor must Upload the Scan copy of an agreement (Notarized) Executed between the register Electrical Contractor along with their valid license, GSTN&PAN along with the tender document confirming to works Department OM No 16955 dated 11.10.2023.

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd/- Executive Engineer
R.W.Division, Bolangir

OIPR : 25068/11/0039/2526

Tel/Fax - 06852 - 250740
e-mail -eephkrp@gmail.com

C-1185

### OFFICE OF THE SUPERINTENDING ENGINEER
### P.H. DIVISION KORAPUT

**GOVERNMENT OF ODISHA "e" procurement Notice**

**Rectified e-procurement Notice for 2025-26**

**Bid Identification No.SE,P.H.KPT-4 of 2025-26 Dt.25.09.2025**

| | | |
|---|---|---|
| Name of work | : | Procurement of DI pipes |
| Total No.of works | : | 1 (One work) |
| Estimated Cost | : | Rs. 335.34 lakh (Approx.) |
| Class of contractor | : | Manufacturer |
| Period for supply of materials | : | 60 days |

| Procurement Officer | Bid Identification No. | No. of works | Availability of Tender On-line for Bidding From | Availability of Tender On-line for Bidding To | Date & time of opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, P.H. Division, Koraput | SE, P.H. KPT-4 of 2025-26 Dt. 25.09.2025 | 1 (One) | 11.00 A.M. 08.10.2025 | 05.00 P.M. 22.10.2025 | 11.00 A.M. 23.10.2025 |

Further details can be seen from the e-Procurement portal "https://www.tendersodisha.gov.in"

Sd/-
(Er. Chiranjibi Mahali)
Superintending Engineer,
P.H. Division, Koraput

OIPR : 13008/11/0015/2526

Tel/Fax - 06852 - 250740
e-mail -eephkrp@gmail.com

C-1157

### OFFICE OF THE SUPERINTENDING ENGINEER
### P.H. DIVISION KORAPUT

**GOVERNMENT OF ODISHA "e" procurement Notice**

**e-procurement Notice for 2025-26**

**Bid Identification No.SE,P.H.KPT-3 of 2025-26 Dt.20.09.2025**

| | | |
|---|---|---|
| Name of work | : | Procurement of DI pipes |
| Total No.of works | : | 1 (One work) |
| Estimated Cost | : | Rs. 335.34 lakh (Approx.) |
| Class of contractor | : | Manufacturer |
| Period for supply of materials | : | 60 days |

| Procurement Officer | Bid Identification No. | No. of works | Availability of Tender On-line for Bidding From | Availability of Tender On-line for Bidding To | Date & time of opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, P.H. Division, Koraput | SE, P.H. KPT-3 of 2025-26 Dt. 20.09.2025 | 1 (One) | 11.00 A.M. 08.10.2025 | 05.00 P.M. 22.10.2025 | 11.00 A.M. 23.10.2025 |

Further details can be seen from the e-Procurement portal "https://www.tendersodisha.gov.in"

Sd/-
(Er. Chiranjibi Mahali)
Superintending Engineer,
P.H. Division, Koraput

OIPR : 13008/11/0014/2526

### OFFICE OF THE BHAWANIPATNA MUNICIPALITY
### DIST: KALAHANDI

C-1203

**No. 2972 / BPM Date : 03.10.2025**

**TENDER CALL NOTICE**

Sealed Tender Call Notice are invited from the **Authorised Supplier / Firm / Manufacturer / Agency** for supply of **50 pieces of 80X2 Litre dual stand mounted plastic dustbins (Green & Blue) coloured** under Bhawanipatna Municipality.

The bidders should submit their tender in their **official letterhead** as per the prescribed format (Annexure-II) and send it by Registered Post / Speed Post addressed to **The Executive Officer, Bhawanipatna Municipality, Bhawanipatna**, super scribing on the envelope "Tender for Supply of Liter Bins". The tender paper must reach this office on or before **13 / 10 / 2025 by 1.00 PM.** "The tender will be opened on the same day at 3:00 PM in the presence of the bidders or their authorised representatives."

**Terms & Conditions:**

1. The tender paper must be accompanied by the following documents:
   - o Self-attested photocopy of valid GST Registration Certificate,
   - o Self-attested photocopy of PAN Card.
   - o Paper Cost of Rs. 4,000/- (non-refundable) in shape of Demand Draft in favour of Executive Officer, Bhawanipatna Municipality, payable at Bhawanipatna.
   - o Security Deposit of Rs. 20,000/- (refundable) in shape of Demand Draft in favour of Executive Officer, Bhawanipatna Municipality, payable at Bhawanipatna.
2. The bidders must also submit brand details and illustrative design of the item along with the Technical Bid.
3. Bidders must quote the product strictly as per the specifications provided in the NIT.
4. The quoted rate shall remain valid for one year.
5. The selected agency must supply and install all items within 07 (seven) days from the date of issue of the Supply Order.
6. The quantity of items may vary (increase or decrease up to 25%) at the time of placing the order.
7. The complete quotation document may be downloaded from the Municipality website: www.bhawanipatnamunicipality.in. & Kalahandi District website www.kalahandi.odihsa.gov in
8. The authority reserves the right to accept or reject any or all quotations and/or negotiate with more than one agency without assigning any reason thereof.
9. The bidder must supply / fulfil complete order, partial bid is not allowed.

Sd/- Executive Officer
Bhawanipatna Municipality

OIPR : 13100/11/0018/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ବଡିଜୋନର ୨୧ତମ ରାବଣପୋଡି ଉତ୍ସବ

# ଜିଲ୍ଲାକୁ ନିଶାମୁକ୍ତ ଜିଲ୍ଲା ଭାବେ ଗଢି ତୋଳିବା ପାଇଁ ପ୍ରୟାସ ଜାରି ରହିବ : ଏସ୍‌ପି

ଖୋର୍ଦ୍ଧା, (ସବ୍ୟୁ): ପବିତ୍ର ବିଜୟା ଦଶମୀ ଅବସରରେ ସ୍ଥାନୀୟ ହାବେଳୀ ପଡିଆଠାରେ ସେଚ୍ଛାସେବୀ ଅନୁଷ୍ଠାନ ବଡିଜୋନ ପକ୍ଷରୁ୨୧ତମ ରାବଣପୋଡି



ଉତ୍ସବ ପାଳନ ହୋଇଯାଇଛି । ଦୁଇ ଦିନ ଧରି ଅକ୍ଟୋବର ୧ତାରିଖରେ ଷ୍ଟାର ନାଇଟ୍ ସହିତ ୨ତାରିଖରେ ବିଜୟା ଦଶମୀ ଉପଲକ୍ଷେ ସଂସ୍କୃତିକ କାର୍ଯ୍ୟକ୍ରମ ସମେତ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା । ବଡ଼ିଜୋନର ପ୍ରତିଷ୍ଠାତା ତଥା ଯୁବ ନେତା ଜିତେନ୍ଦ୍ର କୁମାର ପ୍ରଧାନ (ରାଜା)କ ପୌରହିତ୍ୟରେ ମୁଖ୍ୟ ଅତିଥିଭାବେ ଏସ.ପି. ବିବେକାନନ୍ଦ ଶର୍ମା (ଆଇ.ପି.ଏସ୍), ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ତେବେ ହିନ୍ଦୁ ଧର୍ମରେ ରାବଣକୁ ଅହଂକାରର ପ୍ରତୀକ ଦିଆଯାଇଥିବାବେଳେ ବିଜୟା ଦଶମିରେ ରାବଣ ଦହନ କରି ନିଜ ଭିତରେ ଥିବା ଅହଂକାରକୁ ମାରିବା ଲାଗି ଅତିଥିମାନେ ପରାମର୍ଶ ଦେଇଥିଲେ। ତେବେ ଉପସ୍ଥିତ ଖୋରଧା ବାସୀ ରଖିଥିବା ଆଶା ଓ ଭରସାକୁ ନିଶ୍ଚୟ ଭାବେ ସାଧାରଣ ଜନତାଙ୍କ ସହଯୋଗରେ ପୁରଣ କରାଯିବ ବୋଲି ଗଣମାଧମକୁ କହିବା ସହ ଖୋରଧା ଜିଲ୍ଲାକୁ ନିଶାମୁକ୍ତ ଜିଲ୍ଲା ଭାବେ ଗଢି ତୋଳିବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରହିବ ବୋଲି ଏସ.ପି ବିବେକାନନ୍ଦ ଶର୍ମା କହିଥିଲେ।

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୭୦ ଫୁଟ୍ ଉଚ୍ଚତା ବିଶିଷ୍ଟ ରାବଣ ଦେହରେ ଏସ.ପି. ଅଗ୍ନି ସଂଯୋଗ କରିଥିଲେ। ଚଳିତ ବର୍ଷ ପ୍ରାୟ ବର୍ଷା ସତ୍ୱେ ୨୦ ହଜାରରୁ ଉଦ୍ଧ୍ୱର୍ ଲୋକଙ୍କ ସମାଗମ ହୋଇଥିଲା। ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗର ଆତସବାଜିରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇଉଠିଥିଲା। କାର୍ଯ୍ୟକ୍ରମକୁ ବଡିଜୋନର ସଭ୍ୟମାନଙ୍କ ସମେତି ସମ୍ପାଦକ ସୌମେନ୍ଦ୍ର ପ୍ରଧାନ(ସିତ), ସାମ୍ବାଦିକ ଲଳିତ ମୋହନ ମହାପାତ୍ର, କୁନାଲ ବାରିକ, ସତ୍ୟସୁନ୍ଦର ଛୋଟରାୟ (ଚନ୍ଦନ), ଚିକୁ ପାତ୍ର, ଶୁଭେନ୍ଦୁ ସାଇଁ, ମନୋଜ ବାରିକ, ସମର ହରିଚନ୍ଦନ, ରଶ୍ମୀ ରଂଜନ ପ୍ରଧାନ, ପ୍ରଭୁ କଲ୍ୟାଣ ଜେନା, ପ୍ରଣବ ପଟ୍ଟନାୟକ ପ୍ରମୁଖ ପରିଚାଳନ କରିଥିବାବେଳେ ସୂର୍ଯ୍ୟନାରାୟଣ ପାତ୍ର( ଟୁଲୁ) ସଂଯୋଜନା କରିଥିଲେ।

# କର୍ମଚାରୀ ଏବଂ ସମ୍ପ୍ରଦାୟ ସହିତ ଦଶହରା ପାଳନ କଲା ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାରେ ଏହାର କାର୍ଯ୍ୟସ୍ଥଳ ଯଥା ଝାରସୁଗୁଡା, ଲାଞ୍ଜିଗଡ ଏବଂ ଏହାର ସମସ୍ତ ଖଣିଗୁଡ଼ିକରେ ବ୍ୟାପୀ - ମହାସମାରୋହରେ ଦଶହରା ପାଳନ କରିଥିଲା। ଏହି ଉତ୍ସବ ହଜାର ହଜାର କର୍ମଚାରୀ, ପରିବାର ଏବଂ ସମ୍ପ୍ରଦାୟ ସଦସ୍ୟଙ୍କୁ ଏକାଠି କରିଥିଲା, ଯାହା ସାଂସ୍କୃତିକ ଐତିହ୍ୟ, ସାମାଜିକ ସଶକ୍ତିକରଣ ଏବଂ ସାମୁଦାୟିକ କଲ୍ୟାଣ ପ୍ରତି କମ୍ପାନୀର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଏହି ବର୍ଷ, ଏହି ଉତ୍ସବଗୁଡ଼ିକ ଏକ ଦୃଢ଼ ସାମାଜିକ ବାର୍ତା ମଧ୍ୟ ବହନ କରିଥିଲା, କମ୍ପାନୀ ଲାଞ୍ଜିଗଡର ଆଖପାଖରେ ନଅଟି ଗ୍ରାମର ୧,୫୦୦ ରୁ ଅଧିକ ମହିଳାଙ୍କୁ ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ଏବଂ ପୁଷ୍ଟି ଉପରେ ବିଶେଷ ଭାବରେ ସଂଗୃହୀତ 'ଶକ୍ତି କିଟ୍ସ' ବଂଟନ କରିଥିଲା। ନବରାତ୍ରି ଏବଂ ଦୁର୍ଗା ପୂଜା ଉତ୍ସବ କର୍ମଚାରୀ, ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ମହାସମାରୋହରେ ଏକାଠି କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ, ଲୋକ ଏବଂ ଆଂଚଳିକ କଳାର ଏକ ସମୃଦ୍ଧ ମିଶ୍ରଣ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ଓଡ଼ିଶୀ, ଭାରତନାଟ୍ୟମ,



ଘୁମୁରା, ଗରବା ଏବଂ କୁଚିପୁଡ଼ି ଭଳି ପ୍ରାଣବନ୍ତ ପ୍ରଦର୍ଶନ ସହିତ ମହିଳା କର୍ମଚାରୀଙ୍କ ଦ୍ୱାରା ରାମଲୀଳା ଏବଂ ଭକ୍ତିପୂର୍ଣ୍ଣ ଧୁନୁଚି ନୃତ୍ୟ ପରି ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ବିକ୍ରେତା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଉତ୍ସବ ବଜାର ମାଧ୍ୟମରେ ଅଂଶଗ୍ରହଣ କରିଥିଲେ, ଯାହା କମ୍ପାନୀର ସାମୁଦାୟିକ ସଶକ୍ତିକରଣ ପ୍ରତି ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥିଲା। ଉଭୟ ସ୍ଥାନରେ ଉତ୍ସବ ମହାନ ରାବଣ ଦହନ ସହିତ ଶେଷ ହୋଇଥିଲା, ଯାହା ମନ୍ଦ ଉପରେ ଭଲର ବିଜୟର ପ୍ରତୀକ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉତ୍ସବ ଭାବନାରେ ଏକତ୍ରିତ କରିଥିଲା।

ଉତ୍ସବର ଉତ୍ସାହ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଉତ୍ସବଗୁଡ଼ିକ ବେଦାନ୍ତ ଆଲୁମିନିୟମରେ ଆମେ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଜୀବନର ଗୁଣବତାର ଏକ ଅବିଚ୍ଛେଦ୍ୟ ଅଂଶ ଅଟେ। ଦଶହରା, ଆମର ଟାଉନସିପ୍ ରେ ଅନ୍ୟାନ୍ୟ ଅନେକ ଉତ୍ସବ ପରି, କେବଳ ଏକ ସାଂସ୍କୃତିକ ଅବସର ନୁହେଁ ବରଂ ଆମର ସମାନ ମୂଲ୍ୟବୋଧ, ଏକତା ଏବଂ ସମୃଦ୍ଧ ସମ୍ପ୍ରଦାୟ ଗଠନ ପ୍ରତି ପ୍ରତିବଦ୍ଧତାର ପ୍ରତୀକ। ଏହି ଉତ୍ସବଗୁଡ଼ିକ ପୁନଃନିର୍ମାଣ କରେ ଯେ ଆମର ବ୍ୟବସାୟିକ ଉତ୍କର୍ଷତାର ଯାତ୍ରା ସାମାଜିକ ମଙ୍ଗଳ ଏବଂ ସାଂସ୍କୃତିକ ସ୍ପନ୍ଦନ ସହିତ ହାତ ମିଳାଇ ଚାଲିଛି। ଉତ୍ସବମୁଖୀ ମନୋଭାବ ବ୍ୟତୀତ, ବେଦାନ୍ତ ଆଲୁମିନିୟମର ଦଶହରା ଉତ୍ସବ କମ୍ପାନୀର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ ସାମୁଦାୟିକ କଲ୍ୟାଣକୁ ପ୍ରୋତ୍ସାହିତ କରିବାର ବୃହତ ଉଦ୍ଦେଶ୍ୟକୁ ପ୍ରତିପାଦିତ କରେ। ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ସମର୍ଥନ କରିବା ପର୍ଯ୍ୟନ୍ତ, କମ୍ପାନୀ ଏହାର କାର୍ଯ୍ୟର ଢାଂଚାରେ ସାମାଜିକ ପ୍ରଭାବକୁ ବୃଦ୍ଧିକରି ଚାଲିଛି। ବେଦାନ୍ତ ଆଲୁମିନିୟମ ନିଶ୍ଚିତ କରେ ଯେ ଏହାର ଅଭିବୃଦ୍ଧି ଯାତ୍ରା ସମଗ୍ର ଓଡ଼ିଶାରେ ସାଂସ୍କୃତିକ ସ୍ପନ୍ଦନ, ଦୃଢ଼ ସମ୍ପ୍ରଦାୟ ଏବଂ ସହଭାଗୀ ସମୃଦ୍ଧି ସହିତ ସମନ୍ୱିତ ହେବ।

## ସମ୍ବାଦ ଓ କନକ ନ୍ୟୁଜ୍‌ର ସ୍ୱନକ୍ଷତ୍ର ଦିବସ

# ସ୍ରୋତ ବିରୋଧରେ ପହଁରିବାର ସଫଳତା ହିଁ ପ୍ରକୃତ ସଫଳତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଦୈନିକ ସମ୍ବାଦ ଓ କନକ ନ୍ୟୁଜ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ଏହାର ଅଧକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ସଂପାଦିକା ତନୟା ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୋର ମନେ ଅଛି, ସେତେବେଳେ ପ୍ରାୟ ଡାକ ସଂସ୍କରଣ ଯାହାକୁ ଡାକ ଏଡିସନ କୁହାଯାଉଥିଲା, ତାହା ଚଳଣି ଥିଲା। ଅର୍ଥାତ, ସନ୍ଧ୍ୟା ସୁଦ୍ଧା ତା' ପରଦିନର ଖବରକାଗଜ ମୁଦ୍ରିତ କରି ବିଭିନ୍ନ ଜାଗାକୁ ପଠା ଯାଉଥିଲା। କିନ୍ତୁ, ଯେତେବେଳ ସୌମ୍ୟବାବୁ ସକାଳ ସଂସ୍କରଣ ଆଣିଲେ, ପ୍ରଥମେ ତାଙ୍କର ବିରୋଧୀ ଏବଂ ପ୍ରତିଦ୍ୱନ୍ଦୀ ଥଟ୍ଟା କରୁଥିଲେ। ସେ ଅନେକ ବାର ଏ କଥା ସେତେବେଳେ ବିଭିନ୍ନ ସଭା ସମିତିରେ କହିଛନ୍ତି। ସେ କହୁଥିଲେ, ମୁଁ ପାଠକଙ୍କୁ ବାସୀ ଖବର ଦେବି ନାହିଁ। ତେଣୁ, ସେ ଯେଉଁ ମଣିଙ୍ଗ ଏଡିସନ ଆଣିଲେ ବୋଧହୁଏ ରାତି ତିନିଟା ପର୍ଯ୍ୟନ୍ତ ଖବର ସକାଳେ ଲୋକେ ପଢିପାରୁଥିଲେ। ସ୍ରୋତ ବିରୁଦ୍ଧରେ ପହଁରି ଯେଉଁ ସଫଳତା



ମିଳେ ତାହା ହିଁ ପ୍ରକୃତ ସଫଳତା।' ଭୁବନେଶ୍ୱର ଓ କଟକ ବାହାରେ ଏହି ସକାଳ ଏଡିସନକୁ କାର୍ଯ୍ୟକ୍ଷମ କରିବା ପାଇଁ ଆଞ୍ଚଳିକ ସଂସ୍କରଣ ବି ବାହାର କରାଗଲା, ଯାହା ବି ବୋଧହୁଏ ଓଡ଼ିଶାର ଖବରକାଗଜ ଇତିହାସରେ ପ୍ରଥମ। ଆଜି ସମ୍ବାଦ ଗ୍ରୁପ୍ ଓଡିଶାର ଗଣମାଧମ କ୍ଷେତ୍ରରେ ଏକ ବିଶାଳ ବରଗଛ ପରି ଏହାର କାୟା ବିସ୍ତାର କରିପାରିଛି। ଏହାର ସମସ୍ତ ଶ୍ରେୟ ନିଶ୍ଚିତ ଭାବରେ ସୌମ୍ୟବାବୁଙ୍କର। ବ୍ରିଟିଶ୍ ସରକାରର ଅନ୍ୟାୟ, ଅତ୍ୟାଚାର ବିରୋଧରେ ଲେଖିବା, ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଆନ୍ଦୋଳନ ଓ ସେମାନଙ୍କ ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଥିଲା ସେତେବେଳର ଗଣମାଧମର ମୁଖ୍ୟ ଦାୟିତ୍ୱ। ସରକାରଙ୍କୁ ଲୋକଙ୍କ ସ୍ୱାର୍ଥକୁ ନେଇ ଓଡିଆଙ୍କ ସ୍ୱାର୍ଥକୁ ନେଇ ତେରେଛା ବାଣ ମାରିବାରେ କେବେହେଲେ ସୌମ୍ୟବାବୁ ସଙ୍କୋଚ କରି ନାହାନ୍ତି। ଏହା ହେଉଛି ପ୍ରକୃତ ସାମ୍ବାଦିକତା।

ତେଣୁ, କୁହାଯାଏ ଦାୟିତ୍ୱ ସମ୍ପନ୍ନ ଖବର କାଗଜ କେବେହେଲେ ସରକାରଙ୍କ ବନ୍ଧୁ ନୁହନ୍ତି, ସେମାନେ ହେଉଛନ୍ତି ଗଣତନ୍ତ୍ର ଏବଂ ସାଧାରଣ ଜନତାଙ୍କ ପ୍ରକୃତ ବନ୍ଧୁ। ବର୍ତ୍ତମାନ ଦେଶ ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଦେଶ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ସ୍ତରରେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଗତ ଏଗାର ବର୍ଷରେ ଭାରତ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସବୁ କ୍ଷେତ୍ରରେ ଅସାଧାରଣ ଭାବେ ପ୍ରଗତି କରିଛି। ଗତ ୧୧ ବର୍ଷରେ ଅର୍ଥନୈତିକ ବିକାଶର ଚିଠା ବହୁତ ଲମ୍ବା ସେହିପରି ଘରେ ଶୌଚାଳୟ ଟେ ହେଉ କିମ୍ବା ଏଲପିଜି ଗ୍ୟାସ ହେଉ, ତାହାକୁ ଏକ ଲଗଜୁରୀ (କ୍ଷଙ୍କଙ୍ଘଙ୍କକ୍ସଚ) ଭାବେ ଦେଖା ଯାଉଥିଲା। କିନ୍ତୁ, ମୋଦୀ ଜୀ ଶାସନ ଭାର ନେବାର ମାତ୍ର ଅଢେଇ ମାସ ଭିତରେ ଆରମ୍ଭ କରିଥିଲେ 'ସ୍ୱଚ୍ଛ ଭାରତ' ଲାଲକିଲ୍ଲାର ପ୍ରାଚୀରରୁ ୨୦୧୪ ମସିହାର ସ୍ୱାଧୀନତା ଦିବସ ଅବସରରେ । ମାତ୍ର ଦୁଇ ବର୍ଷ ଭିତରେ ଦେଶର ସବୁ ପରିବାରକୁ ଶୌଚଳୟ ଯୋଗାଇ ଦିଆ ଯାଇଥିଲା। ମୁଁ ପୂର୍ବରୁ କହିଛି ଯେ ସମ୍ବାଦପତ୍ର ହେଉଛି ସମାଜର ଦର୍ପଣ, ସାମ୍ବାଦିକ ହେଉଛନ୍ତି ସମାଜର କନସାଇନ୍ସ କିପର । ଆଜି ଏହି ଅବସରରେ ମୁଁ ଏହି ବିଶାଳ ପରିବାରର ପ୍ରତିଷ୍ଠାତା ସୌମ୍ୟବାବୁଙ୍କ ବିଷୟରେ ଆଉ ଦୁଇ ପଦ କହିବି। ଆମେ ସମସ୍ତେ ତାଙ୍କର ସାମ୍ବାଦିକତା ତଥା ଓଡ଼ିଶାର ସମ୍ବାଦପତ୍ର କ୍ଷେତ୍ରରେ ତାଙ୍କର ଅବଦାନ ବିଷୟରେ ଜାଣିଛନ୍ତି। କିନ୍ତୁ, ଆଉ କେତେ ଗୁଡିଏ କାର୍ଯ୍ୟ ଲୋକେ ବିଶେଷ ଧ୍ୟାନ ଦିଅନ୍ତି ନାହିଁ। ଏମିତି ଗୋଟିଏ ଗୁଣ ହେଲା ରାଜନୈତିକ ଭାଷ୍ୟକାର ଭାବେ ତାଙ୍କର ଓଜସ୍ୱୀ ଭାଷଣ ।

# ସୋଆ ଆଇଭିଏସ୍‌ଏଏଚ୍ ପକ୍ଷରୁ ବିଶ୍ୱ ପ୍ରାଣୀ ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): କେବଳ ଅସୁସ୍ଥ ପ୍ରାଣୀମାନଙ୍କର ଚିକିତ୍ସା କରିବା ଜଣେ ପ୍ରାଣୀ ଚିକିତ୍ସକଙ୍କ



କାର୍ଯ୍ୟ ନୁହେଁ ବରଂ ଗ୍ରାମୀଣ ଜୀବିକା ଏବଂ ଖାଦ୍ୟ ସୁରକ୍ଷାର ନିରାପତା ପ୍ରତି ଦୃଷ୍ଟି ଦେବା ମଧ୍ୟ ସେମାନଙ୍କର ଦାୟିତ୍ୱ ବୋଲି ଜାତୀୟ ପ୍ରାଣୀ ବିଜ୍ଞାନ ଏକାଡେମୀର ସଭାପତି ତଥା ନୂଆଦିଲ୍ଲୀ ଠାରେ ଅବସ୍ଥାପିତ କିର୍ଗିଜ୍ ରିପବ୍ଲିକ୍‌ର କନ୍‌ସଲ ଡକ୍ଟର ଡିଭିଆର ପ୍ରକାଶ ରାଓ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ୍ ହଜବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍), ଓଡ଼ିଶା ଲାଇଭ୍‌ଷ୍ଟକ ଡେଭେଲପମେଂଟ ସୋସାଇଟି (ଓଏଲ୍‌ଡିଏସ୍) ଓ ଓଡ଼ିଶା ଭେଟେରିନାରୀ କାଉନ୍‌ସିଲ୍‌ର ମିଳିତ ସହଯୋଗରେ ସୋଆ କ୍ୟାମ୍ପସ ୪ରେ ଆୟୋଜିତ ବିଶ୍ୱ ପ୍ରାଣୀ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ଡକ୍ଟର ରାଓ। ଏହି ଅବସରରେ ଆନିମଲ ହଜବ୍ୟାଣ୍ଡରୀ ଆଣ୍ଡ ଭେଟେରିନାରୀ ସାଇନ୍‌ସେସ୍ ବିଭାଗର ପୂର୍ବତନ ନିର୍ଦ୍ଦେଶକ ରତ୍ନାକର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୂଷଣ, ଜଙ୍ଗଲ କ୍ଷୟ ଏବଂ ଜଳବାୟୁ ପରିବର୍ତନ ଯୋଗୁଁ ଜଗତରୁ ପ୍ରାଣୀମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ବୋଲି କହିଥିଲେ। ଏଦିଗରେ ମାନବ ସମାଜ ଯତ୍ନବାନ ହୋଇ ପ୍ରାଣୀଙ୍କୁ ବଂଚାଇବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧକ୍ଷତା କରିଥିଲେ। ଓଏଲ୍‌ଡିଏସ୍‌ର ସମ୍ପାଦକ ଡକ୍ଟର ବି.କେ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ମେଲାଣି ନେଲେ ମା ଦୁର୍ଗା : ଇଗଲ କ୍ଲବ ଭସାଣୀ ଉତ୍ସବରେ ପାରମ୍ପରିକ ବାଦ୍ୟ ରେ ଦୁଲୁକିଲା ସହର

ଖୋର୍ଦ୍ଧା, (ସବ୍ୟୁ): ସରିଗଲା ଦୁର୍ଗା ପୂଜା । ଭକ୍ତଙ୍କ ଗହଣ ରୁ ବିଦାୟ ନେଇଛନ୍ତି ମା। ଖୋର୍ଦ୍ଧା ଇଗଲ କ୍ଲବ ଦ୍ୱାରା ଆୟୋଜିତ ସାର୍ବଜନୀନ ଦୁର୍ଗା କମିଟି ର ମଣ୍ଡପ ରେ ପୂଜା ପାଉଥିବା ଦୂର୍ଗତିନାସିନି ମା ଦୁର୍ଗା ଙ୍କ ର ଚାଲିଛି ଭସାଣୀ । ଅନୁଷ୍ଠାନ ର ସଭାପତି ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ହୋଇଛି ପୂଜା ଓ ଭସାଣି ଉତ୍ସବ। ଏହି ସାର୍ବଜନୀନ କମିଟି ରେ ଖୋର୍ଦ୍ଧା, ବେଗୁନିଆ ବୋଲଗଡ, ଭୁବନେଶ୍ୱର, ରାଜ୍ୟର ବିଭିନ୍ନ ପ୍ରାନ୍ତ, ରାଜ୍ୟ ବାହାରୁ ଆସିଥିବା ପ୍ରାୟ ୧୦୦୦ ରୁ ଉଦ୍ଧ୍ୱର୍ ସଭ୍ୟ ସାମିଲ ହୋଇଥିଲେ। ସେହିପରି ମା ଙ୍କର ଏହି ମେଲାଣି ଉତ୍ସବ ରେ ସାମିଲ ହୋଇଛନ୍ତି ସପତ୍ନୀକ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ। ଏଥିସହିତ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧକ୍ଷ ଅଭିଷେକ ସିଂ ସାମନ୍ତ ଙ୍କ ସମେତ ଖୋର୍ଦ୍ଧା,ବେଗୁନିଆ, ବୋଲଗଡ ର ସଭ୍ୟ ଙ୍କ ସମେତ ହଜାର ରୁ ଉର୍ଦ୍ଧ ସଭ୍ୟ ସାମିଲ ହୋଇ ଏକ ବିରାଟ ପଟୁଆରରେ ଇଗଲ କ୍ଲବ ଠାରୁ ବାହାରି ସହର ପରିକ୍ରମା କରି ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ସ୍ଥାନ ରେ ମା ଙ୍କୁ ବିସର୍ଜନ କରାଯାଇଛି ।

## ମହେନ୍ଦ୍ରଗିରିରେ ଫସିଥିବା ୨୪ ପର୍ଯ୍ୟଟକ ସୁରକ୍ଷିତ ଉଦ୍ଧାର

ପାରଳାଖେମୁଣ୍ଡି,(ସବ୍ୟ): ଗଜପତି ଜିଲ୍ଲାର ମହେନ୍ଦ୍ରଗିରି କୁ ଯିବା ରାସ୍ତାର କଇଁପୁର ଠାରୁ ବୁରୁଖତ ମଧ୍ୟରେ ପାହାଡ ଧସି ରାସ୍ତା ଅବରୋଧ ହେବା ଫଳରେ ବିଭିନ୍ନ ସ୍ଥାନରୁ ଆସିଥିବା ୨୪ ପର୍ଯ୍ୟଟକ ରାସ୍ତା ମଝିରେ ଫସି ରହିଥିଲେ । ଖବର ପାଇ ବିଳମ୍ବିତ ରାତିରେ ବନବିଭାଗ,ପୁଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଫସି ରହିଥିବା ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ବନ ବିଭାଗ ଅତିଥି ଭବନରେ ରଖିବା ସହ ସେମାନଙ୍କ ଖାଇବା ରହିବା ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା କରାଇଥିଲେ ।

# ଭାରତରେ ଆରମ୍ଭ ହେଲା ଏଚ୍‌ଆଣ୍ଡଏମ୍‌ର ସୌନ୍ଦର୍ଯ୍ୟ ଅବଧାରଣା

ଭୁବନେଶ୍ୱର, (ସବ୍ୟୁ) : ଏଚ୍‌ଆଣ୍ଡଏମ୍ କନସେପ୍ଟ ଭାରତରେ ପ୍ରଥମ ଥର ପାଇଁ ଏଚ୍‌ଆଣ୍ଡଏମ୍ ବିୟୁଟି କନସେପ୍ଟ ଆରମ୍ଭ କରିବା ପାଇଁ ଗର୍ବର ସହିତ ଘୋଷଣା କରିଛି । ଏହା ଫ୍ୟାଶନ ଏବଂ ଘରୋଇ ଅବଧାରଣା ବାହାରେ ସୌନ୍ଦର୍ଯ୍ୟ ମାଧ୍ୟମରେ ଆତ୍ମ ଅଭିବ୍ୟକ୍ତିକୁ ସଶକ୍ତ କରିବା ପାଇଁ ଏହାର ବ୍ରହ୍ମାଣ୍ଡକୁ ବିସ୍ତାର କରିବ । ଡେବ୍ୟୁ ଏକ କ୍ୟୁରେଟେଡ୍ ବିୟୁଟି ଲାଇନ୍-ଅପ୍ ଉପସ୍ଥାପନ କରେ ଯାହା ଟ୍ରେଣ୍ଡ-ପରିଚାଳିତ, ଅନ୍ତର୍ଭୁକ୍ତ ଏବଂ ଉପଲବ୍ଧ ଅଟେ । ଭୁବନେଶ୍ୱରର ଏସବିଏସପିଏଲ, ସହିଦ ନଗରରେ ଏହି ସଂଗ୍ରହ ଉପଲବ୍ଧ ହେବ । ଏହି ସଂଗ୍ରହ ମେକଅପ୍, ଏଚ୍‌ଆଣ୍ଡଏମ୍ ଉପକରଣରେ ୨୦୦ ରୁ ଅଧିକ ଉତ୍ପାଦ ପ୍ରଦାନ କରେ । ଏଚ୍‌ଆଣ୍ଡଏମ୍ ବିୟୁଟି କନସେପ୍ଟ ୨ ଅକ୍ଟୋବର ୨୦୨୫ ରୁ ଭାରତର ସମସ୍ତ ଏଚ୍‌ଆଣ୍ଡଏମ୍ ଷ୍ଟୋର୍ ଏବଂ ଏଚ୍‌ଏମ୍‌ଡଟ୍‌କମ୍‌ରେ ଅନଲାଇନରେ ଉପଲବ୍ଧ ହେବ । "ପ୍ରଥମ ଥର ପାଇଁ ଭାରତରେ ଏଚ୍‌ଆଣ୍ଡଏମ୍‌ର ବିୟୁଟି କନସେପ୍ଟ ଆଣି ଆମେ ଆନନ୍ଦିତ । ଏହି ଶୁଭାରମ୍ଭ ଆମ ଯାତ୍ରାରେ ଏକ ପ୍ରକୃତ ମାଇଲଖୁଂଟ, ଯାହାକୁ ଆମେ ଏଚ୍‌ଆଣ୍ଡଏମ୍ ଇଣ୍ଡିଆର ୧୦ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ଏହାକୁ ଆହୁରି ସ୍ୱତନ୍ତ୍ର କରାଯାଇଛି ।

## ପୋଲିସ୍ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

# ୧୫ ମାସରେ ୧୫ ପରୀକ୍ଷା ମହାଦୁର୍ନୀତି , ସିବିଆଇ ତଦନ୍ତ ହେଉ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ପୋଲିସ୍ ସବ୍‌ଇନ୍ସପେକଟର (ଏସଆଇ) ନିଯୁକ୍ତି ପରୀକ୍ଷାରେ ଯେଉଁଭଳି ବିଶାଳ ଦୁର୍ନୀତି ଦେଖା ଦେଇଛି, ତାହା ରାଜ୍ୟର ଯୁବଶକ୍ତିର ଆସ୍ଥାକୁ ଭାଙ୍ଗି ଦେଇଛି । ବର୍ଷକୁ ବର୍ଷ ଧରି ପରିଶ୍ରମ କରୁଥିବା ଯୁବକମାନେ ଆଜି ଅନ୍ୟାୟରେ ଅଭିଯୁକ୍ତ ହୋଇଛନ୍ତି, ଯେଉଁଥିରେ ମୁଖ୍ୟ ଦୁର୍ନୀତିକାରୀମାନେ ସ୍ୱାଧୀନ ଭାବେ ଘୁରୁଛନ୍ତି । ଏହାକୁ ନେଇ ଶନିବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଏହା ୨୫ ଲକ୍ଷ ଟଙ୍କାର ଡ଼ିଲ । ଯିଏ ଲାଞ୍ଚ ଦେଇକି ଚାକିରି କରିବ ସେ କଉଳି ଚାକିରୀ ସ୍ୱଚ୍ଛତାରେ କରିବ ବୋଲି ପ୍ରଶ୍ନ କରିଥିଲେ ।

ଅନ୍ୟତମ ପିସିସି ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ଓଡ଼ିଶାର ଯୁବକ ମାନଙ୍କୁ ଦାଦନ ଖଟିବାକୁ ବାଧ କରୁଛି ସରକାର । ଗରିବ, ଶ୍ରମିକଙ୍କ ପିଲାଙ୍କୁ ଚାକିରି ଦେବା ନାଁରେ ହଜାର ହଜାର କୋଟି ଲୁଟୁଛି ସରକାର । ରାଜ୍ୟରେ ୧୫ ମାସର ସରକାରରେ ୧୫ ଥର ପ୍ରଶ୍ନ ପତ୍ର



ଲିକ ହେବା ଦର୍ଶାଉଛି, ସରକାରୀ ମେଧାବୀ ଗରିବ ଯୁବକଙ୍କଠାରୁ ପରୀକ୍ଷା ଫି ବାବଦ କୋଟି କୋଟି ଟଙ୍କା ଆତ୍ମସାତ ବୋଲି କହିଥିଲେ । ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ପୋଲିସ ଦଲାଲଙ୍କ ଏଜେଣ୍ଟ ସମେତ ବସରେ ଥିବା ଧରି ବ୍ରହ୍ମପୁର ପୋଲିସକୁ ହସ୍ତାନ୍ତର କରିଥିଲା । କିନ୍ତୁ ଏଠି ଓଡ଼ିଶା ବିଜେପିର କିଛି ନେତା ଓଡ଼ିଶା ପୋଲିସର ସଫଳତା ବୋଲି ଡିଣ୍ଡିମ ପିଟିବା ହାସ୍ୟାସ୍ପଦ । ଦୁର୍ଭାଗ୍ୟର କଥା ପୋଲିସ ୧୪୪ ଜଣ ପରୀକ୍ଷାର୍ଥୀଙ୍କୁ ଅର୍ଥ ଦେବା ଅଭିଯୋଗରେ ଗିରଫ କରିଛି । ଆଶ୍ଚର୍ଯ୍ୟର କଥା ଏଥିରେ ଅବସରପ୍ରାପ୍ତ ଜେଲ ଡିଆଜିଙ୍କ ପୁଅ ଅମିୟ ବେହେରା ରହିଛି । ସେହିପରି ଛାତ୍ର ନେତା ତଥା ଅନ୍ୟତମ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର ରାଜ୍ୟରେ ନିଯୁକ୍ତି ଦୁର୍ନୀତି ଏକ ବ୍ୟବସାୟ ହେଇଯାଇଛି ଓ ଏହି ବ୍ୟବସାୟୀ ମାନଙ୍କୁ ସରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି କହିଛନ୍ତି । ସେ କହଛନ୍ତି ଉଭୟ ସରକାର ଓ ବର୍ତ୍ତମାନ ସରକାର ମିଳିଭଗତରେ ନିଯୁକ୍ତି ଦୁର୍ନୀତି ସହ ଲିପ୍ତ ଅଛନ୍ତି କାରଣ ଦଲାଲଙ୍କ ସହ ସରକାରୀ ନେତାଙ୍କ ଫଟୋ ଓ ବିଜେଡି ନେତାଙ୍କ ମାଲିକାନାରେ ଥିବା କୋଚିଂ ସେଣ୍ଟରରୁ ସର୍ବାଧିକ ପରୀକ୍ଷାର୍ଥୀ ଗିରଫ ହେଇଛନ୍ତିଛ ଆଜି ଯୋଉ ଦଲାଲଙ୍କ ନାଁ ସାମ୍ନାକୁ ଆସୁଛି , ସେମାନଙ୍କ ବାବଦରେ ଆମେ ଆଗରୁ ସତର୍କ କରାଇଥିଲେ ବି ସରକାର କାହିଁକି ନିରବଦ୍ରଷ୍ଟା ସାଜି ଚାକିରୀ ବିକ୍ରିକୁ ପ୍ରୋତ୍ସାହନ ଦେଇଥିଲେ କଂଗ୍ରେସ ମୁଖପାତ୍ର ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । କଂଗ୍ରେସର ଦାବି ଯେ ଏହା ଏକ ଅନ୍ତଃରାଜ୍ୟ ରାକେଟ୍ ତେଣୁ ତଦନ୍ତ ଭାର ସିବିଆଇକୁ ଦିଆଯାଉ । ପରୀକ୍ଷାର୍ଥୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଯାଉ । କ୍ଷତିପୂରଣ ଦେବାଯାଏ ମାସିକ ୨୦ ହଜାର ଭତ୍ତା ଦିଆଯାଉ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।

## ପୋଲିସ୍ ଏସ୍‌ଆଇ ନିଯୁକ୍ତି ପ୍ରସଙ୍ଗ

# ସିବିଆଇ ତଦନ୍ତ ଦାବିରେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର, (ସବ୍ୟୁ) ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାରେ ରାଜ୍ୟ ସରକାରଙ୍କର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଅଭିଯୋଗ କରି ସିବିଆଇ ତଦନ୍ତ ଦାବିରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବିଜୁ ଜନତା ଦଳ ଘୋଷଣା କରିଛି । ପୋଲିସ ବିଭାଗରେ ଏହି ଦୁର୍ନୀତି ହୋଇଥିବା ବେଳେ ପୋଲିସ ବିଭାଗର ଏକ ଅଂଶ ଭାବେ ରହିଥିବା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବା ଗ୍ରହଣୀୟ ନୁହେଁ ବୋଲି ବିଜୁ ଜନତା ଦଳ କହିଛି ।

ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡେଇ ଓ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା କେଳେଙ୍କାରୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଭୂମିକା ପ୍ରଶ୍ନବାଚୀ ହୋଇଛି ବୋଲି କହିଥିଲେ । ଶ୍ରୀ ଘଡେଇ କହିଥିଲେ, ଏହି ନିଯୁକ୍ତି ପରୀକ୍ଷାକୁ କରିବା ପାଇଁ ପ୍ରାଥମିକ ଭାବେ ଆଇଟିଆଇ ସଂସ୍ଥାକୁ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ, ଏହା ଦୁଇ ଦୁଇଟି ସଂସ୍ଥାକୁ ଆଉଟସୋର୍ସିଂ କରାଯାଇଥିଲା । ଏହି ଘଟଣାରେ ପୋଲିସ ଅଧିକାରୀ ମଧ୍ୟ ଅଭିଯୁକ୍ତ ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତରେ ନ୍ୟାୟ ମିଳିବା ନେଇ ସନ୍ଦେହ ରହିଛି । ତେଣୁ, ସିବିଆଇ ତଦନ୍ତ ଏକ ମାତ୍ର



ବିକଳ୍ପ । ଯଦି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଘଟଣାରେ ତାଙ୍କର ସ୍ୱଚ୍ଛତା ପ୍ରତିପାଦନ କରିବାକୁ ଚାହୁଁଛନ୍ତି, ତାହେଲେ ତୁରନ୍ତ ଏହି ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରନ୍ତୁ ବୋଲି ଶ୍ରୀ ଘଡ଼େଇ କହିଥିଲେ । ରାଜ୍ୟ ସରକାରଙ୍କ ଆଉଟସୋର୍ସିଂ ନୀତି ସ୍ପଷ୍ଟ ହେବା ଦରକାର । ଏହି ଘଟଣାରେ, ଓପିଆରବିର ଅଧକ୍ଷ ଓ ରାଜ୍ୟ ସରକାରଙ୍କ ଗୃହ ବିଭାଗର ସଚିବ ତଦନ୍ତ ପରିସରଭୁକ୍ତ ହେବା ଦରକାର । ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଆଜି ଏହି ଘଟଣାରେ ହତାଶ ହୋଇଛନ୍ତି ।

ଚିନ୍ମୟ ସାହୁ କହିଥିଲେ, ଚାକିରୀ ବିକ୍ରି ଘଟଣା ହେଉଛି ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ । ଚଳିତ ବର୍ଷ ମାର୍ଚ୍ଚ ୭ ଓ ୮ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଥିଲା । ପରୀକ୍ଷା ବାତିଲ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ କାରଣ ଦିଆଯାଇନଥିଲା । ବାସ୍ତବରେ, ଚାକିରୀ ବିକ୍ରି କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ଯୋଜନାର ଏହା ଥିଲା ଅୟମାରମ୍ଭ । ବିଜେପି ସଭାପତି ମନମୋହନ ସାମଲ ଗତ କାଲି ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ସାହୁ କହିଥିଲେ, ମଲମ ପର୍ଯ୍ୟାପ୍ତ ନୁହେଁ, ସର୍ଜରୀର ଆବଶ୍ୟକତା ରହିଛି ବୋଲି କହିଥିଲେ । ତେଣୁ, ବିଜେଡି ଏହାର ସିବିଆଇ ତଦନ୍ତ ଦାବି କରିଛି । ସୋମବାର ଅର୍ଥାତ ୬ ଅକ୍ଟୋବର ଦିନ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜଧାନୀ ଭୁବନେଶ୍ୱରରେ ଧାରଣା ଦିଆଯିବ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ ।

### କୌଶଳ ଦୀକ୍ଷାନ୍ତ ସମାରୋହ

# ଯୁବପିଢ଼ିଙ୍କ ସାମର୍ଥ୍ୟ ବୃଦ୍ଧି ଦ୍ୱାରା ଦେଶ ମଜବୁତ ହୁଏ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଦକ୍ଷତା ସମାବର୍ତ୍ତନ ସମାରୋହରେ ୬୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଯୁବ- ନ୍ଦ୍ରିକ ପଦକ୍ଷେପ ଆରମ୍ଭ କରିଛନ୍ତି। ଦେଶବ୍ୟାପୀ ଲକ୍ଷ ଲକ୍ଷ ଆଇଟିଆଇ ଛାତ୍ରଛାତ୍ରୀ, ବିହାରର ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ ଯେ, କିଛି ବର୍ଷ ପୂର୍ବେ ସରକାର ଆଇଟିଆଇ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଧରଣର ସମାବର୍ତ୍ତନ ସମାରୋହ ଆୟୋଜନ କରିବାର ଏକ ନୂତନ ପରମ୍ପରା ଆରମ୍ଭ କରିଥିଲେ। ସେ କହିଥିଲେ ଯେ ସେହି ପରମ୍ପରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଜିର ସମାରୋହ ଭାରତ ଦକ୍ଷତା ବିକାଶକୁ ଦେଇଥିବା ପ୍ରାଥମିକତାର ପ୍ରତୀକ । ସେ ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଦେଶବ୍ୟାପୀ ଯୁବପିଢ଼ିଙ୍କ ପାଇଁ ଦୁଇଟି ପ୍ରମୁଖ ପଦକ୍ଷେପ ଆରମ୍ଭ କରିବାର ଘୋଷଣା କରିଥିଲେ। ଶ୍ରୀ ମୋଦୀ ଘୋଷଣା କରିଥିଲେ ଯେ ୬୦ ହଜାର କୋଟି ଟଙ୍କାର ପିଏମ ସେତୁ ଯୋଜନା ଅଧୀନରେ, ଆଇଟିଆଇ ଗୁଡ଼ିକ ଏବେ ଶିଳ୍ପ ସହିତ ଅଧିକ ଘନିଷ୍ଠ ଭାବରେ ସଂଯୁକ୍ତ ହେବ। ସେ ଆହୁରି ମଧ୍ଯ କହିଥିଲେ ଯେ ଆଜି ଦେଶବ୍ୟାପୀ ନବୋଦୟ ବିଦ୍ୟାଳୟ ଏବଂ ଏକଲବ୍ୟ ମଡେଲ ସ୍କୁଲରେ ୧,୨୦୦ ଦକ୍ଷତା ପ୍ରୟୋଗଶାଳା ଉଦଘାଟନ କରାଯାଇଛି। ବିହାରରେ ଏକ ନୂତନ ଦକ୍ଷତା ତାଲିମ ବିଶ୍ୱବିଦ୍ୟାଳୟ ସ୍ଥାପନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ସୁବିଧାର ବିସ୍ତାର,



ଏକ ନୂତନ ଯୁବ ଆୟୋଗ ଗଠନ ଏବଂ ହଜାର ହଜାର ଯୁବକଙ୍କୁ ସ୍ଥାୟୀ ସରକାରୀ ଚାକିରି ପାଇଁ ନିଯୁକ୍ତି ପତ୍ର ପ୍ରଦାନ ଅନ୍ତର୍ଭୁକ୍ତ। ସେ କହିଥିଲେ ଯେ ଏହି ପଦକ୍ଷେପଗୁଡ଼ିକ ବିହାରର ଯୁବକମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରେ।

ବର୍ତ୍ତମାନ ଆଇଟିଆଇଗୁଡ଼ିକ ପ୍ରାୟ ୧୭୦ଟି ଟ୍ରେଡରେ ତାଲିମ ପ୍ରଦାନ କରନ୍ତି ଏବଂ ଗତ ୧୧ ବର୍ଷ ମଧ୍ୟରେ ୧୫ ନିୟୁତରୁ ଅଧିକ ଯୁବକ ଏହି ବିଷୟଗୁଡ଼ିକରେ ତାଲିମ ପାଇ ବିଭିନ୍ନ କ୍ଷେତ୍ରରେ ବୈଷୟିକ ଯୋଗ୍ୟତା ହାସଲ କରିଛନ୍ତି। ସେ ଗର୍ବର ସହ କହିଥିଲେ ଏହି ଦକ୍ଷତାଗୁଡ଼ିକ ସ୍ଥାନୀୟ ଭାଷାରେ ପ୍ରଦାନ କରାଯାଏ, ଯାହା ଦ୍ୱାରା ସହଜରେ ଭଲଭାବେ ବୁଝିହୁଏ । ଏହି ବର୍ଷ, ୧୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଖିଳ ଭାରତୀୟ ଟ୍ରେଡ୍ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମ ସମୟରେ ସେମାନଙ୍କ ମଧ୍ୟରୁ ୪୫ରୁ ଅଧିକଙ୍କୁ ସମ୍ମାନିତ କରିବାର ସୁଯୋଗ ପାଇଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏକ ଐତିହାସିକ ଯୁବ ବିକାଶ ପଦକ୍ଷେପରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ୬୨,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଯୁବ-କୈନ୍ଦ୍ରିକ ପଦକ୍ଷେପ ଆରମ୍ଭ କରିଛନ୍ତି, ଯାହା ସାରା ଦେଶରେ ଶିକ୍ଷା, ଦକ୍ଷତା ଏବଂ ଉଦ୍ୟୋଗକୁ ଏକ ନିର୍ଣ୍ଣାୟକ ପ୍ରୋତ୍ସାହନ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ସହିତ ଆୟୋଜିତ ଜାତୀୟ ଦକ୍ଷତା ସମାବର୍ତ୍ତନର ଚତୁର୍ଥ ସଂସ୍କରଣ, କୌଶଳ ଦୀକ୍ଷାନ୍ତ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ଶିଳ୍ପ ତାଲିମ ପ୍ରତିଷ୍ଠାନରୁ ୪୬ ଜଣ ସର୍ବଭାରତୀୟ ଟପ୍ପରଙ୍କୁ ସମ୍ମାନିତ କରାଯାଇଥିଲା।

ପ୍ରଧାନମନ୍ତ୍ରୀ ଏନଆଇଟି ପାଟନାର ବିହତା କ୍ୟାମ୍ପସକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ୬,୫୦୦ ଛାତ୍ରଛାତ୍ରୀଙ୍କ କ୍ଷମତା ସହିତ, କ୍ୟାମ୍ପସରେ ଉନ୍ନତ ସୁବିଧା ରହିଛି, ଯେଉଁଥିରେ ଏକ ୫ଜି ୟୁଜ୍ କେସ୍ ଲ୍ୟାବ୍, ଇସ୍ରୋ ସହଯୋଗରେ ପ୍ରତିଷ୍ଠିତ ଏକ ଆଞ୍ଚଳିକ ମହାକାଶ ଏକାଡେମିକ୍ କେନ୍ଦ୍ର ଏବଂ ଏକ ନବସୃଜନ ଏବଂ ଇନକ୍ୟୁବେସନ୍ କେନ୍ଦ୍ର ଅନ୍ତର୍ଭୁକ୍ତ, ଯାହା ପୂର୍ବରୁ ନଅଟି ଷ୍ଟାର୍ଟ-ଅପ୍ ସମର୍ଥନ କରିସାରିଛି। ପ୍ରଧାନମନ୍ତ୍ରୀ ବିହାର ସରକାରଙ୍କ ୪,୦୦୦ରୁ ଅଧିକ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ବାଳକ/ବାଳିକା ଛାତ୍ରବୃତ୍ତି ଯୋଜନା ଅଧୀନରେ ୯ମ ଏବଂ ୧୦ମ ଶ୍ରେଣୀର ୨୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସିଧାସଳଖ ଲାଭ ହସ୍ତାନ୍ତର ମାଧ୍ୟମରେ ୪୫୦ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରିଥିଲେ।

# ୩ ଦିନରେ ପିଇଦେଲେ ୭୦୦ କୋଟିର ମଦ

ନୂଆଦିଲ୍ଲୀ: ମା ଦୁର୍ଗାଙ୍କ ବିସର୍ଜନ ସୁରୁଖୁରୁରେ ସାରା ଦେଶରେ ସମ୍ପନ୍ନ ହୋଇଛି | ଦଶହରା ପାଇଁ ବୁଲାବୁଲି ସହ ମା'ଙ୍କ ଦର୍ଶନ ତ ଆପଣ କରିଥିବେ | ତେବେ ଆଜି ଆମେ ଆପଣଙ୍କୁ ଏମିତି ଏକ ଖବର କହିବୁ ଯାହା ଶୁଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ | ଖବରଟି ତେଲେଙ୍ଗାନାରୁ ଆସିଛି | ବାସ୍ତବରେ ତେଲେଙ୍ଗାନା ଅବକାରୀ ବିଭାଗ ଏବେ ଖୁସିରେ ଡେଉଁଛି | କାରଣ ଏତେ ମାତ୍ରାରେ ରାଜସ୍ୱ ଆଦାୟ ହୋଇଛି ଯେ ରାଜ୍ୟ ସରକାର ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛି | କଥାଟି କିଛି ଏମିତି | ତେଲେଙ୍ଗାନାରେ ଦଶହରା ପୂର୍ବ ୨ ଦିନ(ଅଷ୍ଟମୀ, ନବମୀ ଓ ଦଶମୀ) ରେ ସେଠାକାର ଲୋକ ୭୦୦ କୋଟି ଟଙ୍କାର ମଦ ପିଇଦେଇଛନ୍ତି |ଏହି ସଂଖ୍ୟା ଅବକାରୀ ବିଭାଗର ସବୁ ରେକର୍ଡକୁ ଭାଙ୍ଗିଦେଇଥିବାବେଳେ



ନିଶାମୁକ୍ତି ଅଭିଯାନ ପାଇଁ ଶକ୍ତ ଧକ୍କା ବୋଲି କୁହାଯାଉଛି | ମିଳିଥିବା ସୂଚନା ମୁତାବକ ସେପ୍ଟେମ୍ବର ୩୦ ତାରିଖରେ ରେକର୍ଡ ୩୩୩ କୋଟି ଟଙ୍କାର ମଦ ବିକ୍ରି ହୋଇଥିବାବେଳେ ଦୁଇ ଦିନରେ ମଧ୍ୟ ପ୍ରାୟ ୩୬୭ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା, ଯାହା ତିନି ଦିନରେ ମୋଟ ୬୯୭.୨୩ କୋଟି ଥିଲା। ଗତ ବର୍ଷ ସହିତ ତୁଳନା କଲେ ୨୦୨୪ ମସିହାରେ ଦଶହରାର ଆଠ ଦିନ ମଧ୍ୟରେ ବିକ୍ରି ୮୫୨.୩୮ କୋଟି ଟଙ୍କାର ମଦ ବିକ୍ରି ହୋଇଥିବାବେଳେ ଏହି ବର୍ଷ ମାତ୍ର ତିନି ଦିନରେ ସେଠାକାର ଲୋକ ୬୯୭ କୋଟି ଟଙ୍କାର ମଦ ପିଇଦେଇଛନ୍ତି | ଏହି ରେକର୍ଡ ବିକ୍ରୟ ମଧ୍ୟ ରାଜ୍ୟର ଅର୍ଥନୀତି ପାଇଁ ଏକ ମାଇଲଖୁଣ୍ଟ ପ୍ରମାଣିତ ହେଉଛି। ତେଲେଙ୍ଗାନାର ମଦ ରାଜସ୍ୱ, ଯାହା ୨୦୧୪ ମସିହାରେ ମାତ୍ର ୧୦୦୦୦ କୋଟି ଟଙ୍କା ଥିଲା, ଏବେ ୨୦୨୪-୨୫ ସୁଦ୍ଧା ୩୪୬୦୦ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

# ଭାରତ ଆସିବେ ବ୍ରିଟିଶ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ, ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର ଅକ୍ଟୋବର ୮-୯, ୨୦୨୫ ରେ ଭାରତ ଗସ୍ତରେ ଆସିବେ। ଏହା ବ୍ରିଟିଶ ପ୍ରଧାନମନ୍ତ୍ରୀ ଷ୍ଟାରମରଙ୍କ ପ୍ରଥମ ସରକାରୀ ଭାରତ ଗସ୍ତ ହେବ। ଅକ୍ଟୋବର ୯ ରେ, ମୁମ୍ବାଇରେ, ଦୁଇ ପ୍ରଧାନମନ୍ତ୍ରୀ ଭାରତ-ୟୁକେ ବ୍ୟାପକ ରଣନୈତିକ ସହଭାଗୀତାର ପ୍ରଗତି ସମୀକ୍ଷା କରିବେ। ଏହି ସହଭାଗୀତା "ଭିଜନ ୨୦୩୫" ର ଢାଞ୍ଚା ଅଧୀନରେ, ଯାହା ବାଣିଜ୍ୟ ଏବଂ ନିବେଶ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ, ପ୍ରତିରକ୍ଷା ଏବଂ ସୁରକ୍ଷା, ଜଳବାୟୁ ଏବଂ ଶକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଲୋକ-ଲୋକ ସମ୍ପର୍କ ଭଳି ବିଭିନ୍ନ କ୍ଷେତ୍ରରେ ଆଗାମୀ ୧୦ ବର୍ଷ ପାଇଁ କାର୍ଯ୍ୟ ପାଇଁ ଏକ ଢାଞ୍ଚା ରୂପରେଖା ପ୍ରଦାନ କରେ।

ଦୁଇ ନେତା ଶିଳ୍ପ ନେତା ଏବଂ ବ୍ୟବସାୟ ନେତାଙ୍କ ସହିତ ଭାରତ-ୟୁକେ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତି (ସିଇଟିଏ) ଅନ୍ତର୍ଗତ ସୁଯୋଗ ବିଷୟରେ ମଧ୍ୟ ଆଲୋଚନା କରିବେ। ସେମାନେ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ ଷ୍ଟାରମର ମୁମ୍ବାଇରେ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟର ୬ ତମ ସଂସ୍କରଣରେ ଯୋଗଦେବେ ଏବଂ ମୁଖ୍ୟ ଭାଷଣ ଦେବେ। ସେଠାରେ, ସେମାନେ ଶିଳ୍ପ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ନବସୃଜନକାରୀଙ୍କ ସହିତ ସାକ୍ଷାତ କରିବେ।

# କ୍ଲାସ ଚାଲିଥିବା ସମୟରେ କୋଚିଂ ସେଣ୍ଟରରେ ବିସ୍ଫୋରଣ: ୨ ଛାତ୍ରଙ୍କ ମୃତ୍ୟୁ




ନୂଆଦିଲ୍ଲୀ: ଉତ୍ତରପ୍ରଦେଶର ଫାରୁଖାବାଦରେ ଏକ ବଡ଼ ବିସ୍ଫୋରଣ ଘଟିଛି। ଏକ କୋଚିଂ ସେଣ୍ଟରରେ କ୍ଲାସ ଚାଲିଥିବା ସମୟରେ ବିସ୍ଫୋରଣ ଘଟି ଦୁଇ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି, ଯେତେବେଳେ ଜଣେ ଛାତ୍ରୀଙ୍କ ସମେତ ଅନ୍ୟ ପାଞ୍ଚ ଜଣ ଗୁରୁତର ଆହତ ହୋଇଛନ୍ତି। ବିସ୍ଫୋରଣର ଶବ୍ଦ ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା |

ମିଳିଥିବା ସୂଚନା ମୁତାବକ ସାତାନପୁର ମଣ୍ଡି ରୋଡର କଟିଆର କୋଲ୍ଡ ଷ୍ଟୋରେଜ୍ ନିକଟରେ ଥିବା ସନ୍ କ୍ଲାସେସ୍ କୋଚିଂ ସେଣ୍ଟରରେ ଆଜି ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ କୋଚିଂ ସେଣ୍ଟର ଥିବା କୋଠାଟି ଥରି ଉଠିଲା। ବିସ୍ଫୋରଣ ଏତେ ଜୋରରେ ହୋଇଥିଲା ଯେ ପାର୍କିଂ ହୋଇଥିବା ବାଇକଗୁଡିକ କ୍ଷତିଗ୍ରସ୍ତ ହେବା ସହ କ୍ଲାସରୁମର ସିଲିଂ ଭାଙ୍ଗିଯାଇଥିଲା | ଘଟଣାସ୍ଥଳରେ ୨୬ ବର୍ଷୀୟ ଆକାଶ ସକ୍ସେନାଙ୍କ ମୃତ୍ୟୁ ହୋଇଥିଲା। କୋଚିଂ ସେଣ୍ଟରରେ ପଢୁଥିବା ଛାତ୍ରୀ ଏବଂ ଅନ୍ୟ ପାଞ୍ଚ ଜଣ ଛାତ୍ର ଗୁରୁତର ଆହତ ହୋଇଥିଲେ।

ଅନ୍ୟ ଆହତମାନଙ୍କୁ ଡକ୍ଟର ରାମ ମନୋହର ଲୋହିଆ ହସ୍ପିଟାଲକୁ ନିଆଯାଇଥିଲା। ୨୫ ବର୍ଷୀୟ ଆକାଶ କଶ୍ୟପ ଏବଂ ୧୧ ବର୍ଷୀୟ ରିଦମ ଯାଦବଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ହସ୍ପିଟାଲକୁ ରେଫର କରାଯାଇଥିଲା। କାନପୁର ନେବା ସମୟରେ କମଲଗଞ୍ଜ ନିକଟରେ ଆକାଶ କଶ୍ୟପଙ୍କରର ମୃତ୍ୟୁ ହୋଇଥିଲା। ଜିଲ୍ଲାପାଳ ଆଶୁତୋଷ କୁମାର ଦ୍ୱିବେଦୀ ଏବଂ ପୋଲିସ ଅଧୀକ୍ଷକ ଆରତୀ ସିଂହ ଘଟଣାସ୍ଥଳରେ ପହଂଚି ଆହତ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିବାବେଳେ ଘଟଣାସ୍ଥଳରୁ ବାରୁଦର ଗନ୍ଧ ବାହାରୁଥିଲା। କଣ ପାଇଁ ବିସ୍ଫୋରଣ ହେଲା ତାହାର କାରଣ ତଦନ୍ତ କରାଯାଉଛି।

# ବିହାର ନିର୍ବାଚନ ପୂର୍ବରୁ ଉପହାର ବର୍ଷା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଯୁବପିଢ଼ି ଏବଂ ଶିକ୍ଷା ସହିତ ଜଡିତ ଅନେକ ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିବାର ଘୋଷଣା କରିଛନ୍ତି। ଏହି ଯୋଜନାଗୁଡ଼ିକ ପାଇଁ ମୋଟ ୬୨ ହଜାର କୋଟିରୁ ଅଧିକ ଖର୍ଚ୍ଚ ହେବ। ଏହି ଯୋଜନାଗୁଡ଼ିକ ଛାତ୍ରମାନଙ୍କ ଶିକ୍ଷା, ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ତେବେ ବିହାର ପାଇଁ ମୋଦିଙ୍କ ପ୍ରମୁଖ ଘୋଷଣା ମଧ୍ୟରେ ମୁଖ୍ୟ ଆକର୍ଷଣ ରହିଛି, ମୁଖ୍ୟମନ୍ତ୍ରୀ ସ୍ୱୟଂ ସହାୟକ ଭତ୍ତା ଯୋଜନା, ଯେଉଁଥିରେ ପ୍ରତିବର୍ଷ ୫ ଲକ୍ଷ ସ୍ନାତକ ଯୁବକଙ୍କୁ ୨ ବର୍ଷ ପାଇଁ ୧୦୦୦ ମାସିକ ଭତ୍ତା ଏବଂ ମାଗଣା ଦକ୍ଷତା ତାଲିମ ଦିଆଯିବ । ସେହିପରି ବିହାର ଛାତ୍ର କ୍ରେଡିଟ୍ କାର୍ଡ ଯୋଜନା (ନୂତନ ଫର୍ମ), ଯେଉଁଥିରେ ଛାତ୍ରମାନଙ୍କ ପାଇଁ ୪ ଲକ୍ଷ ପର୍ଯ୍ୟନ୍ତ ସୁଧମୁକ୍ତ ଶିକ୍ଷା ଋଣ ରହିଛି । ପୂର୍ବରୁ ଏହି ସ୍କିମରେ ଏପର୍ଯ୍ୟନ୍ତ ୩.୯୨ ଲକ୍ଷ ଛାତ୍ର ୭୮୮୦ କୋଟି ଟଙ୍କାର ଋଣ ପାଇଛନ୍ତି। ଏଥିସହିତ ରହିଛି ବିହାର ଯୁବ କମିଶନ, ଯେଉଁଥିରେ ୧୮ରୁ ୪୫ ବର୍ଷ ବୟସର ଯୁବକମାନଙ୍କ ପାଇଁ ସେମାନଙ୍କ ପ୍ରତିଭାର ଉପଯୁକ୍ତ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ଏକ କମିଶନ ଗଠନ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଏହି ଯୋଜନାଗୁଡ଼ିକ ଘୋଷଣା କରିବାରେ ବିହାରର ଯୁବକମାନଙ୍କ ବିଷୟରେ ବିଶେଷ ଭାବରେ ଉଲ୍ଲେଖ କରିଥିଲେ। ବିହାର ନିର୍ବାଚନ ପୂର୍ବରୁ ଏହି ଯୋଜନାଗୁଡ଼ିକର ଘୋଷଣା ରଣନୈତିକ ଗୁରୁତ୍ୱ ମଧ୍ୟ ରଖେ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଅଭିଭାଷଣରେ ବିହାର ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ ଏବେ ରାଜ୍ୟର ଯୁବକମାନଙ୍କୁ ରୋଜଗାର ପାଇଁ ବାହାରକୁ ଯିବାକୁ ପଡ଼ିବ ନାହିଁ। ବିହାରରେ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଦକ୍ଷତାର ସହିତ କାର୍ଯ୍ୟକାରୀ କରାଯାଉଛି, ଏବଂ ଯୁବକମାନେ ଏଥିରୁ ଲାଭ ପାଉଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଯୋଜନାଗୁଡ଼ିକର ଘୋଷଣା ନିର୍ବାଚନୀ ରଣନୀତିକୁ ମଧ୍ୟ ପ୍ରଭାବିତ କରିପାରେ।

ପ୍ରଧାନମନ୍ତ୍ରୀ ମୋଦି ଆରଜେଡିର ଶାସନ ଉପରେ ଆକ୍ରମଣ କରି କହିଛନ୍ତି, "ଅଢ଼େଇ ଦଶନ୍ଧି ପୂର୍ବେ ଶିକ୍ଷା ବ୍ୟବସ୍ଥାର ଭୟଙ୍କର ଅବସ୍ଥା ବିଷୟରେ ଆପଣ ଜାଣି ନାହାଁନ୍ତି। ବିହାରରେ ଶିକ୍ଷା ବ୍ୟବସ୍ଥା ଧ୍ୱଂସପ୍ରାପ୍ତ ହୋଇଥିଲା। ସ୍କୁଲ ଖୋଲା ନଥିଲା କିମ୍ବା ଛାତ୍ରଛାତ୍ରୀମାନେ ପଢ଼ି ନଥିଲେ। ପିଲାମାନଙ୍କୁ ବିହାର ଛାଡିବାକୁ ପଡିଥିଲା। ପ୍ରକୃତ ପ୍ରବାସ ଏହିଠାରୁ ଆରମ୍ଭ ହୋଇଥିଲା। ଯେଉଁ ଗଛର ମୂଳ ପୋକ ଦ୍ୱାରା ଆକ୍ରାନ୍ତ, ତାହାକୁ ପୁନର୍ଜୀବିତ କରିବା ପାଇଁ ବହୁତ କଠିନ ପରିଶ୍ରମ କରିବାକୁ ପଡିଥାଏ। ଆରଜେଡି ଶାସନ ସମୟରେ ବିହାର ସମାନ ପୋକ ଦ୍ୱାରା ଆକ୍ରାନ୍ତ ହୋଇଥିଲା। ନୀତିଶ କୁମାରଙ୍କ ସହିତ ମିଶି ଆମେ ବିହାରକୁ ପୁନର୍ବାର ଟ୍ରାକକୁ ଆଣିଥିଲୁ।" ବୋଲି ମୋଦି କହିଛନ୍ତି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, "ଆରଜେଡି ଏବଂ କଂଗ୍ରେସର ଶାସନ ତୁଳନାରେ, ବିହାର ଶିକ୍ଷା କ୍ଷେତ୍ରରେ ବହୁତ ପ୍ରଗତି କରିଛି। ନିକଟରେ, କେନ୍ଦ୍ର ସରକାର ବିହାର ପାଇଁ ୧୯ ଟି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଘୋଷଣା କରିଛନ୍ତି। ବିହାରରେ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡା ଇଭେଣ୍ଟ ଅନୁଷ୍ଠିତ ହେଉଛି। ବିହାରର ଯୁବକମାନଙ୍କୁ ୧୦ ଲକ୍ଷ ସ୍ଥାୟୀ ସରକାରୀ ଚାକିରି ଦିଆଯାଇଥିଲା।"

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଉପହାର ବର୍ଷା କରିଥିଲେ, କହିଥିଲେ ଯେ ଏହି ଯୋଜନାଗୁଡ଼ିକ ବିହାରର ଯୁବକମାନଙ୍କ ପାଇଁ ପ୍ରଗତି ପାଇଁ ନୂତନ ରାସ୍ତା ଖୋଲିବ। ଏନଡିଏ ସରକାର ସମୟରେ ବିହାରର ୫୦ ଲକ୍ଷ ଯୁବକ ନିଯୁକ୍ତି ସୁଯୋଗ ପାଇଛନ୍ତି।

ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ଏନ୍ଆଇଟି ପାଟନାର ନୂତନ କ୍ୟାମ୍ପସ୍ ମଧ୍ୟ ଦେଶକୁ ଉତ୍ସର୍ଗ କରିଛନ୍ତି। ବିହଟାରେ ନିର୍ମିତ ଏହି କ୍ୟାମ୍ପସ୍ ଆଧୁନିକ ସୁବିଧାରେ ସଜ୍ଜିତ ହେବ। କ୍ୟାମ୍ପସ୍ରେ ୬,୫୦୦ ଛାତ୍ରଛାତ୍ରୀଙ୍କ ପାଇଁ ଏକ ହଷ୍ଟେଲ୍ କମ୍ପ୍ଲେକ୍ସ ମଧ୍ୟ ରହିବ। ଏକ ୫ଜି ପ୍ରୟୋଗଶାଳା, ।ଏସ୍ଆରଓ ସହଯୋଗରେ ଏକ ମହାକାଶ ଗବେଷଣା କେନ୍ଦ୍ର ଏବଂ ଏକ ନବସୃଜନ କେନ୍ଦ୍ର ମଧ୍ୟ ଏଠାରେ ନିର୍ମାଣ କରାଯିବ। ଏପର୍ଯ୍ୟନ୍ତ, ନଅଟି ଷ୍ଟାର୍ଟଅପ୍ କ୍ୟାମ୍ପସ୍ ନିର୍ମାଣରେ ସେମାନଙ୍କର ସହଯୋଗ ଘୋଷଣା କରିଛନ୍ତି।

# ମୁଁ କାହାକୁ ଶତ୍ରୁ ବୋଲି ଭାବେ ନାହିଁ: ଉଦ୍ଧବ

ନୂଆଦିଲ୍ଲୀ: ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଦେବେନ୍ଦ୍ର ଫଡନଭିସଙ୍କୁ "ଅସହାୟ" ମୁଖ୍ୟମନ୍ତ୍ରୀ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଫଡନଭିସ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବ୍ୟାପକ ଦୁର୍ନୀତିକୁ ରୋକିବାରେ ବିଫଳ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଫଡନଭିସଙ୍କୁ ଟାର୍ଗେଟ କରି ସେ କହିଛନ୍ତି, "ମୁଁ କାହାକୁ ଶତ୍ରୁ ମାନୁନାହିଁ, ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ନୁହେଁ। କିନ୍ତୁ ରାଜ୍ୟର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, (ବିଜେପି ନେତୃତ୍ୱାଧୀନ ମହାୟୁତି) ଏକ ପ୍ରଚଣ୍ଡ ବହୁମତ ସତ୍ତ୍ୱେ, ମୁଖ୍ୟମନ୍ତ୍ରୀ ଅସହାୟ ଦେଖାଯାଉଛନ୍ତି। ଅନେକ ଦୁର୍ନୀତି ମାମଲା ସତ୍ତ୍ୱେ, ମୁଖ୍ୟମନ୍ତ୍ରୀ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅସହାୟ ଦେଖାଯାଉଛନ୍ତି।" ନିର୍ବାଚନ ହେବାକୁ ଥିବା ରାଜ୍ୟ ବିହାରରେ ବିଭିନ୍ନ କଲ୍ୟାଣକାରୀ ଯୋଜନା ଘୋଷଣାକୁ ଉଦ୍ଧୃତ କରି, ଠାକରେ କେନ୍ଦ୍ର ସରକାରଙ୍କୁ ମହାରାଷ୍ଟ୍ରର ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇବାକୁ ଅପିଲ କରିଥିଲେ। ଉଦ୍ଧବ ଠାକରେ ପୁଣେରେ ମହିଳା ଏବଂ ଶିବସେନା (UBT) କର୍ମୀଙ୍କ ସଭାକୁ ସମ୍ବୋଧିତ କରିଥିଲେ। ସେ ଗଣମାଧ୍ୟମ ସହିତ ମଧ୍ୟ ଆଲୋଚନା କରିଥିଲେ। ପୁଣେ ୟୁନିଅନ ଅଫ୍ ୱାର୍କିଂ ଜର୍ଣ୍ଣାଲିଷ୍ଟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଠାକରେ ଏହା ମଧ୍ୟ କହିଥିଲେ ଯେ ଶିବସେନା (UBT)କୁ ଭାରତୀୟ ଜନତା ପାର୍ଟିର ହିନ୍ଦୁତ୍ୱ ଉପରେ ପ୍ରମାଣପତ୍ରର ଆବଶ୍ୟକତା ନାହିଁ, ଯାହା "ଦେଶ ଭିତରେ ପ୍ରାଚୀର ନିର୍ମାଣ କରୁଛି।"

# ୭-୧୫ ବର୍ଷ ବୟସର ପିଲାଙ୍କ ଆଧାର ସଂଶୋଧନ ଦେୟ ଛାଡ଼

ନୂଆଦିଲ୍ଲୀ: ଭାରତୀୟ ଏକକ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଏକ ଲୋକାଭିମୁଖୀ ପଦକ୍ଷେପ ସ୍ୱରୂପ, ବାଧ୍ୟତାମୂଳକ ବାୟୋମେଟ୍ରିକ୍ ସଂଶୋଧନ (ଏମବିୟୁ-1) ପାଇଁ ସମସ୍ତ ଦେୟ ଛାଡ଼ କରିଛି, ଯାହା ପ୍ରାୟ 6 କୋଟି ପିଲାଙ୍କୁ ଲାଭ ଦେବ ବୋଲି ଆଶା କରାଯାଉଛି।

ଏହି ବୟସ ବର୍ଗ ପାଇଁ ଏମବିୟୁ ଶୁଳ୍କ ଛାଡ଼ 1 ଅକ୍ଟୋବର 2025ରୁ ଲାଗୁ ହୋଇସାରିଛି ଏବଂ ଏହା ଗୋଟିଏ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ପାଞ୍ଚ ବର୍ଷରୁ କମ୍ ବୟସର ପିଲା ଫଟୋ, ନାମ, ଜନ୍ମ ତାରିଖ, ଲିଙ୍ଗ, ଠିକଣା ଏବଂ ଜନ୍ମ ପ୍ରମାଣପତ୍ର ପ୍ରଦାନ କରି ଆଧାର ପାଇଁ ପଞ୍ଜୀକରଣ କରିଥାନ୍ତି। ଆଧାର ପଞ୍ଜୀକରଣ ପାଇଁ ପାଞ୍ଚ ବର୍ଷରୁ କମ୍ ବୟସର ପିଲାଙ୍କ ଆଙ୍ଗୁଠି ଛାପ ଏବଂ ଆଇରିସ୍




ବାୟୋମେଟ୍ରିକ୍ସ ଗ୍ରହଣ କରାଯାଏ ନାହିଁ କାରଣ ଏହି ବୟସରେ ଏଗୁଡ଼ିକ ପରିପକ୍ୱ ହୋଇନଥାଏ। ପ୍ରଚଳିତ ନିୟମ ଅନୁଯାୟୀ, ପିଲାଟି ପାଞ୍ଚ ବର୍ଷ ବୟସରେ ପହଞ୍ଚିବ । ପରେ ତା'ର ଆଧାରରେ ଆଙ୍ଗୁଠି ଛାପ, ଆଇରିସ୍ ଏବଂ ଫଟୋ ସଂଶୋଧନ କରିବା ବାଧ୍ୟତାମୂଳକ।

ଏହାକୁ ପ୍ରଥମ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ସଂଶୋଧନ (ଏମବିୟୁ-1) କୁହାଯାଏ। ସେହିପରି, ଜଣେ ପିଲା 15 ବର୍ଷ ବୟସରେ ପହଞ୍ଚିବା ପରେ ପୁଣି ଥରେ ବାୟୋମେଟ୍ରିକ୍ସ ସଂଶୋଧନ କରିବାକୁ ବାଧ୍ୟ, ଯାହାକୁ ଦ୍ୱିତୀୟ ସଂଶୋଧନ ବା ଏମବିୟୁ- 2 କୁହାଯାଏ। ପ୍ରଥମ ଏବଂ ଦ୍ୱିତୀୟ ଏମବିୟୁ ଯଦି ଯଥାକ୍ରମେ 5-7 ଏବଂ 15-17 ବର୍ଷ ବୟସ ମଧ୍ୟରେ କରାଯାଏ, ତେବେ ଏହା ମାଗଣାରେ ହୋଇଥାଏ। ଏହା ପରେ, ପ୍ରତି ଏମବିୟୁ ପାଇଁ 125/- ଟଙ୍କାର ଏକ ନିର୍ଦ୍ଧାରିତ ଶୁଳ୍କ ଆଦାୟ କରାଯାଏ। ଏହି ନିଷ୍ପତ୍ତି ସହିତ

ଏମବିୟୁ ବର୍ତ୍ତମାନ 5-17 ବର୍ଷ ବୟସର ସମସ୍ତ ପିଲାଙ୍କ ପାଇଁ ମାଗଣା ହେବ। ସଂଶୋଧିତ ବାୟୋମେଟ୍ରିକ୍ ସହିତ ଆଧାର ସହଜ ଜୀବନଯାପନକୁ ସୁଗମ କରିଥାଏ । ସ୍କୁଲ ନାମଲେଖା, ପ୍ରବେଶିକା ପରୀକ୍ଷା ପାଇଁ ପଞ୍ଜୀକରଣ, ଛାତ୍ରବୃତ୍ତିର ଲାଭ, ଡିବିଟି (ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର) ଯୋଜନା, ଇତ୍ୟାଦି ସେବା ପାଇବାରେ ଆଧାରର ସୁଗମ ବ୍ୟବହାର ସୁନିଶ୍ଚିତ କରିଥାଏ। ପିତାମାତା/ଅଭିଭାବକମାନଙ୍କୁ ପ୍ରାଥମିକତାରେ ଆଧାରରେ ସେମାନଙ୍କ ପିଲାର ବାୟୋମେଟ୍ରିକ୍ସ ସଂଶୋଧନ କରିବାକୁ ପରାମର୍ଶ ଦିଆଯାଉଛି।

# ଜାପାନ ଇତିହାସରେ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ଜଣେ ମହିଳା

ଟୋକିଓ: ଜାପାନ ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ଜାପାନର ଶାସକ ଲିବରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି) ସାନାଏ ତାକାଇଚିଙ୍କୁ ନୂତନ ନେତା ଭାବରେ ମନୋନୀତ କରିଛି। ଯାହା ଫଳରେ ସେ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବୋଲି ଆଶା କରାଯାଉଛି।

ଏପରିକି ଦେଶର ଇତିହାସରେ ପ୍ରଥମ ମହିଳା ଭାବରେ ନେତୃତ୍ୱ ନେବେ। ଶନିବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟିଂରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜୁନିଚିରୋ କୋଇଜୁମିଙ୍କ ପୁଅ ସିଞ୍ଜିରୋ କୋଇଜୁମିଙ୍କୁ ତାକାଇଚି ପରାଜିତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପାଞ୍ଚ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ କେହି ବହୁମତ ହାସଲ କରିପାରି ନାହାଁନ୍ତି।

୬୪ ବର୍ଷୀୟ ସାନାଏ ତାକାଇଚି ପୂର୍ବରୁ ଦେଶର ଅର୍ଥନୈତିକ ସୁରକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ଏବଂ ଜାପାନର ଶାସକ ଦଳ ଏଲ୍‌ଡିପିର ଦକ୍ଷିଣପନ୍ଥୀ ଗୋଷ୍ଠୀର ସଦସ୍ୟ। ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଚୟନ କରିବା ପାଇଁ ସଂସଦରେ ଅକ୍ଟୋବର ୧୫ରେ ଭୋଟିଂ ହେବ ବୋଲି ଆଶା କରାଯାଉଛି।

ସେ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସତ୍ତା ବଦଳାଇବେ ବୋଲି ଆଶା କରାଯାଉଛି। କାରଣ ଏଲ୍‌ଡିପି ସଂସଦରେ ସବୁଠାରୁ ବଡ଼ ଦଳ ହୋଇରହିଛି। ତେବେ ସାମ୍ପ୍ରତିକ ନିର୍ବାଚନ ପରେ କୌଣସି ଗୃହରେ ଏଲ୍‌ଡିପି ନେତୃତ୍ୱାଧୀନ ମେଣ୍ଟର ସଂଖ୍ୟାଗରିଷ୍ଠତା ନାହିଁ। ଏପରିସ୍ଥଳେ ଶାସନ କରିବା ପାଇଁ ଦଳକୁ ବିରୋଧୀ ବିଧାୟକଙ୍କ ସମର୍ଥନ ଆବଶ୍ୟକ ପଡିପାରେ।

# ବିଏସଏନଏଲ୍‌ର ରୌପ୍ୟ ଜୟନ୍ତୀ ଉତ୍ସବ

ନୂଆଦିଲ୍ଲୀ : ଅକ୍ଟୋବର ୧ ତାରିଖରେ ବିଏସଏନଏଲରେ ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ, ବିଏସଏନଏଲ୍ ଓଡ଼ିଶା ଟେଲିକମ୍ ସର୍କଲ୍ ରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା, ସଚେତନତା ରାଲି, ସ୍କୁଲ ପିଲାମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା, ରକ୍ତଦାନ ଶିବିର ଇତ୍ୟାଦି ମାଧ୍ୟମରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀ ବିଶାଳ ଦେବ, ଆଇଏସ୍, ଇ ଏବଂ ଆଇଟି ବିଭାଗ, ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବ, ଶ୍ରୀ ଦୁଷ୍ମନ୍ତ କୁମାର ବେହେରା, ଆଇଟିଏସ୍, ସିଜିଏମ ବିଏସଏନଏଲ୍, ଓଡିଶା ପରିମଣ୍ଡଳ, ଶ୍ରୀ ମୁରଲୀ କ୍ରିଷ୍ଣା, ଅତିରିକ୍ତ ଡିଜି, ଟେଲିକମ୍ ଓଡ଼ିଶା, ଶ୍ରୀ କେ ବିନୋଦ, ସିସିଏ ଓଡ଼ିଶା ଏବଂ ବିଏସଏନଏଲ୍, ଦୂରସଞ୍ଚାର ବିଭାଗ, ସିସିଏର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ୧ ଅକ୍ଟୋବର ୨୦୦୦ ରେ ବିଏସଏନଏଲ୍ ପ୍ରତିଷ୍ଠା ହେବା ପରଠାରୁ ଦେଶ ୨୫ ବର୍ଷର ଉତ୍ସର୍ଗୀକୃତ ସେବାକୁ ପାଳନ କରିଛି ।

ଏହି ରୌପ୍ୟ ଜୟନ୍ତୀ ସପ୍ତାହରେ, ପ୍ରଧାନମନ୍ତ୍ରୀ ସେପ୍ଟେମ୍ବର ୨୭ ତାରିଖରେ ଓଡ଼ିଶାର ଝାରସୁଗୁଡାରୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ପ୍ରାୟ ୧ ଲକ୍ଷ ବିଏସଏନଏଲ୍ ୪ଜି ନେଟୱାର୍କ ସାଇଟର ଶୁଭାରମ୍ଭ କରିଥିଲେ । ଏହି ୪ଜି ସେବା, C-DoT କୋର୍, ତେଜସ୍ ନେଟୱାର୍କସ୍ ଏବଂ ଟାଟା କନସଲଟାନ୍ସି ସର୍ଭିସେସ୍ ଦ୍ୱାରା ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ହୋଇଛି ଯାହା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଥିଲା ।

ବିଏସଏନଏଲ୍ ୪ଜି ନେଟୱାର୍କର ଦେଶବ୍ୟାପୀ ଶୁଭାରମ୍ଭ ସମ୍ପୂର୍ଣ୍ଣ "ଆତ୍ମନିର୍ଭର" ୪ଜି ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏବଂ ଏହି ସଫ୍ଟୱେର୍ ୫ଜି କୁ ସହଜରେ ଉନ୍ନିତ ହୋଇପାରିବ




। ଏହା କେବଳ ଏହାର ପୁରୁଣା ଗ୍ରାହକମାନଙ୍କୁ ନୁହେଁ ବରଂ ଡିଜିଟାଲ୍ ଦୁନିଆ ସହିତ କେବେ ସଂଯୋଗ ହୋଇନଥିବା ଲକ୍ଷାଧିକ ଗ୍ରାହକମାନଙ୍କୁ ଦ୍ରୁତ ଗତିସମ୍ପନ୍ନ ମୋବାଇଲ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରିବ । ଡିବିଏନ୍ (ଡିଜିଟାଲ୍ ଭାରତ ନିଧି – ଯାହା ପୂର୍ବରୁ ୟୁଏସଓଏଫ୍ ଥିଲା) ମୋବାଇଲ୍ ପ୍ରୋଜେକ୍ଟରେ ବିଏସଏନଏଲ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୧୪୧୮୦ ଡିବିଏନ୍ ପାଣ୍ଠି ବିଶିଷ୍ଟ ୪ଜି ସାଇଟ୍, ଅନ୍ୟ ଟିଏସପି ମାଧ୍ୟମରେ ୪୭୨୩ ସାଇଟ୍ ଅନ୍ତର୍ଭୁକ୍ତ, ଯାହା ଭାରତର ୨୬୭୦୭ ଦୂରଦୂରାନ୍ତ ଗ୍ରାମରେ ପ୍ରାୟ ୨ ମିଲିୟନ୍ ପରିବାରକୁ ମୋବାଇଲ୍ ସେବା ସୁବିଧା ପ୍ରଦାନ କରିବ । ଓଡ଼ିଶାରେ, ବିଏସଏନଏଲ୍ ୨୪୭୨ ଟି ଅପହଞ୍ଚ ଦୂରଦୂରାନ୍ତ ଗ୍ରାମକୁ ସେବା ପ୍ରଦାନ କରିବା ପାଇଁ ୧୬୬୫ ଟି ଟାୱାର ନିର୍ମାଣ କରିସାରିଛି। ଦୃଢ ଆତ୍ମନିର୍ଭରଶୀଳତା ପାଇଁ ସମସ୍ତ ଟାୱାରଗୁଡ଼ିକୁ ସବୁଜ ନବୀକରଣୀୟ ସୌରଶକ୍ତି ପ୍ରଣାଳୀରେ ସଜ୍ଜିତ କରାଯାଉଛି।

ସ୍ୱଦେଶୀ ୪ଜି ନେଟୱାର୍କର ଶୁଭାରମ୍ଭ ସହିତ ଭାରତ ଏକ ମାଇଲଖୁଣ୍ଟ ହାସଲ କରିଛି ଯାହା ଏହାକୁ ଘରୋଇ ୪ଜି ଟେଲିକମ୍ ଷ୍ଟାକ୍ ଥିବା କେବଳ ୫ଟି ରାଷ୍ଟ୍ର ମଧ୍ୟରେ ସ୍ଥାନିତ କରିଛି। ସ୍ୱଦେଶୀ ୪ଜି ନେଟୱାର୍କର ପ୍ରଚଳନ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଦୃଷ୍ଟିକୋଣ ସହିତ ଏକ ପରିବର୍ତ୍ତନକାରୀ ପଦକ୍ଷେପ, ଯାହା ଡିଜିଟାଲ୍ ବିଭାଜନକୁ ଦୂର କରିବ ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ, ବିଏସଏନଏଲ୍ ର ୫ଜି ଅପଗ୍ରେଡ୍ ଏବଂ ଇଣ୍ଟିଗ୍ରେସନ ପାଇଁ ପଥ ପ୍ରଶସ୍ତ କରିବ।


ବିଏସଏନଏଲ୍ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ମଧ୍ୟ ଦ୍ରୁତ ଗତିସମ୍ପନ୍ନ ଫାଇବର ଟୁ ହୋମ୍ (ଏଫଟିଟିଏଚ୍) ସଂଯୋଗ ପ୍ରଦାନ କରୁଛି । ଡିଜିଟାଲ୍ ଭାରତ ନିଧି (ଡିବିଏନ୍) ଅଧୀନରେ ସଂଶୋଧିତ ଭାରତନେଟ୍ କାର୍ଯ୍ୟକ୍ରମ (ଏବିପି) ସମସ୍ତ ଗ୍ରାମ ପଞ୍ଚାୟତକୁ କଭର କରିବା ପାଇଁ ଆରମ୍ଭ କରାଯାଉଛି, ଯେଉଁଥିରେ ସ୍କୁଲ, ଡାକ୍ତରଖାନା ପ୍ରତିଷ୍ଠାନ ଏବଂ ଗ୍ରାମାଞ୍ଚଳ ପରିବାରରେ ଦ୍ରୁତଗତିସମ୍ପନ୍ନ ଏଫଟିଟିଏଚ୍ ସଂଯୋଗ ଉପଲବ୍ଧ ହେବ।

# ଫେରିଲେ ରୋହିତ -କୋହଲି

ନୂଆଦିଲ୍ଲୀ, ୦୪।୧୦(ଏଜେନ୍ସି) : ଅଷ୍ଟ୍ରେଲିଆ ଦିନିକିଆ ଓ ଟି -୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି । ପୂର୍ବ ନିଷ୍ପତ୍ତି ଅନୁଯାୟୀ ଦିନିକିଆରେ ଭାରତର ନୂଆ ଅଧିନାୟକ ଭାବେ ଶୁଭମନ୍ ଗିଲଙ୍କୁ ଦାୟିତ୍ୱ ଦିଆଯାଇଛି । ତାଙ୍କ ଦିନିକିଆ ଯୁଗର ଆରମ୍ଭ ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳାରୁ ହେବ । ଚଳିତ ମାସ ୧୯ ରୁ ୨୯ ତାରିଖ ମଧ୍ୟରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ ଟି ଦିନିକିଆ ମ୍ୟାଚ୍ ଖେଳାଯିବ । ଦିନିକିଆ ଦଳର ଅଧିନାୟକ ଗିଲ୍ ହୋଇଥିବା ବେଳେ ଶ୍ରେୟାସ ଆୟର ଉପଅଧିନାୟକ ହୋଇଛନ୍ତି । ଦୀର୍ଘ ବ୍ୟବଧାନ ପରେ ରୋହିତ ଶର୍ମା ଓ ବିରାଟ କୋହଲି ଦଳକୁ ଫେରିଛନ୍ତି । ଯଶପ୍ରୀତ ବୁମରାଙ୍କୁ ଦିନିକିଆ ଶୃଙ୍ଖଳାରୁ ବିଶ୍ରାମ ଦିଆଯାଇଛି । କିନ୍ତୁ ୫ ମ୍ୟାଚ୍ ବିଶିଷ୍ଟ ଟି -୨୦ ଶୃଙ୍ଖଳାରେ ବୁମରା ନଜର ଆସିବେ । ଆହତ ସମସ୍ୟା କାରଣରୁ ପନ୍ତ ଜାତୀୟ ଦଳକୁ ଫେରିପାରିନାହାଁନ୍ତି । ତାଙ୍କ ବଦଳରେ ଧ୍ରୁବ ଜୁରେଲଙ୍କୁ ରାହୁଲଙ୍କ ସହ ଦ୍ୱିତୀୟ ୱିକେଟ୍ କିପର ଭାବେ ଦଳରେ ରଖାଯାଇଛି । ମହମ୍ମଦ ସାମିଙ୍କୁ ପୁଣି ନିରାଶ ହେବାକୁ ପଡିଛି । କିନ୍ତୁ ସିରାଜଙ୍କୁ ସ୍ଥାନ ମିଳିଛି । କିନ୍ତୁ ଏସିଆ କପ୍ ଫାଇନାଲ ପୂର୍ବରୁ ଆହତ ହୋଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦିନିକିଆ ଓ ଟି -୨୦ ପାଇଁ ଘୋଷଣା ହୋଇଥିବା ଦଳରେ ନାହାଁନ୍ତି । ତାଙ୍କ ବଦଳରେ ଅନ୍ୟତମ ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀଙ୍କୁ ଉଭୟ ଟି -୨୦ ଓ ଦିନିକିଆରେ ସାମିଲ କରାଯାଇଛି । ରବିନ୍ଦ୍ର ଜାଡେଜା ଟି -୨୦ ରୁ ଅବସର ନେଇସାରିଥିବାରୁ ଦିନିକିଆରେ ସେ ସ୍ଥାନ ପାଇବା ସମ୍ଭାବନା ଥିଲା କିନ୍ତୁ ଚୟନକର୍ତ୍ତା ଜାଡେଜାଙ୍କୁ ସୁଯୋଗ ଦେଇନାହାଁନ୍ତି । ତାଙ୍କ ବଦଳରେ ଅକ୍ଷର ପଟେଲ୍ ଓ ୱାଶିଂଟନ୍ ସୁନ୍ଦର ଅଲରାଉଣ୍ଡର ଭାବେ ଦିନିକିଆରେ ସ୍ଥାନ ପାଇଛନ୍ତି ।

## ଅହମ୍ମଦାବାଦ ଟେଷ୍ଟ

# ଇଣ୍ଡିଜର ଇନିଂସ ପରାଜୟ




ଅହମ୍ମଦାବାଦ, ୦୪।୧୦(ଏଜେନ୍ସି) : ମାତ୍ର ଅଢେଇ ଦିନରେ ଲଢେଇ ଶେଷ ହୋଇଛି । ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ବାଜି ମାରିଛି ଭାରତ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଭାରତ ଭ୍ରମଣକାରୀ ୱେଷ୍ଟଇଣ୍ଡିଜକୁ ଇନିଂସ ଓ ୧୪୦ ରନ୍‌ର ବ୍ୟବଧାନରେ ପରାଜିତ କରି ଶୃଙ୍ଖଳାରେ ୧-୦ରେ ଆଗୁଆ ହୋଇଛି । ରବିନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡର ପ୍ରଦର୍ଶନ, ମହମ୍ମଦ ସିରାଜଙ୍କ ଘାତକ ବୋଲିଂ, ଲୋକେଶ ରାହୁଲ ଓ ଧ୍ରୁବ ଜୁରେଲଙ୍କ ଶତକ ବଳରେ ଭାରତୀୟ ଦଳ ଘରୋଇ ମାଟିରେ ଇଣ୍ଡିଜକୁ ଧରାସାୟୀ କରିଛି । ଶୁଭମନ୍ ଗିଲ୍ ଅଧିନାୟକ ହେବା ପରେ ଘରୋଇ ମାଟିରେ ପ୍ରଥମ ଟେଷ୍ଟ ଶୃଙ୍ଖଳା ଖେଳୁଛନ୍ତି । ଇଣ୍ଡିଜ ବିପକ୍ଷ ଏହି ମ୍ୟାଚ ଓ ଭାରତୀୟ ଦଳ ତୃତୀୟ ଦିନ ଚା ପାନ ବିରତି ପୂର୍ବରୁ ଶେଷ କରିଦେଇଛି । ରବିନ୍ଦ୍ର ଜାଡେଜା ଅପରାଜିତ ୧୦୯ ରନ୍ ଓ ଦ୍ୱିତୀୟ ଇନିଂସରେ ୪ ୱିକେଟ୍ ନେଇ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତେଣୁ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଛି । ଜାଡେଜାଙ୍କ ବ୍ୟତୀତ ମହମ୍ମଦ ସିରାଜ ଦୁଇଟି ଇନିଂସରେ ୭ ୱିକେଟ୍ ଦଖଲ କରି ନିଜର ଦକ୍ଷତାର ପରିଚୟ ଦେଇଛନ୍ତି ।


ଅହମ୍ମଦାବାଦରେ ଟସ୍ ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରିଥିଲା କିନ୍ତୁ ମହମ୍ମଦ ସିରାଜ ଓ ଯଶପ୍ରୀତ ବୁମରାଙ୍କ ଘାତକ ବୋଲିଂ ଯୋଗୁଁ ଦଳ ପ୍ରଥମ ଇନିଂସରେ କେବଳ ୧୬୨ ରନ୍ କରି ଅଲଆଉଟ୍ ହୋଇଥିଲା । ସିରାଜ ୪ ଟି ଓ ବୁମରା ୩ ଟି ସଫଳତା ପାଇଥିଲେ । ଏସିଆ କପ୍‌ରେ ନିଜର ଜଲୱା ଦେଖାଇଥିବା କୁଲଦୀପ ଯାଦବ ୨ ଟି ଓ ୱାଶିଂଟନ ସୁନ୍ଦର ଗୋଟିଏ ୱିକେଟ୍ ଦଖଲ କରିଥିଲେ । ପ୍ରଥମ ଦିନ ଚା ପାନ ବିରତି ପୂର୍ବରୁ ଇଣ୍ଡିଜ ଇନିଂସରେ ପୂର୍ଣ୍ଣଚ୍ଛେଦ ପଡିଥିଲା । ଏହାପରେ ଭାରତ ବ୍ୟାଟିଂ କରିବା ସହ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୨ ୱିକେଟ୍ ହରାଇ ୧୨୧ ରନ୍ କରିଥିଲା । ଦ୍ୱିତୀୟ ଦିନରେ ଭାରତୀୟ ବ୍ୟାଟର ରନ ବର୍ଷା କରିଥିଲେ । ଲୋକେଶ ରାହୁଲ ଦୀର୍ଘ ୯ ବର୍ଷ ପରେ ଘରୋଇ ମାଟିରେ ଟେଷ୍ଟ ଶତକ ହାସଲ କରିଥିଲେ । ତାଙ୍କ ପୂର୍ବରୁ ଶଭମନ୍ ଗିଲ୍ ୫୦ ରନ୍ କରି ଆଉଟ୍ ହୋଇଥିଲେ । ରାହୁଲଙ୍କ ପରେ ଧ୍ରୁବ ଜୁରେଲଙ୍କ ମଧ୍ୟ ଟେଷ୍ଟ କ୍ୟାରିୟର ପ୍ରଥମ ଶତକ ମାରିଥିଲେ । ସେ ୧୨୫ ରନ୍‌ର ଇନିଂସ ଖେଳିଥିଲେ । ଶେଷ ଭାଗରେ ଭାରତ ପାଇଁ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଶତକ ମାରିଥିଲେ । ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ଭାରତ ୫ ୱିକେଟ୍ ହରାଇ ୪୪୮ ରନ୍ କରିଥିଲା । ଜାଡେଜା ୧୦୯ ଓ ୱାଶିଂଟନ ସୁନ୍ଦର ୯ ରନ୍ କରି ଅପରାଜିତ ଥିଲେ । ତୃତୀୟ ଦିନ ଆରମ୍ଭରୁ ଭାରତ ପାଳି ଘୋଷଣା କରିବା ସହ ଇଣ୍ଡିଜକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପ୍ରଥମ ଇନିଂସ ଭଳି ଇଣ୍ଡିଜ ଦ୍ୱିତୀୟ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଆଲିକ୍ ଆଥେଞ୍ଜ୍ ସର୍ବାଧିକ ୩୮ ଓ ଜଷ୍ଟିନ୍ ଗ୍ରେଭସ୍ ୨୫ ରନ କରିଥିଲେ । ଅନ୍ୟ କୌଣସି ବ୍ୟାଟର ସନ୍ତୋଷଜନକ ପ୍ରଦର୍ଶନ ନଦେଖାଇବାରୁ ଇଣ୍ଡିଜ୍ ଦ୍ୱିତୀୟ ଇନିଂସରେ ମାତ୍ର ୧୪୬ ରନ୍‌ରେ ଅଲଆଉଟ୍ ହୋଇଥିଲା । ତେଣୁ ଭାରତ ଗୋଟିଏ ଇନିଂସ ଓ ୧୪୦ ରନ୍ ବ୍ୟବଧାନରେ ପ୍ରଥମ ଟେଷ୍ଟକୁ ଜିତି ନେଇଛି । ପ୍ରଥମ ଇନିଂସରେ ୱିକେଟ୍ ପାଇନଥିବା ଜାଡେଜା ଦ୍ୱିତୀୟ ଇନିଂସରେ ୪ ଟି ସଫଳତା ପାଇଥିଲେ । ସିରାଜ ୩ ଟି, ଗୁଲଦୀପ ଯାଦବ ୨ ଟି ଓ ୱାଶିଂଟନ୍ ସୁନ୍ଦର ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।


## ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲର ଶୀର୍ଷରେ ଭାରତ


ଅହମ୍ମଦାବାଦରେ ଭାରତ ବଡ ବିଜୟ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ପଏଣ୍ଟ ଟେବୁଲର ୧ ନଂ ସ୍ଥାନରେ ଅଷ୍ଟ୍ରେଲିଆ ଓ ୨ ନଂ ସ୍ଥାନରେ ଶ୍ରୀଲଙ୍କା ରହିଛି । ଗିଲଙ୍କ ଅଧିନାୟକତ୍ୱରେ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଅଭିଯାନ ଆରମ୍ଭ କରିଥିବା ଭାରତ ପ୍ରଥମେ ଇଂଲଣ୍ଡ ମାଟିରେ ୫ ଟି ଟେଷ୍ଟ ଖେଳିଥିଲା । ଏହି ଶୃଙ୍ଖଳା ୨-୨ରେ ବରାବର ରହିଥିଲା । ଏବେ ଘରୋଇ ମାଟିରେ ଦଳ ଇଣ୍ଡିଜ୍ ବିପକ୍ଷରେ ଦୁଇଟି ଟେଷ୍ଟ ଖେଳିବ । ପ୍ରଥମ ଟେଷ୍ଟକୁ ଭାରତ ଜିତି ନେଇଛି । ଦ୍ୱିତୀୟ ଟେଷ୍ଟ ଚଳିତ ମାସ ୧୦ ତାରିଖରୁ ଦିଲ୍ଲୀରେ ଆରମ୍ଭ ହେବ । ଭାରତ ବିଜୟ ସତ୍ତ୍ୱେ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି । ଭାରତ ବିଜୟ ପ୍ରତିଶତ ୫୫.୫୬ ରହିଛି । ପ୍ରଥମ ସ୍ଥାନରେ ଥିବା ଅଷ୍ଟ୍ରେଲିଆ ୩ ଟି ମ୍ୟାଚ ଖେଳି ୩ ଟି ଜିତିଛି । ତେଣୁ ଅଷ୍ଟ୍ରେଲିଆର ବିଜୟ ପ୍ରତିଶତ ୧୦୦ ଶତକଡା ରହିଛି । ଶ୍ରୀଲଙ୍କା ଦୁଇଟି ଟେଷ୍ଟ ଖେଳି ଗୋଟିଏ ଜିତିଛି ଓ ଗୋଟିଏ ଡ୍ର ରହିଛି । ତେଣୁ ଶ୍ରୀଲଙ୍କାର ବିଜୟ ପ୍ରତିଶତ ୬୬.୬୭ ପଏଣ୍ଟ । ଅଷ୍ଟ୍ରେଲିଆ, ଶ୍ରୀଲଙ୍କ ଓ ଭାରତ ପରେ ଇଂଲଣ୍ଡ ଚତୁର୍ଥ ଓ ବାଂଲାଦେଶ ପଞ୍ଚମ ସ୍ଥାନରେ ରହିଛି । ଇଣ୍ଡିଜ ଏ ଯାଏ ୪ ଟି ଟେଷ୍ଟ ଖେଳିଛି । କିନ୍ତୁ ଦଳ ସମସ୍ତ ମ୍ୟାଚ ହାରିଛି । ଭାରତ ପୂର୍ବରୁ ଇଣ୍ଡିଜ ୩ ଟି ଟେଷ୍ଟ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା । ଘରୋଇ ମାଟିରେ ବି ଇଣ୍ଡିଜ ୩ ଟି ଯାକ ଟେଷ୍ଟରେ ପରାଜିତ ହୋଇଥିଲା । ଏବେ ଭାରତ ବିପକ୍ଷ ଟେଷ୍ଟ ମଧ୍ୟ ପରାଜୟରୁ ଆରମ୍ଭ ହୋଇଛି ।



| | WTC 2025 | PLD | PCT | PTS |
|---|---|---|---|---|
| 1 | AUS | 3 | 100.00 | 36 |
| 2 | SL | 2 | 66.67 | 16 |
| 3 | IND | 6 | 55.56 | 40 |
| 4 | ENG | 5 | 43.33 | 26 |
| 5 | BAN | 2 | 16.67 | 4 |







| କିଲୋୱାଟ | କେନ୍ଦ୍ର ସରକାର | ରାଜ୍ୟ ସରକାର | ସମୁଦାୟ |
|---|---|---|---|
| ୧ | ୩୦,୦୦୦ ଟଙ୍କା | ୨୫,୦୦୦ ଟଙ୍କା | ୫୫,୦୦୦ ଟଙ୍କା |
| ୨ | ୬୦,୦୦୦ ଟଙ୍କା | ୫୦,୦୦୦ ଟଙ୍କା | ୧,୧୦,୦୦୦ ଟଙ୍କା |
| ୩ ଓ ଉର୍ଦ୍ଧ୍ୱ | ୭୮,୦୦୦ ଟଙ୍କା | ୬୦,୦୦୦ ଟଙ୍କା | ୧,୩୮,୦୦୦ ଟଙ୍କା |


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି